# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୫/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, March 15/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୧୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



ବିଜୁ ଜନତା ଦଳ

## ଧନ୍ୟବାଦ ଓଡ଼ିଶାବାସୀ

### ୩୦ଟି ଜିଲ୍ଲାର ଜିଲ୍ଲା ପରିଷଦରେ ସେବା କରିବା ପାଇଁ ବିଜେଡିକୁ ଆଶୀର୍ବାଦ କରିଥିବାରୁ ଓଡ଼ିଶାବାସୀଙ୍କ ନିକଟରେ ଋଣୀ

ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଥିବା ଉଚ୍ଚ ଶିକ୍ଷିତ ଯୁବବର୍ଗଙ୍କୁ ଚୟନ କରାଯାଇଛି

ଜିଲ୍ଲା ପରିଷଦ ସଭାପତିଙ୍କ ହାରାହାରି ବୟସ ୪୧ ବର୍ଷ ରହିଛି

ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳର ମହିଳାଙ୍କୁ ଜିଲ୍ଲା ପରିଷଦ ସଭାପତି କରାଯାଇଛି

୭୦% ଜିଲ୍ଲା ପରିଷଦ ସଭାପତି ହେଉଛନ୍ତି ମହିଳା

୬୭% ଜିଲ୍ଲା ପରିଷଦ ସଭାପତି ଆସନ (ଅଣସଂରକ୍ଷିତ/ମହିଳା) ଓବିସି ସଦସ୍ୟମାନଙ୍କ ଦ୍ୱାରା ପୂରଣ କରାଯାଇଛି

*Courtesy: Shri Pranab Prakash Das, Organisational Secretary, Biju Janata Dal, Odisha*

**ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ବଳ**




# ୩୦ ଜିଲା ପରିଷଦରେ ୨୧ ମହିଳା ସଭାପତି

■ମହିଳାଙ୍କୁ ମିଳିଛି ୭୦% ଆସନ: ବିଜେଡି

■ବିଜୟ ପାଇଁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେଲା ବିଜେଡି

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଗତ ଜିଲା ପରିଷଦ ନିର୍ବାଚନରେ ବିଜୁ ଜନତା ଦଳକୁ ବିପୁଳ ସଫଳତା ମିଳିଛି। ୩୦ ଜିଲା ପରିଷଦରେ ୨୧ ଜଣ ମହିଳା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମୋଟ ଆସନର ଏହା ୭୦ ପ୍ରତିଶତ। ଏହି ବିଜୟ ପାଇଁ ବିଜେଡି ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେଇଛି। ସୋମବାର ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡିର ତିନି ମୁଖପାତ୍ର ସୁଲତା ଦେଓ, ଲୋରା ମହାପାତ୍ର ଓ ସୋଫିଆ ଆଲାମ କହିଛନ୍ତି ଯେ, ଏହି ବିଜୟ ଓଡ଼ିଶା ବିକାଶର ବିଜୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଭୋଟରମାନଙ୍କ ବିଶ୍ୱାସ ଏବଂ ବିଜେଡି ସରକାରଙ୍କ ଗରିବଙ୍କ ପ୍ରତି ଥିବା ଦରଦ ତଥା ବିକାଶମୂଳକ କାର୍ଯ୍ୟର ଫଳାଫଳ ବୋଲି କହିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ କୌଣସି ଦଳ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଜିଲା ପରିଷଦ ଗଠନ କରିଛି। ବିଜୁ ଜନତା ଦଳ ପାଇଁ ଏହି ବୃହତ୍ ବିଜୟ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱକୁ ପ୍ରତିପାଦିତ କରିଛି । ବିକାଶର କୌଣସି ବିକଳ୍ପ ନାହିଁ ବୋଲି ପ୍ରମାଣ କରି ଦେଖାଇଛି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୮୦ ପ୍ରତିଶତରୁ ଅଧିକ ଆସନ ଜିତିବା ଦେଶର ଯେ କୌଣସି ସ୍ଥାନ ସହ ତୁଳନାତ୍ମକ ନୁହେଁ। ମହିଳା, ଯୁବକ ଏବଂ ଶିକ୍ଷିତ ବ୍ୟକ୍ତି ନିଶ୍ଚିତ ଭାବରେ ଅଭିବୃଦ୍ଧି ଏବଂ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ନୂତନ ଶିଖରକୁ ନେଇଯିବେ । ଇତିହାସରେ ଏହା ପ୍ରଥମ ଥର ଯେ ଏତେ ସଂଖ୍ୟକ ମହିଳା ଓଡ଼ିଶାର ଜିଲାରେ ନେତୃତ୍ୱ ନେବାକୁ ଯାଉଛନ୍ତି । ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ସୁନ୍ଦରଗଡ଼, ବଲାଙ୍ଗୀର, ସମ୍ବଲପୁର ଏବଂ ଅବିଭକ୍ତ କୋରାପୁଟ ଜିଲା (ନବରଙ୍ଗପୁର ବ୍ୟତୀତ) ମହିଳା ଜିଲାପରିଷଦ ସଭାପତିଙ୍କ ହାତକୁ ଯାଇଛି । ସେମାନଙ୍କର ହାରାହାରି ବୟସ ୪୧ ବର୍ଷ। ୧୮ଟି ଅଣସଂରକ୍ଷିତ ଆସନ ମଧ୍ୟରୁ (ମହିଳାଙ୍କୁ ଅନ୍ତର୍ଭୁକ୍ତ କରି) ୧୨ ଜଣ ଓବିସି ପ୍ରାର୍ଥୀ (୬୭%)ଙ୍କୁ ଜିଲା ପରିଷଦ ସଭାପତି କରାଯାଇଛି । ଓବିସି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିବଦ୍ଧତା ଅନୁଯାୟୀ ଏହା ହୋଇଛି ବୋଲି ନାରୀ ନେତ୍ରୀମାନେ କହିଛନ୍ତି । ନିଜ ଜିଲା ଗଞ୍ଜାମରେ ମୁଖ୍ୟମନ୍ତ୍ରୀ ଜଣେ ଓବିସି ମହିଳା ପ୍ରାର୍ଥୀ ଅଞ୍ଜଳି ସ୍ୱାଇଁଙ୍କୁ ଜିଲାପରିଷଦର ସଭାପତି ଭାବେ ଚୟନ କରିଛନ୍ତି । ମହିଳା ସଶକ୍ତୀକରଣର ଅନ୍ୟ ଏକ ଉଦାହରଣ ହେଉଛି ସରସ୍ୱତୀ ମାଝି। ସେ ସୁଦୂର କାଶୀପୁର ଅଞ୍ଚଳର । ମାତ୍ର ୨୩ ବର୍ଷ ବୟସ୍କା ଆଦିବାସୀ ନେତ୍ରୀ ସର୍ବକନିଷ୍ଠା ଜିଲା ପରିଷଦ ସଭାପତି ଭାବରେ ମନୋନୀତ ହୋଇଛନ୍ତି । ବିଜ୍ଞାନରେ ସ୍ନାତକ ଏହି ନେତ୍ରୀ ଏବେ ରାୟଗଡା ଜିଲାର ବିକାଶମୂଳକ କାର୍ଯ୍ୟକଳାପର ନେତୃତ୍ୱ ନେବେ । ମୁଖ୍ୟମନ୍ତ୍ରୀ ମାଲକାନଗିରିର ଜିଲାପରିଷଦର ସଭାପତି ଭାବରେ ସମାରୀ ଟାଙ୍ଗୁଲଙ୍କୁ ଚୟନ କରିଛନ୍ତି । ସେ ୨୬ ବର୍ଷ ବୟସର ଓ +୨ ଅଧ୍ୟୟନ କରିଛନ୍ତି । ସେ ମାଲକାନଗିରି ବିକାଶର ନେତୃତ୍ୱ ନେଉଛନ୍ତି । କୁନ୍ତୀ ପ୍ରଧାନଙ୍କୁ ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଞ୍ଚଳରେ ଜିଲାପରିଷଦ ସଭାପତି ହେବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ସେହିପରି ନବ ନିର୍ବାଚିତ ଜିଲା ପରିଷଦ ସଭାପତି କୁମୁଦିନୀ ନାୟକଙ୍କୁ ସମ୍ବଲପୁର ପାଇଁ ଚୟନ କରାଯାଇଛି। ୩୦ ଜିଲା ପାଇଁ ଯୁବ ତଥା ଉଚ୍ଚଶିକ୍ଷିତ ପ୍ରାର୍ଥୀଙ୍କୁ ଚୟନ କରିଛନ୍ତି। ୩୦ ଜିଲା ମଧ୍ୟରୁ ୧୫ ଜଣ ନୂତନ ଜିଲା ପରିଷଦ ସଭାପତି ହୋଇଛନ୍ତି। ସେମାନଙ୍କର ବୟସ ୪୦ ବର୍ଷରୁ କମ୍ । ସେହିପରି ୨୩ଟି (୭୬%)ରେ ୫୦ ବର୍ଷରୁ କମ୍ ବୟସର ଜିଲା ପରିଷଦ ସଭାପତି ଅଛନ୍ତି । ଏହା ଯୁବ ସଶକ୍ତୀକରଣକୁ ସ୍ପଷ୍ଟ ଭାବେ ସୂଚାଉଛି । ବିଜେଡିରେ ଯୁବ ନେତୃତ୍ୱର କୌଣସି ଅଭାବ ନାହିଁ । ଦଳ ଆଗାମୀ ପିଢ଼ିର ନେତାମାନଙ୍କୁ ଜିଲା ଓ କ୍ଷେତ୍ର ସ୍ତର ପାଇଁ ପ୍ରସ୍ତୁତ କରୁଛି। ଜିଲାଗୁଡ଼ିକରେ ଭଲ ଲୋକସମ୍ପର୍କ, ନେତୃତ୍ୱ ତଥା ଉତ୍ତମ ଶାସନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷିତ ପ୍ରାର୍ଥୀଙ୍କୁ ବାଛିଥିବା ନାରୀ ନେତ୍ରୀମାନେ କହିଛନ୍ତି।

# ପରାଜୟ ଆକ୍ଷେପ ଉଜାଡ଼ିଲା ସଂସାର

## ବିଜୟୀ ପ୍ରାର୍ଥୀଙ୍କ ଟାହିଟାପରାରେ ଅତିଷ୍ଠ ସମିତିସଭ୍ୟ ପ୍ରାର୍ଥିନୀ ବିଷ ପିଇଲେ, ସ୍ୱାମୀଙ୍କ ଆତ୍ମହତ୍ୟା

ଭଦ୍ରକ ଅଫିସ/ପଦ୍ମପୁର, ୧୪।୩ (ଡି.ଏନ.ଏ.)

ନିର୍ବାଚନରେ ହାରିବା ଓ ବିଜୟୀ ପ୍ରାର୍ଥୀଙ୍କ ଆକ୍ଷେପ ସହି ନ ପାରି ଜଣେ ପରାଜିତ ସମିତିସଭ୍ୟ ପ୍ରାର୍ଥିନୀଙ୍କ ସଂସାର ଉଜୁଡ଼ିଯାଇଛି। ରବିବାର ବିଳମ୍ବିତ ରାତିରେ ଉକ୍ତ ପ୍ରାର୍ଥିନୀ ବିଷପିଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ବଡ଼ଅଗାପୁର ଗାଁରେ।

ସୂଚନା ଅନୁଯାୟୀ, ଗାଁର ସୁମତି ପରିଡ଼ା ସ୍ୱାଧୀନ ଭାବେ ସମିତିସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିଲେ। ରବିବାର ସନ୍ଧ୍ୟାରେ ବିଜୟୀ ପ୍ରାର୍ଥୀଙ୍କ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ରାଜନୈତିକ ବିବାଦକୁ କେନ୍ଦ୍ରକରି ସୁମତିଙ୍କ ସ୍ୱାମୀ ରମାକାନ୍ତ ପରିଡ଼ାଙ୍କ ସହ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକମାନଙ୍କର ପାଟିତୁଣ୍ଡ ହୋଇଥିଲା। ସେମାନେ ତାଙ୍କୁ ବିଭିନ୍ନ ବିଷୟକୁ ନେଇ ଆକ୍ଷେପ କରିଥିଲେ। ଏହାକୁ ନେଇ ରାତିରେ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ରମାକାନ୍ତ ଘରର ଆସବାବପତ୍ରରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ମର୍ମାହତ ସୁମତି ବିଷ ପିଇ ଦେଇଥିବା ବେଳେ ରମାକାନ୍ତ ଘର ଫ୍ୟାନ୍‌ରେ ଦଉଡ଼ି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ରମାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୁମତିଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମୃତ ରମାକାନ୍ତଙ୍କ ବାପା ରମେଶ ପରିଡ଼ା ସୋମବାର ଅପରାହ୍ନରେ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି।

ବାସୁଦେବପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ହୋଇ ମୃତଦେହ ସନ୍ଧ୍ୟାରେ ଗାଁରେ ପହଞ୍ଚିବା ପରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ପଦ୍ମପୁର-ବିରସ ରାସ୍ତାର ବଡ଼ଅଗାପୁର ଛକ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ବାସୁଦେବପୁର ଥାନାଧିକାରୀ ଅମିତ୍ କୁମାର ଭୁୟାଁ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ୩ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଭୁୟାଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ବଡ଼ଅଗାପୁର ଛକରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

# କଂଗ୍ରେସର ପରାଜୟ ପାଇଁ ଗାନ୍ଧୀ ପରିବାର ଦାୟୀ: ଅମରିନ୍ଦର

ଚଣ୍ଡିଗଡ଼,୧୪।୩



ଅମରିନ୍ଦର ସିଂ

ପଞ୍ଜାବ ସମେତ ୫ ରାଜ୍ୟରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଗାନ୍ଧୀ ପରିବାର ଦାୟୀ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପଞ୍ଜାବ ଲୋକ କଂଗ୍ରେସ ପାର୍ଟି ମୁଖ୍ୟ ଅମରିନ୍ଦର ସିଂ କହିଛନ୍ତି। କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକରେ ପରାଜୟ ପାଇଁ ଅମରିନ୍ଦରଙ୍କୁ ଦୋଷ ଦେବାକୁ ଉଦ୍ୟମ ହୋଇଥିବାରୁ ସେ ଏହାର କଡ଼ା ସମାଲୋଚନା କରିଛନ୍ତି। ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ ବିବାଦରୁ ଅମରିନ୍ଦର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଦଳ ଛାଡ଼ିଥିଲେ। ଦଳ ଚରଣଜିତ୍ ସିଂଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରିଥିଲା। ଆମ୍ ଆଦ୍‌ମୀ ପାର୍ଟି ନିର୍ବାଚନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବା ସହ ଚନ୍ନି ସରକାରଙ୍କୁ କ୍ଷମତାଚ୍ୟୁତ କରିଛି। ଅମରିନ୍ଦରଙ୍କ ଦଳକୁ ଗୋଟିଏ ହେଲେ ଆସନ ମିଳିନାହିଁ। ଗାନ୍ଧୀ ପରିବାରର ନେତୃତ୍ୱ ଉପରୁ ଦେଶବାସୀ ଆସ୍ଥା ହରାଇସାରିଲେଣି। ସମସ୍ତ ୫ ରାଜ୍ୟରେ କଂଗ୍ରେସର ଲଜ୍ଜାଜନକ ପରାଜୟ ପାଇଁ ଏହି ପରିବାର ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି କ୍ୟାପ୍‌ଟେନ ଅମରିନ୍ଦର କହିଛନ୍ତି।

# ବିଜେଡି ନେତ୍ରୀଙ୍କ ଘରକୁ ବୋମାମାଡ଼

ବରୀ,୧୪।୩(ଡି.ଏନ.ଏ.)

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଘଟିଛି। ଗତ ୯ ତାରିଖରେ ବରୀ ବ୍ଲକ ଅଧୀନ ବାଲିଆଠାରେ ଏକ ବ୍ୟବସାୟିକ ପ୍ରତିଷ୍ଠାନକୁ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିଲେ। ଏହାପରେ ରବିବାର ରାତିରେ ଏକ ଭେରାଇଟି ଷ୍ଟୋର୍ ଜାଳିଦେବା ସହ ବ୍ଲକ୍ ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥ ଶର୍ମାଙ୍କ ଅଳିପୁରସ୍ଥିତ ଘରକୁ ବୋମାମାଡ଼ କରିଛନ୍ତି। ଏ ସମସ୍ତ ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଜ୍ୟୋତ୍ସ୍ନାରାଣୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଦୁର୍ବୃତ୍ତ ତାଙ୍କ ଘର କାନ୍ଥକୁ ବୋମାମାଡ଼ କରି ଫେରାର ହୋଇ ଯାଇଛନ୍ତି। ତେଣୁ ତାଙ୍କ ଘର ସମ୍ମାରେ ଜଣେ ବ୍ୟକ୍ତିଙ୍କ ଲାଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି। ପୋଲିସ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାରେ ତତ୍ପରତା ଦେଖାଉ ନ ଥିବାରୁ ଲଗାତର ଏଭଳି ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି କୁହାଯାଉଛି। ଘଟଣାର ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବରୀ ପୋଲିସ ପକ୍ଷରୁ କୁହାଯାଇଛି।




# ୪ ରାଜ୍ୟ ଲାଗି ଭାଜପା ପର୍ଯ୍ୟବେକ୍ଷକ ନିଯୁକ୍ତ

ନୂଆଦିଲ୍ଲୀ,୧୪।୩

ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ଭାଜପା ସରକାର ଗଢ଼ିବାକୁ ଯାଉଥିବାବେଳେ ନବନିର୍ବାଚିତ ବିଧାୟକ ଦଳ ନେତା ବାଛିବା ଲାଗି ସୋମବାର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ଉତ୍ତରପ୍ରଦେଶ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବାବେଳେ ତାଙ୍କୁ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ସହଯୋଗ କରିବେ। ସେହିପରି ଉତ୍ତରାଖଣ୍ଡରେ ବିଧାୟକ ଦଳ ନେତା ନିର୍ବାଚନ କାର୍ଯ୍ୟର ଅନୁଧ୍ୟାନ ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ମୀନାକ୍ଷୀ ଲେଖିଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଗୋଆରେ ସରକାର ଗଠନ ପ୍ରକ୍ରିୟାର ଅନୁଧ୍ୟାନ ପାଇଁ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ଏଲ୍. ମୁରୁଗାନ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ ଭାଜପା ୨୦ ଆସନରେ ବିଜୟୀ ହୋଇଥିବାବେଳେ ଏହାକୁ ମହାରାଷ୍ଟ୍ର ଗୋମନ୍ତକ ପାର୍ଟି (ଏମ୍‌ଜିପି) ଏବଂ ସ୍ୱାଧୀନ ବିଧାୟକ ସମର୍ଥନ ଦେଇଛନ୍ତି। ସେହିପରି ମଣିପୁରରେ ଭାଜପା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ଆଇନମନ୍ତ୍ରୀ କିରେନ ରିଜିଜୁଙ୍କୁ ବିଧାୟକ ଦଳ ନେତା ନିର୍ବାଚନ ଦାୟିତ୍ୱ ଦିଆଯାଇଛି।

# ଚୂଡ଼ାନ୍ତ ତାଲିକାରେ ୬୪୧୧ ପ୍ରାର୍ଥୀ

**୨୪ରେ ପୌର ନିର୍ବାଚନ**

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ପୌର ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ପ୍ରତ୍ୟାହାର ଅବଧି ଶେଷ ହେବା ସହ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ୬୪୧ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବାବେଳେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ୬୪୧୧ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୦୨ ଜଣ ଅଧ୍ୟକ୍ଷ/ମେୟର ପ୍ରାର୍ଥୀ ଓ ୫୩୯ ଜଣ କାଉନସିଲର /କର୍ପୋରେଟର ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ମୋଟ ୫୮୪୨ଜଣ କର୍ପୋରେଟର ଓ କାଉନସିଲର ପ୍ରାର୍ଥୀ ଥିବାବେଳେ ୫୬୯ଜଣ ମେୟର ଓ ଅଧ୍ୟକ୍ଷ ପଦବୀ ନିମନ୍ତେ ମଇଦାନରେ ରହିଛନ୍ତି। ଆସନ୍ତା ୨୪ ତାରିଖରେ ଏହି ପ୍ରାର୍ଥୀମାନେ ନିଜର ଭାଗ୍ୟ ପରୀକ୍ଷା କରିବେ।

୩ ମହାନଗର ନିଗମର ୧୬୮ ୱାର୍ଡ ସମେତ ୧୦୬ ପୌରପାଳିକା ଓ ଏନଏସିର ମୋଟ ୧୮୯୯ ୱାର୍ଡରେ ୬୪୫୯ କର୍ପୋରେଟର/କାଉନସିଲର ପଦବୀ ପାଇଁ ପ୍ରାର୍ଥୀ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୭୮ଜଣଙ୍କ ନାମାଙ୍କନପତ୍ର ରଦ୍ଦ ହୋଇଥିବାବେଳେ ୫୩୯ଜଣ ନିଜର ନାମାଙ୍କନ ପତ୍ର ଫେରାଇ ନେଇଛନ୍ତି। ନାମାଙ୍କନ ପତ୍ର ଯାଞ୍ଚରେ ମୋଟ ୧୦୦ଜଣ(୭୮ଜଣ କାଉନସିଲର/କର୍ପୋରେଟର ପ୍ରାର୍ଥୀ)ଙ୍କ ପ୍ରାର୍ଥିପତ୍ର ରଦ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୪୭ ପୌର ପରିଷଦ ଓ ୫୯ ଏନଏସିର ମୋଟ ୧୮୯୯ ୱାର୍ଡରେ ଆସନ୍ତା ୨୪ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ୪,୪୭୫ ବୁଥ୍‌ରେ ପ୍ରାୟ ୪୧ ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ।

# ରାଜ୍ୟବ୍ୟାପୀ ସତ୍ୟାଗ୍ରହ କଲା ଭାଜପା

## ଚିଲିକା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଭୁବନେଶ୍ୱର ଏଡିଏମ୍ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ସୋମବାର ସତ୍ୟାଗ୍ରହ କରାଯାଇଛି।

ଭୁବନେଶ୍ୱର, ୧୪।୩(ବ୍ୟୁରୋ)

ହିଂସାପରାୟଣ ବିଜେଡିର ନଗ୍ନଚିତ୍ର ଏବେ ପରଦାକୁ ଆସିଛି। କଳ, ବଳକୁ ଅପବ୍ୟବହାରକରି ଶାସନ କ୍ଷମତାକୁ ଜାବୁଡ଼ି ଧରି ରହିଥିବା ବିଜେଡି ବର୍ତ୍ତମାନ ବିରୋଧୀଙ୍କ ପ୍ରତି ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିବା ଅତ୍ୟନ୍ତ ଲଜ୍ଜାଜନକ ଏବଂ ସୁସ୍ଥ ଗଣତନ୍ତ୍ର ପ୍ରତି ସମ୍ପୂର୍ଣ୍ଣ ବିପଦ। ଗଣତନ୍ତ୍ର ଏବେ ଆତଙ୍କତନ୍ତ୍ରରେ ପରିଣତ ହୋଇଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇଦେବା ଘଟଣାକୁ ନେଇ ଭାଜପା ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ରାଜ୍ୟର ସମସ୍ତ ସହରାଞ୍ଚଳ, ବ୍ଲକ ଏବଂ ଜିଲା ମୁଖ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ମୁହଁରେ କଳାପଟି ବାନ୍ଧି ସତ୍ୟାଗ୍ରହ କରାଯାଇଛି। ସମାନଭାବେ ରାଜଧାନୀରେ ମଧ୍ୟ ସତ୍ୟାଗ୍ରହ କରାଯାଇଛି।

ବିଜେଡିର ହିଂସାତ୍ମକ ଆଚରଣ ପ୍ରତିବାଦରେ ଭାଜପା ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁହଁରେ କଳାପଟି ବାନ୍ଧି ସତ୍ୟାଗ୍ରହ ଆନ୍ଦୋଳନ କରିଥିଲେ । ଏହି ଅବସରରେ ସେ କହିଛନ୍ତି, ଗତ ୧୨ ତାରିଖରେ ଚିଲିକା ବିଧାୟକ ମଦ ପିଇ ଗାଡ଼ି ଚଳାଇ ବାଣପୁରଠାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ମାରିବାର ହୀନ ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ । ରାଜନୀତିରେ ହିଂସାର ସ୍ଥାନ ନାହିଁ। ଏଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ମଧ୍ୟ ଗ୍ରହଣୀୟ ନୁହେଁ। ଜଗଦେବଙ୍କ ଆପରାଧିକ ଭିତ୍ତିଭୂମି ଓ କାର୍ଯ୍ୟକଳାପର ଇତିହାସ ଥିବା ସତ୍ତ୍ୱେ ବିଜେଡି ତାଙ୍କୁ ପ୍ରୋତ୍ସାହିତ କରି ଆସୁଥିଲା । ମିଛ ନିଲମ୍ବନର ନାଟକ କରି ଶାସକ ଦଳ ରାଜ୍ୟବାସୀଙ୍କୁ ଭ୍ରମିତ କରିଛି । ଅନ୍ୟପଟେ ବ୍ଲକ ନିର୍ବାଚନରେ ନିଜ ପରାଜୟକୁ ସହ୍ୟ କରି ନ ପାରି ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଭୟଭୀତ କରିବାର ପ୍ରୟାସ କରାଯାଇଛି । ଏହା ସମ୍ପୂର୍ଣ୍ଣ ଭାବେ 'ମିଛ ନିଲମ୍ବନ, ସତ ଆକ୍ରମଣ' ଥିଲା ବୋଲି ବିଧାୟକଙ୍କ ଅମାନବୀୟ ଆଚରଣରୁ ସ୍ପଷ୍ଟ ହୋଇଛି । ସେହିପରି ଭୁବନେଶ୍ୱର ଝାରପଡ଼ାରେ ଭାଜପା କର୍ପୋରେଟର ପ୍ରାର୍ଥୀଙ୍କ ପରିବାର ସଦସ୍ୟଙ୍କୁ ବିଜେଡି ନେତା ଓ ଗୁଣ୍ଡାଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ କରାଯିବା ଅତ୍ୟନ୍ତ ଘୃଣ୍ୟ କାର୍ଯ୍ୟ । ମୁଖ୍ୟମନ୍ତ୍ରୀ ନିଜର ଛତ୍ରଛାୟା ତଳେ ବିଜେଡି ନେତାଙ୍କୁ ରଖି ହିଂସାକୁ ଅଧିକ ପ୍ରବର୍ତ୍ତାଉଛନ୍ତି। ବିଧାୟକଙ୍କ ହିଂସା ଗଣତନ୍ତ୍ର ପ୍ରତି କୁଠାରାଘାତ ଏବଂ ଏଭଳି ହିଂସାକୁ ସମର୍ଥନ କରିବା ଅନୁଚିତ। ତାଙ୍କୁ ତୁରନ୍ତ ବହିଷ୍କାର କରାଯାଇ ଫାଷ୍ଟଟ୍ରାକ୍ କୋର୍ଟ ଜରିଆରେ କଠୋରଦଣ୍ଡ ପ୍ରଦାନ କରାଯାଉ ବୋଲି ଭାଜପା ଦାବି କରିଛି।

## ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ ପାଇଁ ଭାଜପା ଚେଷ୍ଟା ଚଳାଇଛି: ବିଜେଡି

ଭୁବନେଶ୍ୱର,୧୪।୩(ବ୍ୟୁରୋ): ଓଡ଼ିଶା ଭାଜପା ଅଭ୍ୟାସଗତ ଭାବେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ ଓ ଭ୍ରମିତ କରିବା ସହିତ ଦ୍ୱନ୍ଦ୍ୱରେ ପକାଇବାକୁ ଚେଷ୍ଟା କରୁଛି। ଏଭଳି କାର୍ଯ୍ୟ ପାଇଁ ଓଡ଼ିଶାର ଲୋକମାନେ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଥିବାବେଳେ ଓଡ଼ିଶା ଭାଜପା ଏଥିରୁ କିଛି ଶିଖିପାରୁ ନାହିଁ ବୋଲି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର କହିଛନ୍ତି । ଭାଜପା ଖବରଦାତା ସମ୍ମିଳନୀର ଜବାବ ଦେଇ ପାତ୍ର କହିଛନ୍ତି ଯେ, ରାଜନୈତିକ ଫାଇଦା ହାସଲ କରିବାକୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ପୁନର୍ବାର ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇବା ଏବଂ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ଏଭଳି କୌଶଳ ଓଡ଼ିଶା ଭାଜପାର ଜାରି ରହିଛି । ଭାଜପାର ଜ୍ଞାନ ଉଦୟ ହେଉ ଏବଂ ସେମାନେ ବୁଝନ୍ତୁ ଯେ ଓଡ଼ିଶାର ଲୋକମାନେ ବୁଦ୍ଧିମାନ ଓ ସ୍ମାର୍ଟ। ସେମାନେ ଓଡ଼ିଶା ଭାଜପାର ଏପରି ଶସ୍ତା କୌଶଳ ଦେଖୁଛନ୍ତି । ଏଥିପାଇଁ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଆଗାମୀ ଦିନରେ ବି ସେମାନଙ୍କୁ ପୁନର୍ବାର ପ୍ରତ୍ୟାଖ୍ୟାନ କରିବେ ବୋଲି ପାତ୍ର କହିଛନ୍ତି।

# ମଇଦାନ ଛାଡ଼ିଲେ ୫୨ କର୍ପୋରେଟର ପ୍ରାର୍ଥୀ

**ଭୁବନେଶ୍ୱର ମହାନଗର ନିଗମ**

■ଶେଷ ଦିନରେ ୪୪ ପ୍ରତ୍ୟାହାର, ଅଧିକାଂଶ ବିଜେଡିରୁ ଆଶାୟୀ ଥିଲେ

■ନିର୍ବାଚନ ଲଢ଼ିବେ ୨୯୦ଜଣ

ଭୁବନେଶ୍ୱର, ୧୪।୩ (ବ୍ୟୁରୋ)

ଆସନ୍ତା ୨୪ରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ସୋମବାର ଶେଷ ହୋଇଛି। ଶେଷ ଦିନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ୪୪ଜଣ କର୍ପୋରେଟର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ପ୍ରଥମ ଦିନରେ ୮ଜଣ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିଲେ। ଫଳରେ ଏହାକୁ ମିଶାଇ ମୋଟ ୫୨ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରୁ ଓହରି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବିଜେଡିରୁ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ବିଦ୍ରୋହୀ ପ୍ରାର୍ଥୀଙ୍କୁ ମନାଇବା ଓ ଦମନ ପାଇଁ ଦଳ ପକ୍ଷରୁ କଳବଳ କୌଶଳ ଆପଣାଯାଇଥିଲା। ଶେଷରେ ସେଥିରେ ସଫଳତା ମିଳିଥିବା କୁହାଯାଉଥିଲେ ମଧ୍ୟ ଅଳ୍ପ କେତେକ ସ୍ଥାନରେ ବିଦ୍ରୋହୀ ରହିଥିବା ସୂଚନା ମିଳିଛି। ଚଳିତ ନିର୍ବାଚନରେ ୬୭ ୱାର୍ଡ ପାଇଁ ମୋଟ ୩୪୩ଜଣ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଖାରଜ ହୋଇଥିଲା। ବାକି ୩୪୨ଜଣଙ୍କ ମଧ୍ୟରୁ ଏବେ ୫୨ଜଣ ଓହରିଯାଇଥିବାରୁ ଆଉ ୨୯୦ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ୧୨ ମେୟର ପ୍ରାର୍ଥୀଙ୍କ ମଧ୍ୟରୁ କେହି ନାମାଙ୍କନପତ୍ର ପ୍ରତ୍ୟାହାର କରି ନ ଥିବା ଜଣାପଡିଛି। ତେବେ ପ୍ରାର୍ଥିପତ୍ର ପ୍ରତ୍ୟାହାରକାରୀଙ୍କ ମଧ୍ୟରେ ରହିଛନ୍ତି, ୱାର୍ଡ ନଂ.୩ରୁ ସସ୍ମିତା ସେଠୀ, ୫ରୁ ବିଜୟଲକ୍ଷ୍ମୀ ରାଉତ, ୭ରୁ ସୁଶୀଲ କୁମାର ପଣ୍ଡା, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଈଶ୍ୱର ଚନ୍ଦ୍ର ସ୍ୱାଇଁ ଓ ସ୍ୱର୍ଣ୍ଣପ୍ରଭା ରାୟ, ୧୦ରୁ ସ୍ୱାଗତିକା ରାଉତ, ଦିଲୀପ କୁମାର ନାୟକ, ୧୧ରୁ ସ୍ମରଣିକା ମହାନ୍ତି ଓ ରଶ୍ମିତା ମହାନ୍ତି, ୧୨ରୁ ସସ୍ମିତା ସେଠୀ, ୧୩ରୁ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ରଞ୍ଜିତା ସେଠୀ ଓ ତପସ୍ୱିନୀ ଦାସ, ୧୪ରୁ ମିନିରାଣୀ ସିଂ, ସନ୍ଧ୍ୟାରାଣୀ ମଲ୍ଲିକ ଓ ରେବତୀ ସ, ୧୬ରୁ ଚୌଧୁରୀ ବିକାଶ ଦାସ, ଅକ୍ଷୟ କୁମାର ବେହେରା ଓ ପ୍ରଶାନ୍ତ କୁମାର ସ୍ୱାଇଁ ୧୭ରୁ ଦୀପ୍ତିରେଖା ପାଇକରାୟ, ସୁସ୍ମିତା ଦାସ ଓ ବିଜୟିନୀ ବେହେରା, ୧୮ରୁ ଧିରେନ୍ଦ୍ର କୁମାର ବେହେରା, ୧୯ରୁ ପୁନମ୍ ପରିଡ଼ା ଓ ଜ୍ୟୋତ୍ସ୍ନାରାଣୀ ରାଉତରାୟ, ୨୦ରୁ ଗଦାଧର ପ୍ରଧାନ ଓ ପ୍ରସନ୍ନ କୁମାର ସାହୁ, ୨୨ରୁ ଦ୍ରୌପଦୀ ମଣିସିଂ, ୨୫ରୁ ଅକ୍ଷୟ କୁମାର ବାରିକ, ୨୭ରୁ ବସନ୍ତ କୁମାର ପ୍ରଧାନ ଓ ଅକ୍ଷୟ କୁମାର ମହାନ୍ତି, ୨୯ରୁ ଶେଖ୍ ନିଜାମ ଉଦ୍ଦିନ୍, ୩୦ରୁ ନୀହାର ରଞ୍ଜନ ପତି, ୩୬ରୁ ଦେବାଶିଷ ସିଟ୍, ୩୮ରୁ ପ୍ରଣତି ମିଶ୍ର ଓ ରାଜଶ୍ରୀ ମହାନ୍ତି, ୩୯ରୁ ପ୍ରତିଭା ସାମନ୍ତରାୟ, ୪୧ରୁ ମମତା ସାହୁ ଓ ଗାୟତ୍ରୀ ପଣ୍ଡା, ୪୫ରୁ ପ୍ରଶାନ୍ତ କୁମାର ନାୟକ, ୪୮ରୁ ଜ୍ୟୋତିର୍ମୟୀ ସାହୁ ଓ ସ୍ମିତାରାଣୀ ମହାନ୍ତି, ୫୨ରୁ ଚିନ୍ମୟ କୁମାର ମାଝୀ, ୫୩ରୁ ବନଶ୍ରୀ ଦାସ, ୫୯ରୁ ଲିଙ୍ଗରାଜ ମହାନ୍ତି, ୬୩ରୁ ଲକ୍ଷ୍ମୀପ୍ରିୟା ମହାନ୍ତି, ୬୫ରୁ ଦୀପ୍ତିମୟୀ ପାଟଶାଣୀ, ସସ୍ମିତା ପାତ୍ର ଓ କିଶୋରୀ ମୋହନ ପଟ୍ଟନାୟକ ଏବଂ ୬୭ରୁ ଗୀତାରାଣୀ ରଥ।

# ଧରିତ୍ରୀ
DHARITRI

ମଙ୍ଗଳବାର, ମାର୍ଚ୍ଚ ୧୫/୨୦୨୨ (୧୮ ପୃଷ୍ଠା) | Tuesday, March 15/2022 | ପୃଷ୍ଠା-୧




**ଆୟାର ଶ୍ରେଷ୍ଠ ଖେଳାଳି**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ ପକ୍ଷରୁ ଫେବୃୟାରୀ ମାସର ଶ୍ରେଷ୍ଠ ପୁରୁଷ ଖେଳାଳି ଭାବେ ବିବେଚିତ ହୋଇଛନ୍ତି ଭାରତର ଶ୍ରେୟାସ ଆୟାର। ୧୬

୧୨ **'ଅପୂର୍ବା'ରେ ତାରା**

ମୁରାଦ ଖେତାନିଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ନାରୀକୈନ୍ଦ୍ରିକ ଫିଲ୍ମ 'ଅପୂର୍ବା'ରେ ଅଭିନୟ କରିବେ ତାରା ସୁତାରିଆ।



# ଏପ୍ରିଲ ୨୯ରୁ ମେ' ୭ ମାଟ୍ରିକ ପରୀକ୍ଷା

**କଟକ ଅଫିସ,୧୪।୩**

ଆସନ୍ତା ଏପ୍ରିଲ ୨୯ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା(ସମେଟିଭ ଆସେସମେଣ୍ଟ-୨)। ଏ ନେଇ ସୋମବାର ବୋର୍ଡ ପକ୍ଷରୁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଏପ୍ରିଲ ୨୯ରୁ ମେ' ୭ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ୨୯ ତାରିଖରେ ଇଂଲିଶ, ମେ' ୨ରେ ଗଣିତ, ୪ରେ ସାଧାରଣ ବିଜ୍ଞାନ, ୫ରେ ପ୍ରଥମ ଭାଷା, ୬ରେ ତୃତୀୟ ଭାଷା ଏବଂ ୭ ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ। ପ୍ରତ୍ୟେକ ବିଷୟ ପାଇଁ ୨ ଘଣ୍ଟା ସମୟ ରହିଥିବାବେଳେ କେବଳ ଗଣିତ ପାଇଁ ୨ ଘଣ୍ଟା ୧୫ ମିନିଟ୍ ସମୟ ଦିଆଯିବ। ତେବେ ପ୍ରାକ୍ଟିକାଲ ପରୀକ୍ଷା ଏପ୍ରିଲ ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ନିଜ ସ୍କୁଲରେ ହେବ। ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓସେପା) ତତ୍ତ୍ୱାବଧାନରେ ଏହି ପ୍ରାକ୍ଟିକାଲ ପରୀକ୍ଷା ହେବାକୁ ଥିବା ବେଳେ ଏପ୍ରିଲ ୨୨ ମଧ୍ୟରେ ବୋର୍ଡ ନିକଟରେ ମାର୍କ ଦାଖଲ ହେବ। ହାଇସ୍କୁଲ ପିଲାମାନେ ଗୋଟିଏ ଦିନରେ ଗୋଟିଏ ବିଷୟରେ ପରୀକ୍ଷା ଦେବେ। ଷ୍ଟେଟ୍ ଓପନ୍ ସ୍କୁଲ ପିଲାମାନେ ୨ଟି ସିଟିଂରେ ପରୀକ୍ଷା ଦେବେ। ପ୍ରଥମ ସିଟିଂ ସକାଳ ୮ଟା ଓ ଦ୍ୱିତୀୟ ସିଟିଂ ୧୧ଟାରୁ ଆରମ୍ଭ ହେବ। ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ଭିନ୍ନ ରହିବ। ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ମୋଟ୍ ୪ଟି ସେଟ୍ ପ୍ରଶ୍ନପତ୍ର ରହିବ। ଏଥିସହ ଯଥାସମ୍ଭବ ନିଜ ସ୍କୁଲରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ନିଜ ସ୍କୁଲରେ ହୋଇ ନ ପାରିଲେ ନିକଟସ୍ଥ ସ୍କୁଲରେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବିଷୟ ପାଇଁ ୮୦ ମାର୍କର ପରୀକ୍ଷା ହେବ। ସେଥିମଧ୍ୟରୁ ୫୦ ମାର୍କ ☞ପୃଷ୍ଠା-୨

**ପ୍ରକାଶ ପାଇଲା କାର୍ଯ୍ୟସୂଚୀ**

- ପ୍ରଥମ ଦିନ ଇଂଲିଶ
- ୮ଟାରେ ପ୍ରଥମ, ୧୧ଟାରେ ଦ୍ୱିତୀୟ ସିଟିଂ
- ୪ ସେଟ ରହିବ ପ୍ରଶ୍ନପତ୍ର
- ଗଣିତ ପାଇଁ ଅଧିକ ୧୫ ମିନିଟ୍ ସମୟ
- ଏପ୍ରିଲ ୨ରୁ ୧୩ ପ୍ରାକ୍ଟିକାଲ ପରୀକ୍ଷା

## ରୋଗୀଙ୍କୁ ପିଟିଲେ ଡାକ୍ତର

### କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ



ରୋଗୀଙ୍କୁ ଡାକ୍ତର ମାଡ଼ ମାରୁଥିବାର ଦୃଶ୍ୟ।

**ଭବାନୀପାଟଣା/ଧର୍ମଗଡ଼, ୧୪।୩ (ସ୍ୱ.ପ୍ର./ଡି.ଏନ.ଏ.):** ରୋଗୀଙ୍କୁ ଚିକିତ୍ସା କରି ଜୀବନ ବଞ୍ଚାଉଥିବା ଡାକ୍ତରଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ। ହେଲେ କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଏହାର ଓଲଟା ଦୃଶ୍ୟ ସାମ୍ନାକୁ ଆସିଛି। ଜଣେ ରୋଗୀଙ୍କୁ ଚିକିତ୍ସା କରିବା ବଦଳରେ ଡାକ୍ତର ନିସ୍ତୁକ ମାଡ ମାରିବା ଏକ ଭିଡିଓ ଭାଇରାଲ ହୋଇଛି। ଏପରି ଏକ ଅଭାବନୀୟ ଘଟଣା ପ୍ରଘଟ ପରେ ରୋଗୀଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ସମ୍ପୃକ୍ତ ଡାକ୍ତରଙ୍କ ନିଲମ୍ବନ ଓ ଗିରଫ ଦାବିରେ ସୋମବାର ସକାଳୁ ଧର୍ମଗଡ-ରାୟପୁର ସଂଯୋଗ କରୁଥିବା ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଧର୍ମଗଡ ଏସ୍‌ଡିପିଓ ଧୀରଜ କୁମାର ଚୋପଦାର, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

୮.୧କୁ ହ୍ରାସ

## ଯାଞ୍ଚ ପାଇଁ କମିଟି ଗଠନ କଲା ସିବିଏସ୍‌ଇ

### ଦଶମ ଓଡ଼ିଆ ପ୍ରଶ୍ନପତ୍ର ତ୍ରୁଟି ପ୍ରସଙ୍ଗ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ଓଡ଼ିଆ ବିଷୟରେ ଛାତ୍ରୀଛାତ୍ରଙ୍କୁ କମ୍ ମାର୍କ ମିଳିଥିବା ଅଭିଯୋଗ ଆସିଛି। ହଜାର ହଜାର ଛାତ୍ରୀଛାତ୍ର ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବହୁ ଛାତ୍ରୀଛାତ୍ର ରବିବାର ଓଡ଼ିଶା ଅଭିଭାବକ ମହାସଂଘ ନିକଟରେ ଅଭିଯୋଗ କରିବା ପରେ ସୋମବାର ମହାସଂଘର ଏକ ପ୍ରତିନିଧି ଦଳ ଚନ୍ଦ୍ରଶେଖରପୁରସ୍ଥିତ ସିବିଏସ୍‌ଇ କାର୍ଯ୍ୟାଳୟଠାରେ ଆଞ୍ଚଳିକ ଅଧିକାରୀ କେ.ଏନ୍. ଶ୍ରୀନିବାସଙ୍କୁ ଭେଟି ଆଲୋଚନା କରିଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ଦିଆଯାଇଥିବା ଅଭିଯୋଗ ଆଧାରରେ ତ୍ରୁଟି ସମାଧାନ କରିବାରେ ସିବିଏସ୍‌ଇ ଅବହେଳା କରିବା ସହ ପିଲାଙ୍କୁ କମ୍ ମାର୍କ ଦେଇଥିବାରୁ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ସିବିଏସ୍‌ଇର ଆଞ୍ଚଳିକ ଅଧିକାରୀ ତ୍ରୁଟି ସଂକ୍ରାନ୍ତରେ ଉପସ୍ଥିତ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିବା ପ୍ରତିନିଧିଙ୍କୁ ଜଣାଇଛନ୍ତି। ଏଥିସହ ପ୍ରଶ୍ନପତ୍ରରେ ଦେଖାଦେଇଥିବା ଅସଙ୍ଗତିକୁ ଯାଞ୍ଚ କରିବା ପାଇଁ ବୋର୍ଡ ଏକ ବିଶେଷଜ୍ଞ କମିଟି ଗଠନ କରିଛି। ଆସନ୍ତା ଦିନେ ଦୁଇଦିନ ଭିତରେ କମିଟି ରିପୋର୍ଟ ପ୍ରଦାନ କଲେ ଉକ୍ତ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯିବ ବୋଲି ଆଞ୍ଚଳିକ ଅଧିକାରୀ ☞ପୃଷ୍ଠା-୨

- ୭ ଦିନରେ ସମାଧାନ ଦାବି କଲା ଅଭିଭାବକ ମହାସଂଘ
- ଆଞ୍ଚଳିକ କାର୍ଯ୍ୟାଳୟ ଅଚଳ କରିବାକୁ ଚେତାବନୀ
- ୨୪ ଘଣ୍ଟାରେ ସମାଧାନ ହେବ: ସିବିଏସ୍‌ଇ

## ୧୨-୧୪ ବର୍ଷ ପିଲାଙ୍କୁ ୧୬ରୁ ଟିକା

**ନୂଆଦିଲ୍ଲୀ,୧୪।୩(ପି.ଟି.)**



**୬୦ରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ପ୍ରିକଶନ ଡୋଜ୍**

ଆସନ୍ତା ୧୬ ତାରିଖ ବୁଧବାରଠାରୁ ୧୨ରୁ ୧୪ ବର୍ଷ ବୟସ ବର୍ଗର ପିଲାଙ୍କୁ କୋଭିଡ୍ ଟିକା ଦିଆଯିବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏହା ଘୋଷଣା କରିଛନ୍ତି। ହାଇଦ୍ରାବାଦର ବାୟୋଲୋଜିକାଲ-ଇ ପ୍ରସ୍ତୁତ କୋର୍ବେଭାକ୍ସ ଟିକା ଏହି ପିଲାମାନଙ୍କୁ ଦିଆଯିବ। ଏନେଇ ଟୁଇଟ୍ କରି ମାଣ୍ଡବ୍ୟ କହିଛନ୍ତି, ପିଲା ସୁରକ୍ଷିତ ହେଲେ ଦେଶ ସୁରକ୍ଷିତ ହେବ। ତେଣୁ ୧୨ରୁ ୧୪ ବର୍ଷର ପିଲାଙ୍କୁ ଟିକା ଦେବା ସାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ପ୍ରିକଶନ ଡୋଜ୍ ଦିଆଯିବ ବୋଲି ସେ କହିଛନ୍ତି। ପୂର୍ବରୁ ବହୁବିଧ ରୋଗ ଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଏହି ବୁଷ୍ଟର ଡୋଜ୍ ଦିଆଯାଉଥିଲା। ଭାରତ ସରକାର ବିଶେଷଜ୍ଞ କମିଟି ସହ ବିଚାର ବିମର୍ଶ ପରେ ୨୦୦୮ରୁ ୨୦୧୦ ମଧ୍ୟରେ ଜନ୍ମିତ ସମସ୍ତ ☞ପୃଷ୍ଠା-୨

## ପୋଲିସ ଭୟରେ ନାବାଳିକାଙ୍କ ଆତ୍ମହତ୍ୟା

**ଜଗତ୍‌ସିଂହପୁର ଅଫିସ, ୧୪।୩**

- ପଞ୍ଚାୟତ ନିର୍ବାଚନ ପୂର୍ବଦିନ ପୋଲିସକୁ ଆକ୍ରମଣ ହୋଇଥିଲା
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ପଞ୍ଚାୟତ ନିର୍ବାଚନର ପୂର୍ବଦିନ ହୋଇଥିବା ମାମଲାରେ ପୋଲିସ ଭୟଭୀତ କରୁଥିବାରୁ ରବିବାର ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ହାବେଳିନାଥ ସାହିରେ ଏହି ଘଟଣା ଘଟିଛି।

ଗତ ଫେବୃୟାରୀ ୧୭ ରାତିରେ ଏହି ଥାନା ଅନ୍ତର୍ଗତ ପଲ୍ଲୀ ମହାକାଳେଶ୍ୱରନାଥ ସାହିରେ ପୋଲିସ ଉପରେ ଆକ୍ରମଣ ହୋଇଥିଲା। ଏଥିରେ ପୋଲିସ ଗାଡ଼ି ଭାଙ୍ଗିବା ସହ ୨ ଜଣ କନ୍‌ଷ୍ଟେବଳ ଆହତ ହୋଇଥିଲେ। ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ଏହାକୁ କେନ୍ଦ୍ର କରି ପୋଲିସ ରବିବାର ରାତିରେ ଥାନା ଅନ୍ତର୍ଗତ ହାବେଳି ନାଥ ସାହିରେ ପହଞ୍ଚି ଅଭିଯୁକ୍ତ ମାନସ ନାଥଙ୍କୁ ଗିରଫ କରିବାକୁ କବାଟ ବାଡ଼େଇଥିଲା। ଅଭିଯୁକ୍ତ ଓ ତାଙ୍କ ସ୍ତ୍ରୀ ଅନୁପସ୍ଥିତ ଥିବାରୁ ପୋଲିସ ସେମାନଙ୍କ ଝିଅମାନଙ୍କୁ ଧମକ ☞ପୃଷ୍ଠା-୨







ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡକୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି (ସଇତାନୀ ଶକ୍ତି) ନିମିତ୍ତ ଦ୍ୱାର ଖୋଲା ରଖ– ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା । **–ଶ୍ରୀଅରବିନ୍ଦ**

# ୮.୧କୁ ହ୍ରାସ

ଶ୍ରମିକ ଏବଂ କର୍ମଚାରୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା କେନ୍ଦ୍ର ସରକାରଙ୍କ ପ୍ରାଥମିକତା ରହିଆସିଛି ବୋଲି ବାରମ୍ବାର ଘୋଷଣା କରାଯାଉଛି। କିନ୍ତୁ ୧୨ ମାର୍ଚ୍ଚ ୨୦୨୨ରେ ସରକାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଉପରେ ଥିବା ସୁଧ ହାରକୁ ୮.୫ ପ୍ରତିଶତରୁ ୮.୧ ପ୍ରତିଶତକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୧୯୭୭-୭୮ରୁ ଏହା ସବୁଠାରୁ କମ୍ ସୁଧହାର ବୋଲି ବିବେଚନା କରାଯାଉଛି। ସାଧାରଣତଃ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ଅର୍ଥ ଜମା କରୁଥିବା ବ୍ୟକ୍ତି ବହୁ କଷ୍ଟରେ ଉପାର୍ଜନ କରିଥାଆନ୍ତି। ଅବସର ବୟସରେ ଏହି ପାଣ୍ଠିରୁ ମିଳୁଥିବା ଅର୍ଥ ସେମାନଙ୍କୁ ଆର୍ଥିକ ସୁରକ୍ଷା ଦେଇଥାଏ। କୋଭିଡ୍-୧୯ ଯୋଗୁ ବହୁ କର୍ମଚାରୀ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ବର୍ତ୍ତମାନ ଆହୁରି ଅନେକ କାରଣ ଯଥା ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଫଳରେ ତୈଳ ଦର ବୃଦ୍ଧି ଆଶଙ୍କା, ଖାଦ୍ୟଦ୍ରବ୍ୟ ଆମଦାନୀ ପାଇଁ ଅଧିକ ଅର୍ଥ ବ୍ୟୟ ଭଳି ସମସ୍ୟା ଯୋଗୁ ବଜାରରେ ସାମଗ୍ରୀର ଦର ବହୁଗୁଣା ବଢ଼ିଯାଇଛି। କର୍ମଚାରୀ ଓ ଶ୍ରମିକଙ୍କ ପେଟକୁ ମାରି ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଅତ୍ୟନ୍ତ ଅନ୍ୟାୟ ବୋଲି କହି ଶ୍ରମିକ ସଂଗଠନଗୁଡ଼ିକ ଆସନ୍ତା ୨୮ ଓ ୨୯ ତାରିଖରେ ଦେଶବ୍ୟାପୀ ପ୍ରତିବାଦ କରିବେ ବୋଲି ଡାକରା ଦେଇଛନ୍ତି।

କେନ୍ଦ୍ରରେ ବର୍ତ୍ତମାନ କ୍ଷମତାସୀନ ସରକାରଙ୍କ କର୍ପୋରେଟ୍ ପ୍ରୀତି ଆଭିମୁଖ୍ୟ ବିଷୟରେ ଦେଶବାସୀ ଅବଗତ। ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ କରିବା ହେଉ ବା ସରକାରୀ ସଂସ୍ଥା ପରିସରରେ ବଳକା ଜମିକୁ ଲିଜ୍ ଓ ସ୍ଥଳବିଶେଷରେ ବିକ୍ରି କରି ମନିଟାଇଜେଶନ ବା ମୁଦ୍ରୀକରଣ କରୁଥିବା ସରକାର କେବଳ ରାଜସ୍ୱ ଆଦାୟ ପଛରେ ପଡ଼ିଯାଇଛନ୍ତି। କିନ୍ତୁ ଯଦି ଏହିସବୁ ବିକ୍ରିବଟାକୁ ଗଭୀର ଭାବେ ଦେଖାଯାଏ ତେବେ ରାଜକୋଷକୁ ଅଧିକ ସମୃଦ୍ଧ କରିବା ପରିବର୍ତ୍ତେ ଏହି ପଦକ୍ଷେପଗୁଡ଼ିକ କେବଳ ନିଜର ବଛା ଓ ହାତଗଣତି ଶିଳ୍ପପତିଙ୍କୁ ଅତ୍ୟଧିକ ମାତ୍ରାରେ ଧନୀ କରାଇଦେଉଛି। କୃଷକ ଓ ଶ୍ରମିକଙ୍କ ମଙ୍ଗଳ ବିଷୟ କେବଳ ଭାଷଣରେ ଦିଆଯାଉଛି। ବିବାଦୀୟ କୃଷି ଆଇନ ଯୋଗୁ ଦେଶବ୍ୟାପୀ କେଉଁଭଳି ସ୍ଥିତି ଉପୁଜିଲା ତାହା ଜଗତ ଜାଣିଲା। ପୁଣି ଶ୍ରମ ଆଇନରେ ସଂସ୍କାର ଅଣାଯାଇ ଯେଉଁ ୪ଟି ଲେବର କୋଡ୍ ଅଣାଯାଇଛି ତାହା ମଧ୍ୟ ବିବାଦମୁକ୍ତ ନୁହେଁ। ଦି କୋଡ୍ ଅନ୍ ୱେଜେସ୍ ୨୦୧୯, ଦି କୋଡ୍ ଅନ୍ ସୋସିଆଲ୍ ସିକ୍ୟୁରିଟି ୨୦୨୦, ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ କୋଡ୍ ୨୦୨୦ ଏବଂ ଅକ୍ୟୁପେଶନାଲ୍ ସେଫ୍ଟି, ହେଲ୍‌ଥ ଆଣ୍ଡ ୱାର୍କିଂ କଣ୍ଡିସନ୍ସ କୋଡ୍ ୨୦୨୦ରେ ଶ୍ରମିକଙ୍କ ମଙ୍ଗଳ ଅପେକ୍ଷା ଶିଳ୍ପକୁ ସୁହାଇଲା ଭଳି ବିଷୟକୁ ସନ୍ନିବେଶିତ କରାଯାଇଛି ବୋଲି ଶ୍ରମିକ ସଂଗଠନଗୁଡ଼ିକ ଅଭିଯୋଗ କରିଚାଲିଛନ୍ତି। ଏଥିରେ କେନ୍ଦ୍ରର ଆର୍ଥିକ ସହଯୋଗ ନେଇ କୌଣସି ସ୍ୱଚ୍ଛତା ରହି ନ ଥିବାରୁ ତାହାକୁ ବିରୋଧ କରାଯାଉଛି। ଏଭଳି ସ୍ଥଳେ ଇପିଏଫ୍ ସୁଧ ହାର କମାଇ ଦିଆଯାଇ ସରକାର କେଉଁଭଳି ଭାବେ ଶ୍ରମିକଙ୍କ ମଙ୍ଗଳ ଚିନ୍ତା କରୁଛନ୍ତି ବୁଝିବା କଷ୍ଟକର। ଗୋଟିଏ ପଟେ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଋଣ ନେଇ ଇଚ୍ଛାକୃତ ଖିଲାପକାରୀ ହୋଇଥିବା ବ୍ୟକ୍ତି ଓ କମ୍ପାନୀକୁ ଆର୍ଥିକ ଛାଡ଼ କରିଦିଆଯାଉଥିବା ବେଳେ ସାଧାରଣ ଶ୍ରମିକ ଓ କର୍ମଚାରୀଙ୍କ ଇପିଏଫ୍ ଉପରେ ଦିଆଯାଉଥିବା ସ୍ୱଳ୍ପ ପରିମାଣର ସୁଧ ହାର କମାଇବା ସକାଶେ ଚିନ୍ତା କରାଯିବା ସରକାରଙ୍କ ଦୋମୁହାଁ ନୀତିର ପରିଚୟ ଦେଉଛି। ଏଥିସହିତ ଜୀବନ ବୀମା ନିଗମ (ଏଲ୍ଆଇସି) ଭଳି ଲାଭଦାୟକ ସଂସ୍ଥାର ଅଂଶଧନ ବିକ୍ରି କରିବା ପଛରେ କେଉଁ ପ୍ରକାର ଚିନ୍ତାଧାରା ରହିଛି ବୁଝିବା ସହଜ। ଯେତେବେଳେ ଦେଶର ସମଗ୍ର ଶ୍ରମିକ ସମୂହ ଏକ ଅପ୍ରତ୍ୟାଶିତ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ସେତେବେଳେ ସେମାନଙ୍କୁ ଆର୍ଥିକ ନିରାପତ୍ତା ଦେବା ପରିବର୍ତ୍ତେ ସରକାର ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମନ୍ଧନ (ପିଏମ୍-ଏସ୍‌ୱାଇଏମ୍) କିମ୍ବା ବେପାରୀ ଓ ଆର୍ଥିକ ସ୍ୱାବଲମ୍ବୀଙ୍କ ପାଇଁ ଜାତୀୟ ପେନ୍ସନ ଯୋଜନା ଭଳି କାନକୁ ଭଲ ଶୁଭୁଥିବା କାର୍ଯ୍ୟକ୍ରମ ବିଷୟରେ କେବଳ ଭାଷଣ ଦେଇଚାଲିଛନ୍ତି। ଚିନ୍ତାର ବିଷୟ ଯେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ)ର ଶୀର୍ଷ ନୀତି ନିର୍ଦ୍ଧାରକ ସଂସ୍ଥା ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଜ୍‌ରେ ସରକାର, ଶ୍ରମିକ ଓ କର୍ମଚାରୀଙ୍କ ପ୍ରତିନିଧିଙ୍କୁ ନିଷ୍ପତ୍ତି ନେବାର କ୍ଷମତା ଦିଆଯାଇଛି। କିନ୍ତୁ କେନ୍ଦ୍ର ସରକାର ଯାହା ଚାହିଁଥାଆନ୍ତି ସେହିଅନୁଯାୟୀ ନିଷ୍ପତ୍ତି ନିଆଯାଉଥିବା ଅଭିଯୋଗ ହେଉଛି।

ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ୧୦ ମାର୍ଚ୍ଚରେ ପ୍ରକାଶ ପାଇବା ଓ ସେଥିରେ ଭାଜପା ୪ଟିରେ ବିଜୟ ଲାଭ କଲା ପରେ, ହୁଏତ, କେନ୍ଦ୍ରର ଭାଜପା ସରକାର ପୁନର୍ବାର ନିଜର ନୀତି ପଦାରେ ପକାଇଲେଣି। ଏହାର ଦୁଇ ଦିନ ପରେ ଶ୍ରମିକ ଓ କର୍ମଚାରୀଙ୍କୁ ବାଧିଲା ଭଳି ଇପିଏଫ୍‌ଓ ସୁଧ ହାର କମାଇ ଦିଆଯାଇଥିବାରୁ ବିରୋଧୀ ତାହାକୁ କେନ୍ଦ୍ର ସରକାରଙ୍କ ଭୋଟ୍‌ର ପ୍ରତିଦାନ ବୋଲି ଅଭିହିତ କରିଛନ୍ତି। ପୂର୍ବ ପରିଚିତ ବୃହତ୍ ବିରୋଧୀ ଦଳଗୁଡ଼ିକ ନିଜର ସ୍ଥିତି ହରାଇଲା ପରେ କହୁଥିବା ସବୁକଥା ଅବାଞ୍ଛିତ ଶୁଣାଯାଇପାରେ, କିନ୍ତୁ ବାସ୍ତବତାକୁ ଏଡ଼ାଇହେବ ନାହିଁ।

**ଯଦି ମୁଦ୍ରୀକରଣ ମାଧ୍ୟମରେ ବିକ୍ରିବଟାକୁ ଗଭୀର ଭାବେ ଦେଖାଯାଏ ତେବେ ରାଜକୋଷକୁ ଅଧିକ ସମୃଦ୍ଧ କରିବା ପରିବର୍ତ୍ତେ ଏହି ପଦକ୍ଷେପଗୁଡ଼ିକ କେବଳ ନିଜର ବଛା ଓ ହାତଗଣତି ଶିଳ୍ପପତିଙ୍କୁ ଅତ୍ୟଧିକ ମାତ୍ରାରେ ଧନୀ କରାଇଦେଉଛି।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | |
| 8 | | | | | | 4 | | 5 |
| | 2 | | | | | | | |
| | | 9 | 7 | | | | | 6 |
| | 6 | | | 3 | | | 1 | 2 |
| | 5 | | | 8 | 1 | | | |
| | | 3 | 8 | 7 | | 2 | | |
| 7 | 8 | | | | | | 9 | |
| | | | | | | 6 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 8 | 9 | 7 | 4 | 6 | 2 |
| 6 | 8 | 4 | 1 | 2 | 5 | 7 | 3 | 9 |
| 7 | 2 | 9 | 4 | 6 | 3 | 1 | 8 | 5 |
| 8 | 5 | 7 | 9 | 3 | 6 | 2 | 4 | 1 |
| 4 | 6 | 1 | 2 | 7 | 8 | 5 | 9 | 3 |
| 3 | 9 | 2 | 5 | 1 | 4 | 6 | 7 | 8 |
| 5 | 7 | 6 | 3 | 8 | 1 | 9 | 2 | 4 |
| 9 | 1 | 8 | 7 | 4 | 2 | 3 | 5 | 6 |
| 2 | 4 | 3 | 6 | 5 | 9 | 8 | 1 | 7 |

ଗତକାଲିର ଉତ୍ତର

# ଦେଶର ଊର୍ଦ୍ଧ୍ୱରେ ପାର୍ଟି



ସହଦେବ ସାହୁ

'ସର୍ଭିସ୍ ଏବଭ୍ ସେଲ୍ଫ' କେବଳ ଏକ ନୀତିବାକ୍ୟ ନୁହେଁ, ପୃଥିବୀର ଚାରିଆଡ଼େ ଏ ଏକ ଆଚରଣ ବିଧି ରୂପେ ଗଣାଯାଉଛି। ସେବାରେ ବ୍ୟକ୍ତି ନିଜକୁ ଉତ୍ସର୍ଗ କରିବା କଥା। ମୁଁ ଏକ ବ୍ୟକ୍ତି, ସେବା ଯୋଗାଇବାରେ ମୁଁ ନିଜକୁ ଭୁଲିଯିବା କଥା। ସମସ୍ତେ କହୁଛନ୍ତି ରାଜନୀତିରେ ପଶିଲେ ସେବା କରିବାର ସୁଯୋଗ ମିଳେ। ପ୍ରକୃତରେ ରାଜନୈତିକ ନେତା ସେବା ଯୋଗାଇବାରେ ନିଜକୁ ଉତ୍ସର୍ଗ କରୁଛନ୍ତି କି, ସେମାନେ ନିଜର ବିବେକ ଲଗାଉଛନ୍ତି କି? କାର୍ଯ୍ୟକ୍ଷେତ୍ରରେ ସେମାନେ ଯେଉଁ ନୀତି ଗ୍ରହଣ କରୁଛନ୍ତି, ତାହା 'ସେଲ୍ଫ ଏବଭ୍ ସର୍ଭିସ୍', ମୁଁ ଆଗ, ସେବା ପଛ: କେବଳ ସେତିକି ନୁହେଁ, ବର୍ତ୍ତମାନର ନୀତିବାକ୍ୟ ୩ଟି ସ୍ତରରେ ହେଉଛି– (୧) ସେଲ୍ଫ ଏବଭ୍ ସର୍ଭିସ୍, (୨) ପାର୍ଟି ଏବଭ୍ ସେଲ୍ଫ ଓ (୩) ପାର୍ଟି ଏବଭ୍ କଣ୍ଟ୍ରି। ତେଣୁ ପାର୍ଟିର ମୁଖ୍ୟ ସରକାରଙ୍କୁ ନିୟନ୍ତ୍ରଣ କରିବେ। ଯାହା ପାର୍ଟିର ମୁଖ୍ୟ କହିବେ ବା ଇଙ୍ଗିତ ଦେବେ, ତାହା ଦେଶ (ଏବଂ ରାଜ୍ୟ) ପାଇଁ ନୀତି ଓ ନୈତିକତା। ଏମ୍ଏଲ୍ଏ ଓ ଏମ୍‌ପିମାନେ ତ ଦଳ-ପ୍ରତିନିଧି, ଲୋକେ ତ ସେମାନଙ୍କୁ ବାଛୁନାହାନ୍ତି, ଦଳ ବାଛିଥିବା ଲୋକ ପାଖରେ ଦଳର ସଂକେତ ଉପରେ (ପ୍ରାର୍ଥୀର ନାଁ ଉପରେ ନୁହେଁ) ଭୋଟର ରବର ଷ୍ଟାମ୍ପ ମାରୁଛି। ତେଣୁ ଗୋଟିଏ କାଠଗଡ଼ ବି ଦଳ(ଲୋକ) ପ୍ରତିନିଧି ହୋଇପାରେ। ସେ ପୁଣି ଆଇନ କି ଜିନିଷ ବୁଝିବ କି? ଦଳର ଛାଟ (ହୁଇପ୍) ଅନୁଯାୟୀ ଭୋଟ ନ ଦେଲେ ତାକୁ ମୁଖିଆ ବାଚସ୍ପତିଙ୍କୁ ଅନୁରୋଧ କରି ଦଳରୁ ବାହାର କରିଦେବେ। ସେତେବେଳେ ସେ ଆଉ ଗୃହର ସଦସ୍ୟ ରହିପାରିବ ନାହିଁ, ତେଣୁ ଲୋକପ୍ରତିନିଧି ବି ରହିବ ନାହିଁ। ସେ ଭଳି ଲୋକେ ଯେଉଁ ଆଇନ ପାସ୍ କରିବେ, ସେସବୁରେ ପାର୍ଟିର ଛାପ ରହିବ, ଦେଶର ଆବଶ୍ୟକତା ଗୌଣ ହେବ। ତେଣୁ ରାଜକୋଷ ଦଳକୋଷ ହୋଇଯାଏ।

ଏବେ କେରଳର ରାଜ୍ୟପାଳ ଏକ ପ୍ରଶ୍ନ ଉଠାଇଛନ୍ତି, ଯାହା ଏହା ହିଁ ସୂଚାଉଛି। କେରଳ ସରକାର (ଅର୍ଥାତ୍ ଶାସକ ଦଳ, ଦିନେ ବିରୋଧୀ ଦଳ ବି ତ ଶାସକ ଦଳ ହୁଅନ୍ତି) ଆଇନ କରିଛନ୍ତି ଯେ, ପାର୍ଟି କ୍ୟାଡରର ଲୋକେ ମନ୍ତ୍ରୀଙ୍କ ପର୍ସନାଲ ଷ୍ଟାଫ୍ ଭାବେ ସରକାରୀ ଚାକିରିଆ ଭାବେ ଗଣାହେବେ; ଏକାଦିକ୍ରମେ ୩ ବର୍ଷ ଚାକିରି କରିଥିଲେ ଅବସରକାଳୀନ ଭତ୍ତା (ପେନ୍‌ସନ୍) ପାଇବେ, ସେମାନଙ୍କ ମୃତ୍ୟୁ ପରେ ପରିବାର ବି ପେନ୍‌ସନ ପାଇବ। ଦଳର ଲୋକଙ୍କୁ ଷ୍ଟାଚୁଟରି ପେନ୍‌ସନ ଦେବା ମାନେ ରାଜକୋଷ ବା ପବ୍ଲିକ୍ ମନି ବ୍ୟବହାର କରିବା, ଦଳର ପାଣ୍ଠିରୁ ନୁହେଁ। ପାର୍ଟି କ୍ୟାଡର୍‌କୁ ପୁରସ୍କାର ଦେବ ବୋଲି କ'ଣ ଜନସାଧାରଣଙ୍କ ପଇସାରେ ଅବସରକାଳୀନ ଭତ୍ତା ଦେବ? କେରଳରେ ଏମିତି ବହୁ ବର୍ଷ ହେଲାଣି ତ ଅନ୍ୟ ରାଜ୍ୟରେ ଓ କେନ୍ଦ୍ରରେ କାହିଁକି ଦିନେ ନ ହେବ? ଏମ୍ଏଲ୍ଏ ବା ଏମ୍‌ପି ମାସେ ଦି' ମାସ ପରେ ଉଭାନ୍ ହେଉଥିବା ବିଧାନସଭା ବା ସଂସଦରେ ସଭ୍ୟ ହୋଇଥିବେ ତ ପେନ୍‌ସନ୍ ପାଇବେ। ବିଧାୟକ ବା ସାଂସଦ ହେଉଛନ୍ତି ଲେଜିସ୍‌ଲେଟର୍, ଦେଶର ଶାସନ ପାଇଁ ଆଇନ ତିଆରି କରିବେ, ତା' ମାନେ ନୁହେଁ ଯେ ନିଜ ଦଳ ଓ ନିଜ ପାଇଁ ସବୁ ସୁବିଧା ମିଳିବାର ଆଇନ କରିନେବେ? ସେମାନେ ନିଜକୁ ସୁପରସିଟିଜେନ୍, ଅନ୍ୟ ସମସ୍ତେ ପାରିହା (ଲାତ ଖାଇବା ଲୋକ) ବୋଲି ଭାବିନେଲେଣି। ଥରେ ୫ ବର୍ଷ ପାଇଁ ଏମ୍‌ପି ବା ଏମ୍ଏଲ୍ଏ ହୋଇଗଲେ ପେନ୍‌ସନ୍ ଓ ଫାମିଲି ପେନ୍‌ସନ୍ ପାଇବେ, ମାତ୍ର ୫ ବର୍ଷ! ଏବେ କେରଳରେ ସେମାନେ ଆଇନ କରିନେଇଛନ୍ତି ଯେ ମନ୍ତ୍ରୀ, ସ୍ପିକର୍, ଚିଫ୍ ହୁଇପ୍ ନିଜର ଷ୍ଟାଫ୍‌କୁ ସରକାରୀ କର୍ମଚାରୀ କରାଇପାରିବେ। ତା' ମାନେ ପାର୍ଟି-କାମ କରୁଥିବା ଲୋକଙ୍କୁ ରାଜକୋଷରୁ ପୁରସ୍କାର ଦିଆଯିବ। କେରଳ ଗଭର୍ନର ଅରିଫ୍ ମହମ୍ମଦ ଖାଁ ପ୍ରଶ୍ନ ଉଠାଇଛନ୍ତି: ଜନସାଧାରଣଙ୍କ ପଇସାରେ ପାର୍ଟି କ୍ୟାଡରକୁ ଦରମା ଦେବା କଥା କି? ଶାସକ ଦଳ ବଦଳୁଥିଲେ ବି ଥରେ ମନ୍ତ୍ରୀ ନିଯୁକ୍ତ କରିଦେଲେ ପର୍ସନାଲ୍ ଷ୍ଟାଫ୍ ସରକାରୀ କର୍ମଚାରୀ ହୋଇଯିବେ। ବ୍ୟକ୍ତିଗତ ସେବା କରୁଥିବା କର୍ମଚାରୀ ସାମୟିକ (ଟେମ୍ପରାରି), ସେମାନଙ୍କୁ ସରକାରୀ ବିଭାଗରୁ ନିଆଯିବା କଥା, ଯେମିତି ପ୍ରାଇଭେଟ୍ ସେକ୍ରେଟାରି, ଡ୍ରାଇଭର୍, ପିଅନ ଆଦି ଡିପାର୍ଟମେଣ୍ଟରୁ ଅଣାଯାଆନ୍ତି। ଆମ ରାଜ୍ୟରେ ଏମ୍ଏଲ୍ଏ ଓ ଏମ୍‌ପିମାନେ ନିଜ ଦଳର କର୍ମୀଙ୍କୁ ଏଭଳି ଚାକିରି ଦେଇଥା'ନ୍ତି, ସେହି ଆଳରେ କେତେକ ମନ୍ତ୍ରୀ ଓ ସାଂସଦ ନିଜ ପୁଅ, ଝିଅ ଏପରିକି ସ୍ତ୍ରୀ ବା ପରିଚିତ ମହିଳାକୁ ପର୍ସନାଲ୍ ଷ୍ଟାଫ୍ କରିଥା'ନ୍ତି ବୋଲି ନଜିର ମିଳିଛି, ତା' ମାନେ ସେତେକ ପଇସା ଉପୁରି ହୋଇଗଲା। ଯେତେଥର ମନ୍ତ୍ରୀ ହେବେ ସେତେ ଥର ୫ ବର୍ଷିଆ ଚାକିରି ଦେଇ ସେ ପଇସା ନିଜ ଅଣ୍ଟାରେ ଗୁଞ୍ଜିହେବ। ନ ହେଲେ ପାର୍ଟି କ୍ୟାଡରର ବହୁତ ଲୋକଙ୍କୁ ଏମିତି ଚାକିରି ଦେଇ ଅନୁଗୃହୀତ କରିହେବ। ବୋଝ ଉପରେ ନଳିତାବିଡ଼ା ପରି ସେମାନଙ୍କୁ ଯଦି କେରଳ ଅନୁକରଣରେ ପର୍ମାନେଣ୍ଟ ଏମ୍ପ୍ଲୟି ଧରିନିଆଯାଏ, ସେମାନେ ପେନ୍‌ସନ ବି ପାଇବେ, ଫଳରେ ୫ କି ୬ ଥର ଶାସନ ଗାଦିରେ ଥିବା ଦଳ ଶହ ଶହ ଦଳକର୍ମୀଙ୍କୁ ସରକାରୀ କର୍ମଚାରୀ କରାଇନେବେ। ରାଜନୈତିକ ଦଳଗୁଡ଼ିକ କେନ୍ଦ୍ରରେ ଆଇନ କରାଇ ନେଇଛନ୍ତି ଯେ କେନ୍ଦ୍ର ମନ୍ତ୍ରୀଟିଏ ତାଙ୍କ ଘରୋଇ ଅଫିସ୍ ପାଇଁ ୧୫ ଜଣ ପର୍ସନାଲ୍ ଷ୍ଟାଫ୍ ରଖିପାରେ। ତହିଁରୁ ଅଧିକାଂଶ ସରକାରୀ ଦପ୍ତରମାନଙ୍କରୁ ଆସିଥା'ନ୍ତି, ବାକିତକ ସାମୟିକ ମନ୍ତ୍ରୀ ପଦରେ ଥିବାଯାଏ। କେରଳରେ ଜଣେ ମନ୍ତ୍ରୀ ଏହାର ଦୁଇଗୁଣ ରଖିପାରେ, ଏଲ୍‌ଡିଏଫ୍ ସରକାର ମନ୍ତ୍ରୀଙ୍କ ପର୍ସନାଲ ଷ୍ଟାଫ୍ ସଂଖ୍ୟା ୨୫କୁ କମାଇ ଦେଇଛନ୍ତି, କେବଳ ମୁଖ୍ୟମନ୍ତ୍ରୀ ୩୦ ଜଣ ରଖିପାରିବେ। ତା'ଛଡା ସ୍ପିକର୍, ଡେପୁଟି ସ୍ପିକର୍ ଓ ଚିଫ୍ ହୁଇପ୍ ୨୫ ଲେଖାଏ ପର୍ସନାଲ ଷ୍ଟାଫ୍ ରଖିପାରିବେ। ଏବେ କେରଳରେ ପ୍ରାୟ ୪୦୦ ଜଣ ଡାଇରେକ୍ଟ ନିଯୁକ୍ତ ଅଛନ୍ତି, ପ୍ରାୟ ସମସ୍ତେ ସମ୍ପୃକ୍ତ ଦଳର ସକ୍ରିୟ ସଦସ୍ୟ, ମାସକୁ ପ୍ରାୟ ୨୩,୦୦୦ ରୁ ୧,୬୦,୦୦୦ ଟଙ୍କାଯାଏ ଦରମା ପାଉଛନ୍ତି। ଗତ ୫ ବର୍ଷରେ ଏ ବାବଦରେ କେରଳର ରାଜକୋଷରୁ ପ୍ରାୟ ୧୬୦ କୋଟି ଟଙ୍କା ଯାଇଛି। ୧୯୯୪ରେ କଂଗ୍ରେସ୍ ନେତୃତ୍ୱରେ ମିଳିତ ସରକାର ଆଇନ କଲେ ଯେ, ଅତିକମ୍‌ରେ ୩ ବର୍ଷ ଚାକିରି କରିଥିଲେ ପର୍ସନାଲ୍ ଷ୍ଟାଫ୍ ପେନ୍‌ସନ ପାଇବ, ଏ ନିୟମ ପୁଣି ପିଛିଲା ୧୯୮୨ରୁ ଲାଗୁହେଲା। ଏପରି ଆଇନ ଆଣିବାରେ ବିରୋଧୀ ଦଳ ପୂରା ସମର୍ଥନ ଦେଲେ, ନ ଦିଅନ୍ତେ ବା କେମିତି? କାରଣ ଆଜି ସେ ସିନା ଫକିର ଅଛନ୍ତି, କାଲିକୁ ରାଜେନ୍ଦ୍ରାସନକୁ ଆସିପାରନ୍ତି। ୟା' ଭିତରେ କେରଳ ସରକାର ନିୟମର ସଂଶୋଧନ କରିଛନ୍ତି, ପର୍ସନାଲ୍ ଷ୍ଟାଫ ପାରିବାରିକ ପେନ୍‌ସନ ବି ପାଇବ, ଅର୍ଥାତ୍ ସେ ମରିଗଲା ପରେ ତା' ସ୍ତ୍ରୀ, ସ୍ତ୍ରୀ ମୃତ ଥିଲେ ପ୍ରଥମ ସନ୍ତାନ ପେନ୍‌ସନ ପାଇବ। ୨୦୧୩-୧୪ରୁ ୨୦୧୯-୨୦ ରୁ ୨୦୧୯-୨୦ ଭିତରେ ପେନ୍‌ସନ ପରିମାଣ ଶତକଡ଼ା ଶହେ ବଢ଼ିଗଲାଣି ଅର୍ଥାତ୍ ଦୁଇଗୁଣ ହୋଇଗଲାଣି।

ଏ ସବୁ କଥାରୁ କ'ଣ ବୁଝୁଛନ୍ତି, କିଛି କାମ କରିପାରୁନଥିବା ଲୋକ ଦାଦାଗିରି କରି ମନ୍ତ୍ରୀଙ୍କ ପାଖଲୋକ ବା ପ୍ରଚାରକ ହୋଇଯାଏ, ବା ମନ୍ତ୍ରୀକୁ ତୋଷାମୋଦ କରିଚାଲେ ତ ଦିନେ ନା ଦିନେ ମନ୍ତ୍ରୀ ତାକୁ ପର୍ସନାଲ ଷ୍ଟାଫ୍ କରିନେବେ, ୩ ବର୍ଷ ଏମିତି ରହିଗଲେ ପେନ୍‌ସନ୍ ପାଇବ। ଅବଶ୍ୟ ଏ ସବୁ କେରଳରେ ସମ୍ଭବ ହୋଇଛି। ଗଣତନ୍ତ୍ରକୁ ଦଳତନ୍ତ୍ର କରିବା ମୂଳରେ ଭାରତୀୟ ଜାତୀୟ କଂଗ୍ରେସ ଦଳ, ସେହି ଦଳର ଶାସନ ସମୟରେ ୧୯୮୫ରୁ ପାରମ୍ପରିକ ଭାବେ ଓ ୨୦୦୩ରୁ ବିଧାନ କରିନେଇଛି ଯେ ଦଳର ଟିକେଟ୍ ନ ପାଇଲେ ଲୋକପ୍ରତିନିଧି ପ୍ରାର୍ଥୀ ହୋଇପାରିବ ନାହିଁ। ଏମିତି ବହୁତ କିଛି ଅଗଣତାନ୍ତ୍ରିକ ପଦକ୍ଷେପ କଂଗ୍ରେସ୍ ଦଳ ନେଇଆସିଛି, ଅନ୍ୟ ଦଳଗୁଡ଼ିକ ଆପଣେଇଛନ୍ତି, ଏକା ଲାଉର ମଞ୍ଜି ତ!

ବାଂଲାଦେଶ ମୁକ୍ତି ପରେ ପରେ ଇନ୍ଦିରା ଗାନ୍ଧୀ ମୁଜିବୁର୍ ରହମାନଙ୍କୁ ପରାମର୍ଶ ଦେଇଥିଲେ ଯେ, ପାର୍ଟିର କର୍ତ୍ତୃତ୍ୱକୁ ଟାଣ କରିବା ଲାଗି କଲେକ୍ଟରମାନଙ୍କ ଉପରେ ଜିଲାସ୍ତରୀୟ ଦଳୀୟ ନେତାକୁ ଡିଷ୍ଟ୍ରିକ୍ଟ କମିସାର୍ ଭାବେ ରଖାଯାଉ। ତାହା ସଫଳ ହୋଇଥିଲେ ସେ ଆମ ଦେଶରେ ଚାଲୁ କରିଥା'ନ୍ତେ। ମଝିରେ ଥରେ ପ୍ରସ୍ତାବ ଆସିଲା ଯେ, ଜିଲା କଂଗ୍ରେସ କମିଟି ଚେୟାରମାନଙ୍କ ସୁପାରିସରେ ଚାକିରି ଦିଆଯାଉ। ତା' ପରେ ଥରେ ପ୍ରସ୍ତାବ ଆସିଥିଲା ଯେ, ଏମ୍‌ପିଙ୍କୁ ଜିଲାପାଳଙ୍କ ଅଫିସ୍ ପାଖ ଏକ ରୁମ୍‌ରେ ଅଫିସ କରିବାକୁ ଦିଆଯାଉ, ଏହାର ମାନେ ଜିଲାପାଳ ଏମ୍‌ପି ପ୍ରଭାବରେ କାମ କରିବେ। ଲୋକେ ସଦଳବଳ ସେଇଠି ସବୁବେଳେ ରୁଣ୍ଡ ହେଉଥିବେ ତ ଜିଲାପାଳ ଏକ ରାଜନୈତିକ ଚାପରେ କାମ କରିବେ। ସେଭଳି ଅଗଣତାନ୍ତ୍ରିକ ପରିକଳ୍ପନା କଂଗ୍ରେସ କରିଥିଲେ ବି ଯଦି କାର୍ଯ୍ୟକାରୀ କରିନେଇଥା'ନ୍ତେ ଅନ୍ୟସବୁ ଦଳ ବିନା ବାଧାରେ ଗ୍ରହଣ କରିଥା'ନ୍ତେ। କାରଣ ଆମେ ତ 'ଗଣ'ତନ୍ତ୍ରରେ ନାହୁଁ, 'ଦଳ'ତନ୍ତ୍ରରେ ଅଛୁ!

sahadevas@yahoo.com

# ଗଣତନ୍ତ୍ରର ରକ୍ଷାକବଚ



ରବିନାରାୟଣ ସାମଲ

ପଞ୍ଚାୟତ ନିର୍ବାଚନ ହେଲା। ମାସାଧିକ କାଳ ଭୋଟ-ରାଜନୀତିକୁ ନେଇ ଗାଁ ଗଣ୍ଡା ଉଠିଲା ପଡ଼ିଲା। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବୈରଭାବରେ ଆକ୍ରାନ୍ତ ହେଲା। ଠାଏ ଠାଏ ହିଂସାକାଣ୍ଡ ଘଟି ଧନଜୀବନ ବି ନଷ୍ଟ ହେଲା। ଗାଁ ପରିବେଶ ଏକରକମ ଅଶାନ୍ତ ହୋଇ ପଡ଼ିଲା। ପ୍ରତିନିଧିମାନେ ନିର୍ବାଚିତ ହେଲେ। କିଏ ଭୋଟ ଦେଲା, କିଏ ନ ଦେଲା ତାକୁ ନେଇ ତର୍ଜମା ଚାଲିଲା। କଥା ଦେଇ ଯିଏ ଭୋଟ ନ ଦେଲା, ପରାଜିତ ପ୍ରାର୍ଥୀ ତା' ଉପରେ ରାଗ ଶୁଝାଇଲେ। ପଞ୍ଚାୟତ ସମିତି ଚେୟାରମ୍ୟାନ ପଦ ପାଇଁ ସମିତି ସଭ୍ୟଙ୍କୁ ଅଜ୍ଞାତବାସରେ ରଖାଯାଇ ଘୋଡ଼ା ବେପାର ଚାଲିଲା।

ମତଦାନକୁ କେନ୍ଦ୍ର କରି ବାଲଟଚିରା, ବୁଥ୍ ଜବରଦଖଲ, ଭୋଟବାକ୍ସ ଲୁଟ୍, ସାମ୍ବାଦିକ, ପୋଲିସ, ପୋଲିଂ କର୍ମଚାରୀ ଏବଂ ଏପରିକି ନିର୍ବାଚନ ଅଧିକାରୀଙ୍କ ଉପରେ ଆକ୍ରମଣ ହେଲା। କେତେକ ସ୍ଥାନରେ ଗୋଷ୍ଠୀସଂଘର୍ଷ ହୋଇ ସାଧାରଣ ଲୋକେ ମୃତାହତ ହେଲେ। ଭୋଟରମାନଙ୍କୁ ଟଙ୍କାପଇସା ଓ ଶାଢ଼ି, ସାଲ୍ ବାଣ୍ଟିବା ସହିତ ମଦ-ମାଂସର ଭୋଜି ବି କରାଗଲା। 'ସ୍ୱଚ୍ଛ-ଅବାଧ-ନିରପେକ୍ଷ ନିର୍ବାଚନ' ପୋଥି ବାଇଗଣ ହୋଇ ରହିଗଲା। ସେ ପ ଟେ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନରେ ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦିଆଗଲା। ଉତ୍ତରପ୍ରଦେଶରେ ବାଳିକାମାନଙ୍କୁ ସ୍କୁଟି, ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ଫୋନ୍ , ପ୍ରତି ପରିବାରକୁ ମାଗଣା ସିଲିଣ୍ଡର୍, କୃଷକମାନଙ୍କୁ ମାଗଣା ବିଜୁଳି ଦେବାକୁ ଭାଜପା ପ୍ରତିଶ୍ରୁତି ଦେଲା। ଅଟୋରିକ୍ସା ଚାଳକଙ୍କୁ ମାସିକ ୩ ଲିଟର ଓ ବାଇକ୍ ବ୍ୟବହାରକାରୀଙ୍କୁ ୧ ଲିଟର ପେଟ୍ରୋଲ, ଗରିବ ଲୋକଙ୍କୁ ୫ ବର୍ଷ ପାଇଁ ମାଗଣା ରାଶନ ଦେବାକୁ ସମାଜବାଦୀ ପାର୍ଟି ଘୋଷଣା କଲା। ଭୋଟରମାନଙ୍କୁ ବାଣ୍ଟିବାକୁ ଯାଉଥିବା ବେଳେ ବିପୁଳ ପରିମାଣରେ ମଦ ଓ କୋଟି କୋଟି ଟଙ୍କା ଜବତ ହେଲା।

ନିର୍ବାଚନ ପୂର୍ବରୁ ସାଧାରଣ ଭୋଟରଙ୍କୁ ପ୍ରଲୋଭନ ଦେଖାଇବା ଯଦିଓ ଅଗ୍ରହଣୀୟ, ତଥାପି ଆମ ଦେଶରେ ଏହା ଏକ ପରମ୍ପରାରେ ପରିଣତ ହୋଇଛି। ନିର୍ବାଚନୀ ଇସ୍ତାହାରରେ ଏସବୁ ପ୍ରଲୋଭନ ବି ସ୍ଥାନ ପାଉଛି। ଅତୀତରେ 'ଗରିବି ହଟାଓ' , 'ବିଜୁଳି-ସଡ଼କ-ପାଣି' ଓ 'ବର୍ଷକୁ ଦୁଇ କୋଟି ବେକାରଙ୍କୁ ନିଯୁକ୍ତି' ପରି ଆକର୍ଷଣୀୟ ସ୍ଲୋଗାନ ନିର୍ବାଚନ ବେଳେ ବି ଦିଆଯାଇଛି। ଟିଭି, ଲାପ୍‌ଟପ୍, ମଙ୍ଗଳସୂତ୍ର ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଥିଲା। ତାମିଲନାଡୁ ବିଧାନସଭା ନିର୍ବାଚନ ବେଳେ ଜଣେ ପ୍ରାର୍ଥୀ ନିର୍ବାଚିତ ହେଲେ ଭୋଟରମାନଙ୍କୁ ଚନ୍ଦ୍ରପୃଷ୍ଠକୁ ମାଗଣା ବୁଲାଇ ନେବାକୁ ସ୍ପର୍ଦ୍ଧା ବି ଦେଖାଇଥିଲେ।

ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା ଏ ଦୁଇଟି ଏକା କଥା ନୁହେଁ। ପ୍ରତିବଦ୍ଧତା ନ ଥିଲେ ପ୍ରତିଶ୍ରୁତି ଖାଲି ପାଣିର ଗାର ପରି ମିଳେଇ ଯାଏ। ଦୀର୍ଘ ୭୫ ବର୍ଷ ଭିତରେ ଆମେ ଅନେକ ପ୍ରତିଶ୍ରୁତି ପାଇଛୁ। ଅଥଚ ପ୍ରତିବଦ୍ଧତା ଅଭାବରୁ ଜନଗଣଙ୍କ ମୌଳିକ ସମସ୍ୟା ଏ ଯାବତ୍ ସମାଧାନ ହୋଇପାରି ନାହିଁ। ତା' ସତ୍ତ୍ୱେ ନିର୍ବାଚନ ଆସିଲେ ପୁଣି ପ୍ରତିଶ୍ରୁତିର ପେଡ଼ି ଧରି ରାଜନୈତିକ ଦଳମାନେ ଚାଲିଆସନ୍ତି। ନିର୍ବାଚନ ସରିଗଲେ କାଶିଆ କିଏ ନା କପିଳା କିଏ।

ଆମ ଭିତରୁ ଶତକଡ଼ା ପାଞ୍ଚ ଭାଗ ଲୋକ ରାଜନୈତିକ ଭାବେ ସଚେତନ ବୋଲି ପଶ୍ଚିମବଙ୍ଗର ଏକ ସଂସ୍ଥା ସର୍ବେକ୍ଷଣ କରି ତା'ର ରିପୋର୍ଟରେ ଦର୍ଶାଇଥିଲା। କିନ୍ତୁ ନିଜ ଚତୁଃପାର୍ଶ୍ୱରେ ଥରେ ଆଖି ବୁଲାଇ ଆଣିଲେ ଏହି ସଚେତନତା ହାର ଶହକେ ପାଞ୍ଚ ନ ହୋଇ ହଜାରରେ ପ୍ରାୟ ପାଞ୍ଚ ହେବ! ନଚେତ ରାଜନୈତିକ ଦଳମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟରମାନଙ୍କୁ କ'ଣ ଭୁଲାଇ ପାରନ୍ତେ?

ନିର୍ବାଚନ ବେଳେ ଭୋଟରମାନଙ୍କୁ ଦେଖାଯାଉଥିବା ପ୍ରଲୋଭନ ଲୋକପ୍ରତିନିଧି ଆଇନ-୧୯୫୧ର ଧାରା ୧୨୩(୧) (ଖ)ର ବିରୁଦ୍ଧାଚରଣ କରୁଛି ବୋଲି ଦର୍ଶାଇ ଏହା ବନ୍ଦ କରିବାକୁ ଇତିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ କ'ଣ ରାୟ ଦେବେ ଏବଂ ତାହା କେତେ ଦୂର କାର୍ଯ୍ୟକାରୀ ହେବ ତାହା ପରର କଥା। କିନ୍ତୁ ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇ ପାରିବ ଯେ ଜନସାଧାରଣଙ୍କର ରାଜନୈତିକ ଅସଚେତନତାର ସୁଯୋଗ ନେଇ ବିଭିନ୍ନ ରାଜନୈତିକ ଦଳ ମିଥ୍ୟା ପ୍ରଲୋଭନ ଦେଖାଉଛନ୍ତି ଏବଂ ଅଜ୍ଞତାବଶତଃ ବିଚରା ଭୋଟର ଭକୁଆ ହୋଇ ଭୋଟ ଖଣ୍ଡେ ବାଢ଼େଇ ଦେଉଛି। ପ୍ରତିଶ୍ରୁତି ପାଳନ ନ କଲେ କିମ୍ବା ପ୍ରକାଶିତ ନିର୍ବାଚନୀ ଇସ୍ତାହାର ଅନୁଯାୟୀ କାର୍ଯ୍ୟ ନ କଲେ ସେହି ଦଳ ବା ପ୍ରାର୍ଥୀ ପ୍ରତି ଶାସ୍ତି ବିଧାନର କୌଣସି ବ୍ୟବସ୍ଥା ଆମ ଲୋକପ୍ରତିନିଧି ଆଇନରେ ନାହିଁ। ଦାଗୀ ରାଜନେତାଙ୍କୁ ପ୍ରତିନିଧି ହେବାରୁ ବଞ୍ଚିତ କରିବାକୁ ଆଇନ ପ୍ରଣୟନ ନିମିତ୍ତ ପ୍ରସ୍ତାବ ଦୀର୍ଘଦିନ ହେଲା ସଂସଦରୁ ଅଦାଲତ ଏପଟ ସେପଟ ହେଉଛି। ସେହିପରି ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ଦିଆଯାଉଥିବା ପ୍ରତିଶ୍ରୁତି ସମ୍ପର୍କିତ ମାମଲା ଯେ କିଛି ଚମତ୍କାରିତା ଦେଖାଇବ, ଏଥିରୁ ଜଣାପଡୁ ନାହିଁ। ଯେଉଁମାନେ ଆଇନ ପ୍ରଣୟନ କରିବେ ସେମାନେ ଯଦି ନ ଚାହିଁବେ ତେବେ ପ୍ରସ୍ତାବଟି ଆଲୋଚନା-ପର୍ଯ୍ୟାଲୋଚନା ଓ ସମାଲୋଚନା ଭିତରେ ହିଁ ରହିଯିବ।

ନିର୍ବାଚନ ହେଉଛି ଗଣତନ୍ତ୍ରର ଏକ ଅବିଚ୍ଛିନ୍ନ ଅଙ୍ଗ। ମୁକ୍ତ ଏବଂ ଅବାଧ ନିର୍ବାଚନ ଏହି ଅଙ୍ଗଟିକୁ କ୍ରିୟାଶୀଳ କରିଥାଏ। ଯେଉଁଠି ମୁକ୍ତ ଓ ଅବାଧ ନିର୍ବାଚନ ନାହିଁ, ସେଠି ଗଣତନ୍ତ୍ର ବିପନ୍ନ ବୋଲି ଧରିନେବାକୁ ହେବ। ପଞ୍ଚାୟତଠାରୁ ପାର୍ଲାମେଣ୍ଟ ଯାଏ ଯେଉଁ ଧରଣର ନିର୍ବାଚନ ହେଉଛି ଏବଂ ପ୍ରତିନିଧିମାନେ ବିଜୟ ମୁକୁଟ ପିନ୍ଧି ଦେଶର ରାଜକୋଷକୁ ହରିଲୁଟ କରୁଛନ୍ତି, ସେଥି ଲାଗି ଦୀର୍ଘ ସାତ ଦଶନ୍ଧି ପରେ ବି ଦେଶର ବିକାଶ ଆଶାନୁରୂପ ହୋଇପାରି ନାହିଁ। ସାଧାରଣ ଲୋକେ ରାଜନୈତିକ ଭାବେ ସଚେତନ ନ ହେଲେ, ସରକାରଙ୍କର ନୀତି-ଅନୀତିର ଠିକ୍ ବିଶ୍ଳେଷଣ କରି ନ ପାରିଲେ ନିର୍ବାଚନ ମୁକ୍ତ-ଅବାଧ ହୋଇ ପାରିବ ନାହିଁ। ଚିରାଚରିତ ପ୍ରଥାରେ ପାଞ୍ଚ ବର୍ଷରେ ଥରେ ନିର୍ବାଚନ ଆସୁଥିବ, ଆମ୍ଭେମାନେ କିଛି ନ ଜାଣି, ନ ଶୁଣି ଅନ୍ଧଙ୍କ ଭଳି ଭୋଟ ଦେଉଥିବା ଏବଂ ତଥାକଥିତ 'ଗଣତନ୍ତ୍ରର ମହାପର୍ବ'ର ଜୟ-ଜୟକାରରେ ଗଗନ-ପବନ ପ୍ରକମ୍ପିତ କରୁଥିବା।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ପ୍ରାଣୀଙ୍କ ସେବା ମହତ୍ କାର୍ଯ୍ୟ- ଏକଥା ଅନୁଭବ କରିଛନ୍ତି ରାଜସ୍ଥାନର ଗଜରାଜ ସିଂ କଚ୍ଛୱା। ସେଥିପାଇଁ ସେ ଜୟପୁରରେ 'ବେଜୁବାନ୍ କି ରୋଷେଇ' ବା 'କିଚେନ୍ ଫର୍ ଦି ଭଏସ୍‌ଲେସ' ଖୋଲି ହଜାର ହଜାର ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ୫ ବର୍ଷ ହେବ ତାଙ୍କ ଖର୍ଚ୍ଚରେ କୁକୁରମାନଙ୍କୁ ଖାଇବାକୁ ଦେଉଛନ୍ତି। ଲକ୍‌ଡାଉନ ସମୟରେ ସେ ଦୈନିକ ୬୦୦ରୁ ଉର୍ଦ୍ଧ୍ୱ କୁକୁରଙ୍କୁ ଖାଇବାକୁ ଦେଉଥିଲେ। ଏବେ କୁକୁରଙ୍କ ପାଇଁ ପୋଷକ ଖାଦ୍ୟ ପ୍ରସ୍ତୁତ କରି ତାହାକୁ ପ୍ୟାକ୍ କରୁଛନ୍ତି। ପ୍ରଥମରୁ ଏଥିପାଇଁ କିଛି ଦେୟ ଧାର୍ଯ୍ୟ କରି ନ ଥିଲେ ମଧ୍ୟ ଏହି ଅଭିଯାନକୁ ବ୍ୟାପକ କରିବାକୁ ସ୍ୱଳ୍ପ ମୂଲ୍ୟରେ ଲୋକଙ୍କୁ ବିକ୍ରି କରୁଛନ୍ତି। ପ୍ରତିଦିନ ଖାଦ୍ୟ ପ୍ରସ୍ତୁତ ହେବା ପରେ ଏହାକୁ ଜୟପୁର ବିବେକ ବିହାର ଷ୍ଟେଶନ ନିକଟସ୍ଥ ଏକ ଷ୍ଟଲରେ ୫ ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଛି। ସେଥିରେ ୪୦୦ ଗ୍ରାମର ଭାତ, ପନିର, ସୋୟାବିନ ଓ ଅଣ୍ଡା ରଖାଯାଉଛି। ଲୋକମାନେ ଏହି ମୂଲ୍ୟରେ ଖାଦ୍ୟ କିଣି ବୁଲା କୁକୁରଙ୍କୁ ଦେଉଛନ୍ତି ଓ ନିଜ ପୋଷା କୁକୁରଙ୍କ ପାଇଁ ମଧ୍ୟ ନେଉଛନ୍ତି। ଏଥିରୁ ଯାହା ରୋଜଗାର ହେଉଛି କଚ୍ଛୱା ତାହାକୁ ରୋଷେଇ ଓ ପ୍ୟାକେଟ ଖର୍ଚ୍ଚରେ ଲଗାଉଛନ୍ତି। କଚ୍ଛୱାଙ୍କୁ ଏକ ସ୍ଥାନୀୟ କ୍ଲବ ସହଯୋଗ କରିବା ସହ ପ୍ରତିଦିନ ବୁଲାକୁକୁରଙ୍କୁ ନେଇ ଖାଇବାକୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ମାର୍ଚ୍ଚ ୧୯୯୭**

- ଇରାନର ଏକ ସାମରିକ ବିମାନ ସି-୧୩୦ ମସାଦଠାରୁ ୩୮ କିମି ଦୂର ଉତ୍ତର-ପୂର୍ବ ଇରାନଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ୮୦ ଯାତ୍ରୀଙ୍କ ମୃତ୍ୟୁ ଆଶଙ୍କା।
- ଟେଲିକମ ଦୁର୍ନୀତି ମାମଲାରେ ଅଭିଯୁକ୍ତ ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କୁ ଦଣ୍ଡ ବିଧାନ ପାଇଁ ସିବିଆଇକୁ ରାଷ୍ଟ୍ରପତିଙ୍କ ଅନୁମୋଦନ।

## ଚିରନ୍ତନୀ

ଅପୂର୍ଣ୍ଣ କେତେ ବାସନା
ଗଭୀର ଶତ ଭାବନା
ବାଜି ଉଠିବ ଗୋ ଶୁଭ ମିଳନର ତାରେ,
ସବୁ ଦୁରାଶା ଅଶାନ୍ତି
ସକଳ ଯାତନା ଭ୍ରାନ୍ତି
ନିଭିଯିବ ନିଘଞ୍ଚ ଏ ଘୋର ଅନ୍ଧକାରେ।

–(ଆଶ୍ଲେଷ ସ୍ୱର୍ଗ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ପାଠକ ଶ୍ରେଷ୍ଠ ବିଚାରକ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,

ଗଣତନ୍ତ୍ରରେ ଗଣମାଧ୍ୟମ ଏବଂ ଏହାର ପ୍ରତିନିଧି ଅର୍ଥାତ୍ ଖବରଦାତାମାନେ ଜାଗ୍ରତ ପ୍ରହରୀ। ସମସ୍ତ ପରିସ୍ଥିତି ସତ୍ତ୍ୱେ ସେମାନେ ସମାଜର ହିତ ପାଇଁ କାର୍ଯ୍ୟ କରିଥା'ନ୍ତି ; ଯଦ୍ଦ୍ୱାରା ସେମାନଙ୍କୁ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ବୋଲି କୁହାଯାଏ। ଖବରଦାତାମାନଙ୍କ ସୁରକ୍ଷା ପାଇଁ ସମସ୍ତ କ୍ଷେତ୍ରରେ ଦାବି ଉପସ୍ଥାପନ କରାଯାଏ। ମାତ୍ର ପଞ୍ଚାୟତ ନିର୍ବାଚନ ବେଳେ ଯେଉଁ ଭଳି ଭାବେ ଖବରଦାତାଙ୍କୁ ଆକ୍ରମଣ କରାଗଲା, ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ବିଶେଷକରି ଆମ ରାଜନୀତିରେ ହିଂସାର ସ୍ଥାନ ନ ଥିବା ବେଳେ ଯେଉଁଭଳି ଭାବେ ହିଂସାର ଆଶ୍ରୟ ନେଇ ଦୁର୍ବୃତ୍ତମାନେ ଖବରଦାତାମାନଙ୍କୁ ମରଣାନ୍ତକ ଆକ୍ରମଣ କଲେ, ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କଲା। ଅନ୍ୟପକ୍ଷେ ଗଣମାଧ୍ୟମ ଏବଂ ଖବରଦାତାଙ୍କ ଉପରେ ଏଭଳି ବାରମ୍ବାର ଆକ୍ରମଣ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଏଭଳି ଘଟଣାକୁ ସମସ୍ତେ ନିନ୍ଦା କରିବା ଉଚିତ। କେବଳ ସେତିକି ନୁହେଁ, ଦୁର୍ବୃତ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

**–ବିଷ୍ଣୁପ୍ରସାଦ ମହାରଣା, ବାଳିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-MBJ-0002-2022-6676/R&DM　　　　Dated: 02 MAR 2022

No. XXI-169: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ଦହିକୋଟି, ଥାନା: ବେତନଟୀ ନଂ. ୭୭, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩୨.୮୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସଚେନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଦହିକୋଟି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୦୨.୮୬ | ଏ.୩୨.୮୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା – ୮୦/୨୦୧୮
ଏ.୩୨.୮୧ଡି.

### ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ସିଷ୍ଟମ ନିମନ୍ତେ

### ମୌଜା: ଦହିକୋଟି, ଥାନା: ବେତନଟୀ ନଂ. – ୭୭, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୧୫୪୧ | ୦.୬୧ | ୦.୧୨ | ଶାରଦ ଅଣ ଜଳସେଚିତ ଏକ | ଶ୍ରୀ ଅନନ୍ତ ଦାମୋଦର ଜିଉ ବିଜେ ନିଜଗୃହ ମାର୍ଫତ ଅଚ୍ୟୁତାନନ୍ଦ ମିଶ୍ର, ପି.– ଲୋକନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୭ | ୨୦୩୦ | ୦.୭୯ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | ଅମରେନ୍ଦ୍ର ମିଶ୍ର, ପି.– ପର୍ଶୁରାମ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୯ | ୧୮୬୮ | ୦.୨୧ | ୦.୨୧ | ଶାରଦ ଅଣ ଜଳସେଚିତ ଏକ | ଅଷ୍ଟମୀ ମହାନ୍ତ, ସ୍ୱା.– ଦେବେନ ମହାନ୍ତ, ବା: ନିଜଗାଁ, ମାଳତୀ ମହାନ୍ତ, ସ୍ୱା.– ବୈଷ୍ଣବ ମହାନ୍ତ, ଜା: କୁଡୁମି, ବା: ଧୋବଣୀଶୋଳ, ଥାନା: ମୋରଡ଼ା |
| ୨୧ | ୧୬୦୫ | ୧.୫୪ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | ଅଶ୍ୱନୀ କୁମାର ମିଶ୍ର, ପି.– ପରମାନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୭୨୯ | ୦.୨୯ | ୦.୧୮ | ଶାରଦ ଅଣ ଜଳସେଚିତ ଏକ | |
| ୩୨ | ୯୩୦ | ୦.୩୫ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | ଉଗ୍ରେସନ ମହାନ୍ତ, ପି.– କାଳୀଚରଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୫୧ | ୨୦୦୯ | ୦.୬୪ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | କମଳାକାନ୍ତ ମହାନ୍ତ, ପି.– ଯୁଜେଷ୍ଟି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୬୩ | ୧୫୩୫ | ୦.୧୪ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | ଶ୍ରୀ ସୁନ୍ଦରଗୌରୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀଙ୍କ ପକ୍ଷେ କାଳିଆ ସିଂ, ଘନ ସିଂ, ପି.– ଲେପା ସିଂ, କହ୍ନେଇ ସିଂ, ପି.– କୁରୋ ସିଂ, ପୁନି ସିଂ, ସରଦା ସିଂ, ପି.– ଲେଦା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୬୫ | ୧୪୮୬ | ୦.୫୯ | ୦.୦୬ | ଶାରଦ ଅଣ ଜଳସେଚିତ ଦୁଇ | କାହ୍ନୁଚରଣ ଓତା, ପି.– କାଳୀଚରଣ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୬୫୧ | ୦.୧୩ | ୦.୧୩ | ଶାରଦ ଅଣ ଜଳସେଚିତ ଏକ | |
| | ୧୬୫୪ | ୦.୩୧ | ୦.୧୬ | ଜଳାଶୟ ଦୁଇ | |
| | ୧୬୫୫ | ୦.୦୫ | ୦.୦୨ | ଶାରଦ ଅଣ ଜଳସେଚିତ ଏକ | |
| ୭୨ | ୧୫୩୭ | ୧.୬୮ | ୦.୭୭ | ଶାରଦ ଅଣ ଜଳସେଚିତ ଏକ | କୁମୁଦିନୀ ତ୍ରିପାଠୀ, କମଳିନୀ ତ୍ରିପାଠୀ, ପି.– ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ସରସ୍ୱତୀ ତ୍ରିପାଠୀ, ସ୍ୱା.– ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ କିସ୍ମତ ଟ୦.୧୫ ଅଣା ୧୩ ଗଣ୍ଡା, ଲାଲମୋହନ ବେହେରା, ପି.– ଚଉଧୁରୀ ବେହେରା, ଜା: କୁମ୍ଭାର, ବା: ଚୁରୁଣୀ, କିସ୍ମତ ଟ୦.୧ ଅଣା ୩ ଗଣ୍ଡା |
| ୭୬ | ୯୩୨ | ୦.୭୯ | ୦.୫୫ | ଶାରଦ ଅଣ ଜଳସେଚିତ ଦୁଇ | କୈଳାସ ଚନ୍ଦ୍ର ମିଶ୍ର, ପି.– ଗୁଣନିଧି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୯୪୦ | ୦.୮୪ | ୦.୪୬ | ଶାରଦ ଅଣ ଜଳସେଚିତ ଏକ | |
| | ୧୭୭୭ | ୦.୨୯ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | |
| ୮୫ | ୭୩୭ | ୦.୧୫ | ୦.୦୫ | ଶାରଦ ଅଣ ଜଳସେଚିତ ଦୁଇ | ଗୁଡୁରା ସିଂ, ବନ ସିଂ, ପି.– ବଡ଼ ଡମା ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୭୭୨ | ୦.୮୬ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| ୯୧ | ୧୫୫୪ | ୦.୪୬ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | ଗୁରୁବା ସିଂ, ପି.– ଦୁର୍ଗା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୯୨ | ୯୦୯ | ୦.୨୮ | ୦.୧୪ | ଶାରଦ ଅଣ ଜଳସେଚିତ ଦୁଇ | ଗୁରୁଚରଣ ମହାନ୍ତ, ପି.– ଚିନିଦାସ ମହାନ୍ତ, ସଞ୍ଜୟ ମହାନ୍ତ, ଭାରତୀ ମହାନ୍ତ, ସାରଥୀ ମହାନ୍ତ, ପି.– କାହ୍ନୁଚରଣ ମହାନ୍ତ, ରତନୀ ମହାନ୍ତ, ସ୍ୱା.– କାହ୍ନୁଚରଣ ମହାନ୍ତ, ତାନୁ ମହାନ୍ତ, ରହିନା ମହାନ୍ତ, ଅଷ୍ଟମୀ ମହାନ୍ତ, ମାଳତୀ ମହାନ୍ତ, ପି.– ଚୈତନ୍ୟ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୯୩୬ | ୦.୨୫ | ୦.୧୫ | ଶାରଦ ଅଣ ଜଳସେଚିତ ଦୁଇ | |
| ୯୩ | ୧୭୩୧ | ୦.୪୮ | ୦.୦୮ | ଶାରଦ ଅଣ ଜଳସେଚିତ ଏକ | ଗୋଦାବରୀଶ ମିଶ୍ର, ପି.– ଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୯୫ | ୧୫୦୦ | ୧.୫୨ | ୦.୩୬ | ଶାରଦ ଅଣ ଜଳସେଚିତ ଦୁଇ | ଗୋପବନ୍ଧୁ ମିଶ୍ର, ପି.– ସୁରେନ୍ଦ୍ରନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୬୯୯ | ୦.୪୩ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| | ୨୧୨୨ | ୧.୦୮ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | |
| ୧୦୫ | ୭୬୫ | ୦.୦୪ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | ଘନ ସିଂ, ଭୂରି ସିଂ, ଯୋଗେନ୍ଦ୍ର ସିଂ, ପି.– ବୁଧିଆ ସିଂ, ଡଗର ସିଂ, ଏକାଦଶି ସିଂ, ପି.– ପାଟୁ ସିଂ, ଚୈତନ୍ୟ ସିଂ, ପି.– ଶୁକୁରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୦୯ | ୯୩୫ | ୦.୨୭ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ଘାସିରାମ ମହାନ୍ତ, ଗୁରୁବାରି ମହାନ୍ତ, ଅମୃତ ମହାନ୍ତ, ପି.– ଗୁନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧୧ | ୧୭୩୮ | ୦.୨୩ | ୦.୨୩ | ଶାରଦ ଅଣ ଜଳସେଚିତ ଦୁଇ | ଚନ୍ଦ୍ରଶେଖର ଦାଶ, ପି.– ନାରାୟଣ ପ୍ରସାଦ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୨୧୯ | ୦.୩୮ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| ୧୧୬ | ୨୦୯୯ | ୧.୪୦ | ୦.୦୩ | ଶାରଦ ଅଣ ଜଳସେଚିତ ଏକ | ଚିନ୍ତାମଣି ମିଶ୍ର, ପି.– ବଡ଼ବାଞ୍ଛାନିଧି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୧୯ | ୭୬୨ | ୦.୬୧ | ୦.୬୧ | ଶାରଦ ଅଣ ଜଳସେଚିତ ଦୁଇ | ଚୈତନ୍ୟ ସିଂ, ପି.– ଶୁକୁରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୨୪ | ୧୪୮୫ | ୦.୩୯ | ୦.୨୨ | ଶାରଦ ଅଣ ଜଳସେଚିତ ଦୁଇ | ଜଗନ୍ନାଥ ମିଶ୍ର, ନିର୍ମଳେନ୍ଦୁ ମିଶ୍ର, ଜଗଦିଶ ମିଶ୍ର, ଜନ୍ମେଜୟ ମିଶ୍ର, ଶିତିକଣ୍ଠ ମିଶ୍ର, ରଙ୍ଗଲତା ମିଶ୍ର, ପି.– ଦୟାନିଧି ମିଶ୍ର, ଈଶ୍ୱରୀ ମିଶ୍ର, ସ୍ୱା.– ଦୟାନିଧି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୨୫ | ୨୨୨୧ | ୧.୭୨ | ୦.୧୫ | ଶାରଦ ଅଣ ଜଳସେଚିତ ଏକ | ଜଗନ୍ନାଥ ମିଶ୍ର, ପି.– ଶ୍ରୀବତ୍ସ ମିଶ୍ର, ଅର୍ଣ୍ଣପୂର୍ଣ୍ଣା ମିଶ୍ର, ସ୍ୱା.– ଶ୍ରୀବତ୍ସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୪୯ | ୧୫୦୩ | ୦.୬୯ | ୦.୦୬ | ଶାରଦ ଅଣ ଜଳସେଚିତ ଦୁଇ | ଜେମାମଣି ମହାନ୍ତ, ପି.– ଲାଲମୋହନ ମହାନ୍ତ, ଜା: କୁଡୁମି, ବା: ଅମଣିଦା |
| ୧୫୨ | ୧୭୨୮ | ୦.୨୯ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ଯୋଗେଶ୍ୱର ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ପି.– ଭୀମ ମହାନ୍ତ, କୋଇଲି ମହାନ୍ତ, ସ୍ୱା.– ଭୀମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୬୧ | ୭୭୧ | ୧.୦୮ | ୦.୩୪ | ଶାରଦ ଅଣ ଜଳସେଚିତ ଦୁଇ | ଡଗର ସିଂ, ଏକାଦଶ ସିଂ, ପି.– ପାଟୁ ସିଂ, ଯୋଗେନ୍ଦ୍ର ସିଂ, ପି.– ବୁଧିଆ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୬୪ | ୭୯୩ | ୧.୯୬ | ୦.୭୦ | ଶାରଦ ଅଣ ଜଳସେଚିତ ଦୁଇ | ଡାକ୍ତର ମହାନ୍ତ, ଶୁଶିଳ ମହାନ୍ତ, ପି.– ରମାକାନ୍ତ ମହାନ୍ତ, ଇନ୍ଦୁମତି ମହାନ୍ତ, ସ୍ୱା.– ରମାକାନ୍ତ ମହାନ୍ତ, ରତିକାନ୍ତ ମହାନ୍ତ, ବିଶ୍ୱନାଥ ମହାନ୍ତ, ନର୍ମଦା ମହାନ୍ତ, ପି.– ଦଶରଥ ମହାନ୍ତ, ଶୁକ୍ତି ମହାନ୍ତ, ସ୍ୱା.– ଦଶରଥ ମହାନ୍ତ, ନୀଳ ମହାନ୍ତ, ମୁଷୁରି ମହାନ୍ତ, ଡିଗଲ ମହାନ୍ତ, ଟୁକୁ ମହାନ୍ତ, ପି.– ଡମନ ମହାନ୍ତ, ରହଣି ମହାନ୍ତ, ପି.– ବାଇଧର ମହାନ୍ତ, ନମନୀ ମହାନ୍ତ, ସ୍ୱା.– ବାଇଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୬୬ | ୧୫୩୨ | ୧.୦୫ | ୦.୯୬ | ଶାରଦ ଅଣ ଜଳସେଚିତ ଏକ | ପ୍ରମୋଦ କୁମାର ତ୍ରିପାଠୀ, ପି.– ବୈକୁଣ୍ଠ ଚନ୍ଦ୍ର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୭୦ | ୧୯୨୩ | ୦.୬୨ | ୦.୩୬ | ଶାରଦ ଅଣ ଜଳସେଚିତ ଏକ | ଦାମୋଦର ମିଶ୍ର, ପୀତାମ୍ବର ମିଶ୍ର, ନୀଳାମ୍ବର ମିଶ୍ର, ଦିଗାମ୍ବର ମିଶ୍ର, ପି.– ଉଦୟନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୯୨୪ | ୦.୦୫ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୪୧ | ୦.୫୦ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | |
| ୧୭୨ | ୧୭୪୨ | ୦.୫୬ | ୦.୧୧ | ଶାରଦ ଅଣ ଜଳସେଚିତ ଏକ | ଦାମୋଦର ଓତା, ପି.– ବିଶ୍ୱନାଥ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୭୪୪ | ୦.୪୦ | ୦.୧୪ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୭୪୬ | ୦.୦୭ | ୦.୦୭ | ଶାରଦ ଅଣ ଜଳସେଚିତ ତିନି | |
| | ୧୯୨୭ | ୧.୨୨ | ୧.୧୨ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୨୮ | ୦.୧୬ | ୦.୦୧ | ଶାରଦ ଅଣ ଜଳସେଚିତ ତିନି | |
| ୧୭୪ | ୧୭୫୭ | ୦.୩୩ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ଦୀନବନ୍ଧୁ ମିଶ୍ର, ଜଗବନ୍ଧୁ ମିଶ୍ର, ହରିଶ୍ଚନ୍ଦ୍ର ମିଶ୍ର, ଶିରିଶଚନ୍ଦ୍ର ମିଶ୍ର, ସରୋଜଚନ୍ଦ୍ର ମିଶ୍ର, ପି.– ଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୭୫୦ | ୦.୦୪ | ୦.୦୧ | ଶାରଦ ଅଣ ଜଳସେଚିତ ତିନି | |
| | ୧୮୫୮ | ୦.୬୯ | ୦.୫୨ | ଶାରଦ ଅଣ ଜଳସେଚିତ ଏକ | |
| | ୧୮୬୦ | ୦.୦୬ | ୦.୦୬ | ଶାରଦ ଅଣ ଜଳସେଚିତ ଏକ | |
| | ୧୮୮୫ | ୦.୫୦ | ୦.୦୭ | ଶାରଦ ଅଣ ଜଳସେଚିତ ଏକ | |
| | ୨୧୦୦ | ୦.୬୦ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| ୧୭୬ | ୧୭୪୭ | ୦.୦୮ | ୦.୦୮ | ଶାରଦ ଅଣ ଜଳସେଚିତ ଦୁଇ | ଦୀନବନ୍ଧୁ ମିଶ୍ର, ଜଗବନ୍ଧୁ ମିଶ୍ର, ହରିଶ୍ଚନ୍ଦ୍ର ମିଶ୍ର, ଶିରିଶଚନ୍ଦ୍ର ମିଶ୍ର, ସରୋଜ କୁମାର ମିଶ୍ର, ପି.– ସାନଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୮୪ | ୧୭୪୮ | ୦.୩୦ | ୦.୩୦ | ଶାରଦ ଅଣ ଜଳସେଚିତ ଦୁଇ | ଦିଲୀପ କୁମାର ତ୍ରିପାଠୀ, ରାଜୀବ କୁମାର ତ୍ରିପାଠୀ, ସଞ୍ଜୀବ କୁମାର ତ୍ରିପାଠୀ, ମୃତ୍ୟୁଞ୍ଜୟ ତ୍ରିପାଠୀ, ପି.– ପୀତାମ୍ବର ତ୍ରିପାଠୀ, ବୀଣାପାଣି ତ୍ରିପାଠୀ, ସ୍ୱା.– ପୀତାମ୍ବର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୦୧୨ | ୨.୧୨ | ୦.୨୧ | ଶାରଦ ଅଣ ଜଳସେଚିତ ଏକ | |
| ୧୮୫ | ୧୫୫୨ | ୨.୭୦ | ୦.୦୨ | ଶାରଦ ଅଣ ଜଳସେଚିତ ଏକ | ଦିଲୀପ କୁମାର ତ୍ରିପାଠୀ, ରାଜୀବ କୁମାର ତ୍ରିପାଠୀ, ସଞ୍ଜିବ କୁମାର ତ୍ରିପାଠୀ, ମୃତ୍ୟୁଞ୍ଜୟ ତ୍ରିପାଠୀ, ପି.– ପିତାମ୍ବର ତ୍ରିପାଠୀ, ବୀଣାପାଣି ତ୍ରିପାଠୀ, ସ୍ୱା.– ପିତାମ୍ବର ତ୍ରିପାଠୀ, ସୁଧାଂଶୁ ତ୍ରିପାଠୀ, ହିମାଂଶୁ ତ୍ରିପାଠୀ, ପି.– ନିଳାମ୍ବର ତ୍ରିପାଠୀ, ସନ୍ଧ୍ୟାରାଣୀ ତ୍ରିପାଠୀ, ସ୍ୱା.– ନିଳାମ୍ବର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୭୩୫ | ୦.୦୨ | ୦.୦୨ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୭୩୬ | ୦.୭୧ | ୦.୫୫ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୭୩୭ | ୦.୭୬ | ୦.୬୩ | ଶାରଦ ଅଣ ଜଳସେଚିତ ଦୁଇ | |
| | ୧୭୪୯ | ୦.୧୩ | ୦.୦୩ | ପତିତ | |
| | ୧୮୪୪ | ୦.୨୪ | ୦.୦୧ | ଶାରଦ ଅଣ ଜଳସେଚିତ ଏକ | |
| | ୧୮୪୫ | ୪.୩୫ | ୦.୪୫ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୨୬ | ୦.୩୨ | ୦.୧୨ | ଶାରଦ ଅଣ ଜଳସେଚିତ ଏକ | |
| | ୧୯୨୯ | ୦.୬୦ | ୦.୬୦ | ଶାରଦ ଅଣ ଜଳସେଚିତ ତିନି | |
| | ୧୯୩୦ | ୦.୧୫ | ୦.୧୫ | ଶାରଦ ଅଣ ଜଳସେଚିତ ତିନି | |
| | ୧୯୪୦ | ୦.୭୪ | ୦.୪୦ | ଶାରଦ ଅଣ ଜଳସେଚିତ ଏକ | |
| | ୧୭୫୨ | ୦.୭୩ | ୦.୦୧ | ଜଳାଶୟ ଦୁଇ | |
| ୧୮୯ | ୭୮୦ | ୦.୫୧ | ୦.୫୧ | ଶାରଦ ଅଣ ଜଳସେଚିତ ଦୁଇ | ଦୁର୍ଯ୍ୟୋଧନ ମହାନ୍ତ, ଚୁଡାମଣି ମହାନ୍ତ, ପି.– ହେମେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୯୧ | ୧୫୩୬ | ୦.୫୨ | ୦.୨୦ | ଶାରଦ ଅଣ ଜଳସେଚିତ ଏକ | ଶ୍ରୀ ସୁନ୍ଦରଗୌରୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ତରଫରୁ ଦୁଲି ସିଂ, ସ୍ୱା.– କୁରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୨୦୧ | ୯୦୫ | ୦.୭୮ | ୦.୪୩ | ଜଳାଶୟ ଦୁଇ | ଦ୍ରୌପଦୀ ଆଚାର୍ଯ୍ୟ, ପି.– ଶିବନାରାୟଣ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୯୩୯ | ୦.୧୦ | ୦.୧୦ | ପତିତ | |
| ୨୦୫ | ୯୩୪ | ୦.୧୬ | ୦.୧୬ | ଶାରଦ ଅଣ ଜଳସେଚିତ ଦୁଇ | ଧୀରେନ ମହାନ୍ତ, ଗିରିଶଚନ୍ଦ୍ର ମହାନ୍ତ, ପି.– ରାଧାମୋହନ ମହାନ୍ତ, କନକ ମହାନ୍ତ, ସ୍ୱା.– ରାଧାମୋହନ ମହାନ୍ତ, ବଂଶୀଧର ମହାନ୍ତ, ସୁନ୍ଦରମୋହନ ମହାନ୍ତ, ପାର୍ବତୀ ମହାନ୍ତ, ଟୁକୁ ମହାନ୍ତ, ଦ୍ରୌପଦୀ ମହାନ୍ତ, ପି.– ବୁଦ୍ଧିଆ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ସ୍ନେହାଶ୍ରୀ ବେହେରା | ଭାଜପା | ପଦ୍ମ |
| | ଶୈଳବାଳା ମହାପାତ୍ର | କଂଗ୍ରେସ | ହାତ |
| | ଇତିଶ୍ରୀ ଦାସ | ସ୍ୱାଧୀନ | ମଶାଲ |
| | ସୋନାଲି ଭୋଇ | ସ୍ୱାଧୀନ | ଶଗଡ଼ |
| ୱାର୍ଡ ନଂ-୧୪ | ମୋନାଲିସା ସାହୁ | ବିଜେଡି | ଶଙ୍ଖ |
| | ଆରତୀ ନାୟକ | ଭାଜପା | ପଦ୍ମ |
| | ସୁପ୍ରିୟା ମହାପାତ୍ର | କଂଗ୍ରେସ | ହାତ |
| | ଅନ୍ନପୂର୍ଣ୍ଣା କର | ସ୍ୱାଧୀନ | ମାଠିଆ |
| | ରଶ୍ମିରେଖା ଜେନା | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୧୫ | ରାଜଲକ୍ଷ୍ମୀ ବେହେରା | ବିଜେଡି | ଶଙ୍ଖ |
| | ସୁଭଦ୍ରା ଦୀପ୍ | ଭାଜପା | ପଦ୍ମ |
| | ଲିପ୍ସା ମହାନ୍ତି | କଂଗ୍ରେସ | ହାତ |
| | ପିଙ୍କି ସ୍ୱାଇଁ | ସ୍ୱାଧୀନ | ମଶାଲ |
| | ମିନତି ନନ୍ଦ | ଆପ୍ | ଝାଡୁ |
| ୱାର୍ଡ ନଂ-୧୬ | ଅଚ୍ୟୁତାନନ୍ଦ ସ୍ୱାଇଁ | ବିଜେଡି | ଶଙ୍ଖ |
| | ପୁଷ୍ପଲତା ନାଥ | ଭାଜପା | ପଦ୍ମ |
| | ନଗମା ଖାତୁନ୍ | କଂଗ୍ରେସ | ହାତ |
| | ଅଜିତ୍ କୁମାର ଦାଶ | ସ୍ୱାଧୀନ | ଲଣ୍ଠନ |
| | ପୂଜା ଧାସ | ସ୍ୱାଧୀନ | ନିଶୁଣି |
| | ମାନସ ରଞ୍ଜନ ଧଳ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୧୭ | ପୂଜା ମହାରଣା | ବିଜେଡି | ଶଙ୍ଖ |
| | ଜ୍ୟୋତ୍ସ୍ନାରାଣୀ ନାୟକ | ଭାଜପା | ପଦ୍ମ |
| | ବାଡ଼ିଆ ସୁଲେଖା ରେଡ୍ଡୀ | କଂଗ୍ରେସ | ହାତ |
| ୱାର୍ଡ ନଂ-୧୮ | ବିପ୍ଳବ ବେହେରା | ବିଜେଡି | ଶଙ୍ଖ |
| | କେତକୀ ମଲ୍ଲିକ | ଭାଜପା | ପଦ୍ମ |
| | ନିବାସ ଭୋଇ | କଂଗ୍ରେସ | ହାତ |
| | ବିକାଶ ତରାଇ | ସ୍ୱାଧୀନ | ମାଠିଆ |
| | ବିଭୁ କଲ୍ୟାଣ ସେଠୀ | ସ୍ୱାଧୀନ | ବାଇସାଇକେଲ |
| | ବିମଳ ଭୋଇ | ସ୍ୱାଧୀନ | ବାଳକବାଳିକା |
| | ଲୋକେଶ କୁମାର | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୧୯ | ସ୍ମୃତିଶିଖା ବରିସଲ | ବିଜେଡି | ଶଙ୍ଖ |
| | ବୈଜୟନ୍ତୀ ଜେନା | ଭାଜପା | ପଦ୍ମ |
| ୱାର୍ଡ ନଂ-୨୦ | ପ୍ରେମାନନ୍ଦ ଜେନା | ବିଜେଡି | ଶଙ୍ଖ |
| | ଅନସୂୟା ସାହୁ | ଭାଜପା | ପଦ୍ମ |
| | ତନୁ ପ୍ରଧାନ | କଂଗ୍ରେସ | ହାତ |
| | କାଳନ୍ଦୀ ପ୍ରଧାନ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ନିରୁପମା ନାୟକ | ସ୍ୱାଧୀନ | ଦା, ହାତୁଡ଼ି ଓ ତାରା |
| | ସନ୍ତୋଷ କୁମାର ଦାସ | ସ୍ୱାଧୀନ | ନିଶୁଣି |
| | ସ୍ମୃତିରଞ୍ଜନ ମହାନ୍ତି | ସ୍ୱାଧୀନ | ଲଣ୍ଠନ |
| | ଲକ୍ଷ୍ମୀଧର ପାତ୍ର | ସ୍ୱାଧୀନ | ସିଲେଇ ମେଶିନ |
| ୱାର୍ଡ ନଂ-୨୧ | ପୂଜା ବେହେରା | ବିଜେଡି | ଶଙ୍ଖ |
| | ସୁଚିତ୍ରା ବେହେରା | ଭାଜପା | ପଦ୍ମ |
| | ଗଙ୍ଗାଧର ନାୟକ | ସ୍ୱାଧୀନ | ଦା, ହାତୁଡ଼ି ଓ ତାରା |
| ୱାର୍ଡ ନଂ-୨୨ | ମଞ୍ଜୁଲତା କହଁର | ବିଜେଡି | ଶଙ୍ଖ |
| | ସୁମିତ୍ରା ନାୟକ | ଭାଜପା | ପଦ୍ମ |
| ୱାର୍ଡ ନଂ-୨୩ | କିରଣବାଳା ମାଝି | ବିଜେଡି | ଶଙ୍ଖ |
| | ଆରତୀ ଭୂୟାଁ | ଭାଜପା | ପଦ୍ମ |
| | କମଳିନୀ ପାଣି | କଂଗ୍ରେସ | ହାତ |
| ୱାର୍ଡ ନଂ-୨୪ | ପ୍ରତାପ କିଶୋର ସାହୁ | ବିଜେଡ଼ି | ଶଙ୍ଖ |
| | ସୁରେଶ କୁମାର ଦାଶ | ଭାଜପା | ପଦ୍ମ |
| | ମଣ୍ଟୁ ମଲ୍ଲିକ | କଂଗ୍ରେସ | ହାତ |
| | ଦୀପକ କୁମାର ମିଶ୍ର | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୨୫ | ମାନସୀରାଣୀ ସୁନ୍ଦରାୟ | ବିଜେଡି | ଶଙ୍ଖ |
| | ଅନଙ୍ଗ ବିକ୍ରମ ବିଶ୍ୱାଳ | ଭାଜପା | ପଦ୍ମ |
| | ପବିତ୍ର କୁମାର ଦାସ | କଂଗ୍ରେସ | ହାତ |
| ୱାର୍ଡ ନଂ-୨୬ | ଭାରତୀ ସିଂ | ବିଜେଡି | ଶଙ୍ଖ |
| | ମାଳତୀ ହେମ୍ବ୍ରମ୍ | ଭାଜପା | ପଦ୍ମ |
| | ପଦ୍ମିନୀ ମାରାଣ୍ଡି | କଂଗ୍ରେସ | ହାତ |
| | ସୀତା ମୁର୍ମୁ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୨୭ | ଶୁଭ୍ରାଂଶୁ ଶେଖର ପଟ୍ଟନାୟକ | ବିଜେଡି | ଶଙ୍ଖ |
| | ସ୍ୱପ୍ନେନ୍ଦୁ ମହାନ୍ତି | ଭାଜପା | ପଦ୍ମ |
| | ଅନିଲ କୁମାର ଦାସ | କଂଗ୍ରେସ | ହାତ |
| | ମାଗି ଦଳବେହେରା | ସ୍ୱାଧୀନ | ରେଳ ଇଞ୍ଜିନ |
| | ଶିବ ପ୍ରସାଦ ରାଉତ | ସ୍ୱାଧୀନ | ଡଙ୍ଗା |
| | ସୁଚିସ୍ମିତା ସାମଲ | ସ୍ୱାଧୀନ | ମଶାଲ |
| | ସୁଭାଷ ଚନ୍ଦ୍ର ପଣ୍ଡା | ଆପ୍ | ଝାଡୁ |
| ୱାର୍ଡ ନଂ-୨୮ | ଝରଣାରାଣୀ ପତି | ବିଜେଡି | ଶଙ୍ଖ |
| | ପ୍ରିୟମ୍ବଦା ପୃଷ୍ଟି | ଭାଜପା | ପଦ୍ମ |
| | ଅଞ୍ଜଳୀ ସାହୁ | କଂଗ୍ରେସ | ହାତ |
| | ପୁଷ୍ପଲତା ସାହୁ | ଆପ୍ | ଝାଡୁ |
| | ପ୍ରଭାତୀ ସାହୁ | ସ୍ୱାଧୀନ | ବାଇସାଇକେଲ |
| ୱାର୍ଡ ନଂ-୨୯ | ଏ.ରାଜୁ | ବିଜେଡି | ଶଙ୍ଖ |
| | ଅପରୂପ ନାରାୟଣ ରାଉତ | ଭାଜପା | ପଦ୍ମ |
| | ଦେବୀ ପ୍ରସାଦ ବାହାଲିଆ | କଂଗ୍ରେସ | ହାତ |
| ୱାର୍ଡ ନଂ-୩୦ | ରାଜକିଶୋର ଦାସ | ବିଜେଡି | ଶଙ୍ଖ |
| | ଜିତେନ୍ଦ୍ର ନାଥ ରଥ | ଭାଜପା | ପଦ୍ମ |
| | ସ୍ମୃତି ରଞ୍ଜନ ତ୍ରିପାଠୀ | କଂଗ୍ରେସ | ହାତ |
| | ନିରଞ୍ଜନ ଭୂୟାଁ | ଆପ୍ | ଝାଡୁ |
| ୱାର୍ଡ ନଂ-୩୧ | କୁମାରେନ୍ଦ୍ର ମହାପାତ୍ର | ବିଜେଡି | ଶଙ୍ଖ |
| | ପ୍ରଶାନ୍ତ କୁମାର ନାୟକ | ଭାଜପା | ପଦ୍ମ |
| | ସୂର୍ଯ୍ୟକାନ୍ତ ଜେନା | କଂଗ୍ରେସ | ହାତ |
| | ଜୟକୃଷ୍ଣ ଶତପଥୀ | ସ୍ୱାଧୀନ | ଭାଓଲିନ୍ |
| | ଦେବଦତ୍ତ ଭୋଇ | ସ୍ୱାଧୀନ | ହାତୀ |
| ୱାର୍ଡ ନଂ -୩୨ | ଶ୍ରୀଧର ଜେନା | ବିଜେଡି | ଶଙ୍ଖ |
| | ପ୍ରଭାତ କୁମାର ମାର୍ଥା | ଭାଜପା | ପଦ୍ମ |
| | ଜହୁର ଖାନ୍ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୩୩ | ସୁଲଗ୍ନା ଜେନା | ବିଜେଡି | ଶଙ୍ଖ |
| | ଧରିତ୍ରୀ ଜେନା | ଭାଜପା | ପଦ୍ମ |
| ୱାର୍ଡ ନଂ-୩୪ | ପୁଷ୍ପାଞ୍ଜଳୀ ସେଠୀ | ବିଜେଡି | ଶଙ୍ଖ |
| | ଜ୍ୟୋତିର୍ମୟୀ ସେଠୀ | ଭାଜପା | ପଦ୍ମ |
| | ଚଞ୍ଚଳା ସେଠୀ | କଂଗ୍ରେସ | ହାତ |
| | ଶୁଭଲକ୍ଷ୍ମୀ ନାୟକ | ସ୍ୱାଧୀନ | ବାଳକବାଳିକା |
| ୱାର୍ଡ ନଂ-୩୫ | ରଞ୍ଜୁଲତା ରାୟ | ବିଜେଡି | ଶଙ୍ଖ |
| | ଅଞ୍ଜନା ପାତ୍ର | ଭାଜପା | ପଦ୍ମ |
| | ଦେବଦାସୀ ଦାଶ | ସ୍ୱାଧୀନ | ଦା, ହାତୁଡ଼ି ଓ ତାରା |
| | ମନ୍ଦାକିନୀ ମହାରଣା | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ରଶ୍ମିତା ସାହୁ | ସ୍ୱାଧୀନ | ନିଶୁଣି |
| | ସୁମିତା ସିଟ୍ | ସ୍ୱାଧୀନ | ଲଣ୍ଠନ |
| ୱାର୍ଡ ନଂ-୩୬ | ଅଲିଅଳି ମଲିକ | ବିଜେଡି | ଶଙ୍ଖ |
| | ମମତା ସେଠୀ | ଭାଜପା | ପଦ୍ମ |
| | ଇତିଶ୍ରୀ ମଲ୍ଲିକ | କଂଗ୍ରେସ | ହାତ |
| | ବରେନ୍ଦ୍ର କୁମାର ସେଠୀ | ସ୍ୱାଧୀନ | ମାଠିଆ |
| | ରଶ୍ମିତା ମଲ୍ଲିକ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୩୭ | ରଞ୍ଜିତା ବେହେରା | ବିଜେଡି | ଶଙ୍ଖ |
| | ସ୍ୱର୍ଣ୍ଣପ୍ରଭା ବେହେରା | ଭାଜପା | ପଦ୍ମ |
| | ମାମିନା ବେହେରା | କଂଗ୍ରେସ | ହାତ |
| | କୁନ୍ତୀ ଭୋଇ | ସ୍ୱାଧୀନ | ଭାଓଲିନ୍ |
| | ବନ୍ଦିତା ପାଲ୍ | ସ୍ୱାଧୀନ | ବାଇସାଇକେଲ |
| | ସଞ୍ଜୁକ୍ତା ପାଣିଗ୍ରାହୀ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୩୮ | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ବିଜେଡି | ଶଙ୍ଖ |
| | ପାର୍ବତୀ ଜଗଦ୍ଦେବ | ଭାଜପା | ପଦ୍ମ |
| | ସୁମନା ମଜୁମ୍ଦାର | କଂଗ୍ରେସ | ହାତ |
| ୱାର୍ଡ ନଂ-୩୯ | ସୁନିତା ପାଇକରାୟ | ବିଜେଡି | ଶଙ୍ଖ |
| | ଗୀତାଞ୍ଜଳୀ ସାହୁ | ଭାଜପା | ପଦ୍ମ |
| | ଲିଜା ମହାନ୍ତି | କଂଗ୍ରେସ | ହାତ |
| | ନମିତା ସାହୁ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ରାତିକା ବଳବନ୍ତରାୟ | ସ୍ୱାଧୀନ | ନିଶୁଣି |
| ୱାର୍ଡ ନଂ-୪୦ | ଅସିୟା ବେଗମ୍ | ବିଜେଡି | ଶଙ୍ଖ |
| | ତୁଳସୀ ବିଶୋଇ | ଭାଜପା | ପଦ୍ମ |
| | ମାନୀ ପଣ୍ଡା | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ- ୪୧ | କବିତା ସ୍ୱାଇଁ | ବିଜେଡି | ଶଙ୍ଖ |
| | ସୁରମା ବେହେରା | ଭାଜପା | ପଦ୍ମ |
| | ପ୍ରତିମା ମହାନ୍ତି | କଂଗ୍ରେସ | ହାତ |
| | ମଧୁସ୍ମିତା ଦାସ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ମିନତୀ ବେହେରା | ସ୍ୱାଧୀନ | ଦା, ଧାନକେଣ୍ଡା |
| | ସସ୍ମିତା ସାହୁ | ସ୍ୱାଧୀନ | ବାଇସାଇକେଲ |
| ୱାର୍ଡ ନଂ-୪୨ | ଆଶିଷ କୁମାର ପଟ୍ଟନାୟକ | ବିଜେଡ଼ି | ଶଙ୍ଖ |
| | ରଶ୍ମି ରଞ୍ଜନ ମହାପାତ୍ର | ଭାଜପା | ପଦ୍ମ |
| | ରୂପକ କୁମାର ପରିଡା | କଂଗ୍ରେସ | ହାତ |
| | ବିକ୍ରମ ଘୋଷ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୪୩ | ଭରତ କୁମାର ଲେଙ୍କା | ବିଜେଡି | ଶଙ୍ଖ |
| | ନିବେଦିତା ପ୍ରଧାନ | ଭାଜପା | ପଦ୍ମ |
| ୱାର୍ଡ ନଂ-୪୪ | ଅଜିତ୍ ବେହେରା | ବିଜେଡି | ଶଙ୍ଖ |
| | ରାକେଶ ମହାନ୍ତି | ଭାଜପା | ପଦ୍ମ |
| | ରଶି ଗୋଛାୟତ | କଂଗ୍ରେସ | ହାତ |
| | ପ୍ରଭାତ କୁମାର ଦଳବେହେରା | ସ୍ୱାଧୀନ | ଲଣ୍ଠନ |
| | ବସନ୍ତ କୁମାର ଲେଙ୍କା | ସ୍ୱାଧୀନ | ଡଙ୍ଗା |
| | ସଂଗ୍ରାମ କୁମାର ମାର୍ଥା | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ସ୍ମୃତିରଞ୍ଜନ ମହାରଥା | ସ୍ୱାଧୀନ | ରେଳ ଇଞ୍ଜିନ୍ |
| ୱାର୍ଡ ନଂ-୪୫ | ଅମରେଶ ଜେନା | ବିଜେଡି | ଶଙ୍ଖ |
| | ଜ୍ୟୋତିରେଖା ନାୟକ | ଭାଜପା | ପଦ୍ମ |
| ୱାର୍ଡ ନଂ-୪୬ | ପୁଷ୍ପଲତା ମହାରଥୀ | ବିଜେଡି | ଶଙ୍ଖ |
| | ମମତା ମଲ୍ଲିକ | ଭାଜପା | ପଦ୍ମ |
| | ପୁଷ୍ପା ରାଉତ | ସ୍ୱାଧୀନ | ଲଣ୍ଠନ |
| | ପ୍ରଭାତୀ ନାୟକ | ସ୍ୱାଧୀନ | ବାଳକବାଳିକା |
| | ମଧୁରୀତା ମିଶ୍ର | ସ୍ୱାଧୀନ | ବାଇସାଇକେଲ |
| ୱାର୍ଡ ନଂ -୪୭ | ସମିତା ମହାନ୍ତି | ବିଜେଡି | ଶଙ୍ଖ |
| | ସ୍ମିତା ମହାନ୍ତି | ଭାଜପା | ପଦ୍ମ |
| | ମିନତି ସାହୁ | କଂଗ୍ରେସ | ହାତ |
| ୱାର୍ଡ ନଂ-୪୮ | ତନୁଜା ପ୍ରୀତିଛନ୍ଦା ବିଶ୍ୱାଳ | ବିଜେଡି | ଶଙ୍ଖ |
| | ସୁଚିତ୍ରା ପାତ୍ର | ଭାଜପା | ପଦ୍ମ |
| | ସଚଳାମଣୀ ପରିଡା | କଂଗ୍ରେସ | ହାତ |
| ୱାର୍ଡ ନଂ-୪୯ | ସଞ୍ଜୁକ୍ତା ସୁନ୍ଦରାୟ | ବିଜେଡି | ଶଙ୍ଖ |
| | ପୁଷ୍ପିତା ସୁନ୍ଦରାୟ | ଭାଜପା | ପଦ୍ମ |
| ୱାର୍ଡ ନଂ-୫୦ | ସୁଜିତ୍ କୁମାର ସ୍ୱାଇଁ | ବିଜେଡି | ଶଙ୍ଖ |
| | ରାମଚନ୍ଦ୍ର ରଣସିଂହ | ଭାଜପା | ପଦ୍ମ |
| | ବିଭୁ ପ୍ରସାଦ ଜେନା | କଂଗ୍ରେସ | ହାତ |
| | ସୁଶୀଲ କୁମାର ସାହୁ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୫୧ | ବିନୟିନୀ ଜେନା | ବିଜେଡ଼ି | ଶଙ୍ଖ |
| | ସୁନୀଲ କୁମାର ସାହୁ | ଭାଜପା | ପଦ୍ମ |
| | ଦିଲୀପ କୁମାର ତ୍ରିପାଠୀ | କଂଗ୍ରେସ | ହାତ |
| | କିରନ୍ ଦାସ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ବିଜୟ କୁମାର ଦାସ | ସ୍ୱାଧୀନ | ବାଇସାଇକେଲ |
| | ରଙ୍କନିଧି ଦେହୁରୀ | ସ୍ୱାଧୀନ | ରେଡ଼ିଓ |
| ୱାର୍ଡ ନଂ-୫୨ | ଶ୍ରୀଧର ବେହେରା | ବିଜେଡି | ଶଙ୍ଖ |
| | ମନୋଜ କୁମାର ପାତ୍ର | ଭାଜପା | ପଦ୍ମ |
| | ଦୀପକ କୁମାର ମହାପାତ୍ର | କଂଗ୍ରେସ | ହାତ |
| ୱାର୍ଡ ନଂ-୫୩ | ମହାମାୟା ସ୍ୱାଇଁ | ବିଜେଡି | ଶଙ୍ଖ |
| | ନଳୀନିପ୍ରଭା ଖଟାଇ | ଭାଜପା | ପଦ୍ମ |
| | ନିବାସୀ ଦେଇ | କଂଗ୍ରେସ | ହାତ |
| ୱାର୍ଡ ନଂ-୫୪ | ଶିବ ପ୍ରସାଦ ବେହେରା | ବିଜେଡି | ଶଙ୍ଖ |
| | ସ୍ୱାଗତ ମହାପାତ୍ର | ଭାଜପା | ପଦ୍ମ |
| | ପୁଷ୍ପିତା ଦାଶ | କଂଗ୍ରେସ | ହାତ |
| ୱାର୍ଡ ନଂ-୫୫ | ନୃପେଶ କୁମାର ନାୟକ | ବିଜେଡ଼ି | ଶଙ୍ଖ |
| | ସିଦ୍ଧାନ୍ତ ଦାସ | ଭାଜପା | ପଦ୍ମ |
| | ସୁବ୍ରତ ସେନାପତି | କଂଗ୍ରେସ | ହାତ |
| | ଅମିୟ କୁମାର ମହାନ୍ତି | ଆପ୍ | ଝାଡୁ |
| ୱାର୍ଡ ନଂ-୫୬ | କେ. ଶାନ୍ତି | ବିଜେଡି | ଶଙ୍ଖ |
| | ନାରାୟଣ ବସ୍ତିଆ | ଭାଜପା | ପଦ୍ମ |
| | ସଞ୍ଜୟ କୁମାର ପରିଡ଼ା | କଂଗ୍ରେସ | ହାତ |
| | ପୀୟୁଷ ରଞ୍ଜନ ମହାନ୍ତି | ସ୍ୱାଧୀନ | ବାଇସାଇକେଲ |
| | ହାରାବତୀ ପ୍ରଧାନ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୫୭ | ସନ୍ତୋଷ କୁମାର ସିଂହ | ବିଜେଡି | ଶଙ୍ଖ |
| | ଅମର ଜ୍ୟୋତି ଜଗଦ୍ଦେବ | ଭାଜପା | ପଦ୍ମ |
| | ମିହିର ରଞ୍ଜନ ଆଚାର୍ଯ୍ୟ | କଂଗ୍ରେସ | ହାତ |
| | ଗୟାଧର ରଥ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ | ସ୍ୱାଧୀନ | ଦୁଆତ କଲମ |
| | ପ୍ରଶାନ୍ତ କୁମାର ବେହେରା | ସ୍ୱାଧୀନ | ଡଙ୍ଗା |
| | ବନ୍ଦନା ସାହୁ | ସ୍ୱାଧୀନ | ତାଲାଚାବି |
| ୱାର୍ଡ ନଂ-୫୮ | ପୁଷ୍ପା ଦାସ | ବିଜେଡି | ଶଙ୍ଖ |
| | ଶ୍ରଦ୍ଧାଞ୍ଜଳି କାନୁନ୍ଗୋ | ଭାଜପା | ପଦ୍ମ |
| | ନମିତା ମହାପାତ୍ର | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୫୯ | ବିରଞ୍ଚିନାରାୟଣ ମହାସୁପକାର | ବିଜେଡି | ଶଙ୍ଖ |
| | କୃଷ୍ଣଚନ୍ଦ୍ର ବଟୁ | ଭାଜପା | ପଦ୍ମ |
| | ଦେବୀ ପ୍ରସାଦ ସ୍ୱାଇଁ | କଂଗ୍ରେସ | ହାତ |
| | କୃଷ୍ଣଚନ୍ଦ୍ର ଦାସ | ସ୍ୱାଧୀନ | ଲଣ୍ଠନ |
| | ନଗେନ୍ଦ୍ର ନାଥ ମିଶ୍ର | ଆପ୍ | ଝାଡୁ |
| | ଶାରଦା ପ୍ରସାଦ ପାଣି | ସ୍ୱାଧୀନ | ପାଣି ଜାହାଜ |
| ୱାର୍ଡ ନଂ-୬୦ | ରାଜେନ୍ଦ୍ର ସମର୍ଥା | ବିଜେଡି | ଶଙ୍ଖ |
| | ତୃପ୍ତିମୟୀ ମକଦ୍ଦମ | ଭାଜପା | ପଦ୍ମ |
| | ଲୋକନାଥ ପଣ୍ଡା | କଂଗ୍ରେସ | ହାତ |
| | ଚନ୍ଦ୍ରଶେଖର ମଲିଆ | ସ୍ୱାଧୀନ | ବାଇସାଇକେଲ |
| | ଜୟ ପ୍ରସାଦ ମଲିଆ | ସ୍ୱାଧୀନ | ଲଣ୍ଠନ |
| | ବିଭୁପ୍ରସାଦ ଷଡଙ୍ଗୀ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୬୧ | ଶିବ ନାରାୟଣ ରାୟ | ବିଜେଡି | ଶଙ୍ଖ |
| | ସୁଭାସିନୀ ପୃଷ୍ଟି | ଭାଜପା | ପଦ୍ମ |
| | ନାରାୟଣ ଜେନା | କଂଗ୍ରେସ | ହାତ |
| | ନରେନ ସାହୁ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ଦେବାଶିଷ ବ୍ରହ୍ମା | ସ୍ୱାଧୀନ | ଲଣ୍ଠନ |
| ୱାର୍ଡ ନଂ-୬୨ | ଚାରୁଲତା ସାମନ୍ତରାୟ | ବିଜେଡି | ଶଙ୍ଖ |
| | ରଶ୍ମିତା ସେଠୀ | ଭାଜପା | ପଦ୍ମ |
| ୱାର୍ଡ ନଂ-୬୩ | ରୁନୁ ଜେନା | ବିଜେଡି | ଶଙ୍ଖ |
| | ସୁଜାତା ଛୋଟରାୟ | ଭାଜପା | ପଦ୍ମ |
| | ନୀତୀଶା ମହାନ୍ତି | କଂଗ୍ରେସ | ହାତ |
| | ଜ୍ୟୋତ୍ସ୍ନାମୟୀ ଜେନା | ସ୍ୱାଧୀନ | ଫଳନ୍ତି ନଡିଆଗଛ |
| ୱାର୍ଡ ନଂ-୬୪ | ସକିବା ମୁଶରତ୍ | ବିଜେଡି | ଶଙ୍ଖ |
| | ସ୍ମିତା ସରିତା ପଟ୍ଟନାୟକ | ଭାଜପା | ପଦ୍ମ |
| | ତଇମୁନ୍ ବିବି | କଂଗ୍ରେସ | ହାତ |
| | ସରୱାରୀ ବିବି | ଆପ୍ | ଝାଡୁ |
| | ଲକ୍ଷ୍ମୀ ଭୋଇ | ସ୍ୱାଧୀନ | ହାତୀ |
| ୱାର୍ଡ ନଂ-୬୫ | ରାଜେଶ କୁମାର ପାତ୍ର | ବିଜେଡି | ଶଙ୍ଖ |
| | କାର୍ତ୍ତିକ ଚନ୍ଦ୍ର ସୁନ୍ଦରାୟ | ଭାଜପା | ପଦ୍ମ |
| | ଅରବିନ୍ଦ ଦାସ | ସ୍ୱାଧୀନ | ରେଳ ଇଞ୍ଜିନ୍ |
| | ଏମ୍ଡି ଅମିରୁଦ୍ଦିନ | ଆପ୍ | ଝାଡୁ |
| | କଳ୍ପନା ମିଶ୍ର | ସ୍ୱାଧୀନ | ମଶାଲ |
| | ବଳରାମ ସ୍ୱାଇଁ | ସ୍ୱାଧୀନ | ବାଇସାଇକେଲ |
| | ବସନ୍ତ କୁମାର ସାହୁ | ସ୍ୱାଧୀନ | ଦା, ହାତୁଡ଼ି, ତାରା |
| | ରଶ୍ମି ରଞ୍ଜନ ପାଟ୍ଟଶାଣୀ | ସ୍ୱାଧୀନ | ଭାଓଲିନ୍ |
| | ଶିବ ଶଙ୍କର ଶ୍ରୀଚନ୍ଦନ | ସ୍ୱାଧୀନ | ଦୁଆତ କଲମ |
| | ସୁଶାନ୍ତ କୁମାର ମେକାପ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ-୬୬ | ଛବି ଦାଶ | ବିଜେଡି | ଶଙ୍ଖ |
| | ସୁମିତ୍ରା ଆଚାର୍ଯ୍ୟ | ଭାଜପା | ପଦ୍ମ |
| | ବୈଜୟନ୍ତୀ ରାଣୀ ତ୍ରିପାଠୀ | କଂଗ୍ରେସ | ହାତ |
| | ବବିତା ନାଥଶର୍ମା | ଆପ୍ | ଝାଡୁ |
| | ପାର୍ବତୀ ସାହୁ | ସ୍ୱାଧୀନ | ଦା, ହାତୁଡି, ତାରା |
| ୱାର୍ଡ ନଂ-୬୭ | ମିଲନ୍ ଦେବୀ | ବିଜେଡି | ଶଙ୍ଖ |
| | ମଧୁସ୍ମିତା ପ୍ରଧାନ | ଭାଜପା | ପଦ୍ମ |
| | ଶିବାନୀ ଶିବଦର୍ଶିନୀ ମହାନ୍ତି | କଂଗ୍ରେସ | ହାତ |
| | ସଲମା ପରୱିନ | ସ୍ୱାଧୀନ | ବାଇସାଇକେଲ |
| | ସୁଜାତା ଭୋଇ | ଆପ୍ | ଝାଡୁ |
| | ଲିପ୍ସା ଚମ୍ପତି | ସ୍ୱାଧୀନ | ନଟୁ |

# କିଛି ବୁଝିଲେ, ଆଉ କେତେଜଣ ବୁଝିଲେ ନାହିଁ

## ପୌର ନିର୍ବାଚନରେ ବିଦ୍ରୋହୀ

ଭୁବନେଶ୍ୱର, ୧୪।୩ (ବ୍ୟୁରୋ)

ପୌର ନିର୍ବାଚନକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ରେ ରାଜନୈତିକ ବାତାବରଣ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି। ଇତିମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ସୋମବାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ମୋଟ ୫୨ଜଣ ନିର୍ବାଚନରୁ ଓହରି ଯାଇଥିବାବେଳେ ଏବେ ୬୭ ୱାର୍ଡ ପାଇଁ ନିର୍ବାଚନ ରଣାଙ୍ଗନରେ ୨୯୦ କର୍ପୋରେଟର ପ୍ରାର୍ଥୀ ଓ ୧୨ଜଣ ମେୟର ପ୍ରାର୍ଥୀ ରହିଛନ୍ତି। ନିର୍ଣ୍ଣାୟକ ଲଢ଼େଇ ପାଇଁ ଏମାନେ ପ୍ରସ୍ତୁତି ଚଳାଇଥିବାବେଳେ ବିଦ୍ରୋହୀ ପ୍ରାର୍ଥୀଙ୍କୁ ନେଇ କିଛିଦିନ ହେବ ଲାଗି ରହିଥିବା ଚର୍ଚ୍ଚା ତଥାପି ଥମି ନାହିଁ। ସମସ୍ତଙ୍କ ନଜର ଶାସକ ବିଜେଡି ପ୍ରାର୍ଥୀଙ୍କ ଉପରେ ରହିଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅଧିକାଂଶ ବିଜେଡିରୁ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଥିଲେ। ବିଦ୍ରୋହ ଏଡ଼ାଇବା ପାଇଁ ଦଳ ପକ୍ଷରୁ ବୁଝାଶୁଝା ଚାଲିଥିଲା। କିଛି ବୁଝିଥିବାବେଳେ ଆଉ କେତେଜଣ ଜିଦ୍‌ରେ ଅଟଳ ଅଛନ୍ତି। ତେଣୁ କେତେକ ୱାର୍ଡରେ ଏବେ ବି ବିଜେଡି ପ୍ରାର୍ଥୀଙ୍କ ବିରୋଧରେ ନିଜ ଦଳର ବିଦ୍ରୋହୀ ପ୍ରାର୍ଥୀ ହିଁ ଲଢ଼ିବାକୁ ଯାଉଛନ୍ତି।

ବିଜେଡିରୁ ମାଳମାଳ ଆଶାୟୀ ବାହାରିବାରୁ ଦଳ କର୍ପୋରେଟର ଟିକେଟ ପ୍ରଦାନରେ ବିଳମ୍ବ କରିଥିଲା। ଫଳରେ ଅଧିକାଂଶ ଆଶାୟୀ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କେତେଜଣଙ୍କୁ ଟିକେଟ ମିଳିବା ପରେ ଅନ୍ୟମାନଙ୍କୁ ନିରାଶ ହେବାକୁ ପଡିଥିଲା। ଅଭିମାନ ଓ ଆତ୍ମସମ୍ମାନର ଦ୍ୱାହି ଦେଇ ସେମାନେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ମନସ୍ଥ କରିଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ବିଧାୟକମାନେ ସେମାନଙ୍କୁ ବୁଝାଇବାରେ ବିଫଳ ହେବା ପରେ ଦଳର ଶୀର୍ଷ ନେତୃତ୍ୱଙ୍କୁ ଅସନ୍ତୁଷ୍ଟଙ୍କ ତାଲିକା ଧରାଇ ଦେଲେ। ଶୀର୍ଷ ନେତୃତ୍ୱ ତରଫରୁ ଅନେକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଡାକି ବୁଝାଶୁଝା କରାଯାଇଥିଲା। କାହାକୁ ଅର୍ଥ ତ ପୁଣି ଆଉ କାହାକୁ ଅନ୍ୟ ଲୋଭ ବି ଦେଖାଯାଇଥିଲା। ଏପରିକି ଯେଉଁମାନେ ବୁଝି ନ ଥିଲେ ସେମାନଙ୍କ ଉପରେ ଅନ୍ୟ ପ୍ରକାର ଚାପ ପକାଯାଇଥିଲା। ତେବେ କଳେବଳେ କୌଶଳେ ଅଧିକାଂଶ ବିଦ୍ରୋହୀଙ୍କୁ ମନାଇବାରେ ସଫଳ ହୋଇଛି ଶାସକ ବିଜେଡି। ଯାହାର ଫଳ ସ୍ୱରୂପ ସୋମବାର ବିଜେଡିରୁ ସର୍ବାଧିକ ଆଶାୟୀ ଦଳ ବିରୋଧରେ ନ ଯାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଅପରପକ୍ଷେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ହେବା ପରେ ମଙ୍ଗଳବାରଠାରୁ ପ୍ରଚାରକୁ ଜୋରଦାର କରିବାକୁ ସବୁ ପ୍ରାର୍ଥୀ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି।

# ଭାଜପା ପ୍ରାର୍ଥିନୀଙ୍କ ଦିଅର ଅଟକ

**ରାଜଧାନୀରେ ନିର୍ବାଚନୀ ହିଂସା ଘଟଣା**

**■ଛାଡ଼ିବା ଦାବିରେ ଥାନା ଘେରିଲେ ସମର୍ଥକ**

ଭୁବନେଶ୍ୱର,୧୪।୩(ବ୍ୟୁରୋ)



ଲକ୍ଷ୍ମୀସାଗର ଥାନା ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

ବିଏମ୍ସିର ୩୩ ନମ୍ବର ୱାର୍ଡରେ ଶୁକ୍ରବାର ବିଳମ୍ବିତ ରାତିରେ ନିର୍ବାଚନୀ ହିଂସାକୁ ନେଇ ଉପୁଜିଥିବା ଗଣ୍ଡଗୋଳରେ ଲକ୍ଷ୍ମୀସାଗର ଥାନା ପୋଲିସ ସୋମବାର ଆଉ ଜଣଙ୍କୁ ଉଠାଇ ଆଣି ଅଟକ ରଖିଛି। ସେ ହେଲେ ଭାଜପା କର୍ପୋରେଟର ପ୍ରାର୍ଥିନୀ ଧରିତ୍ରୀ ଜେନାଙ୍କ ଦିଅର। ତେବେ ଏହାକୁ ନେଇ ଭାଜପା ପକ୍ଷରୁ ବିରୋଧ କରାଯିବା ସହ ପୋଲିସ ସରକାରଙ୍କ ହାତବାରିସି ସାଜି ବିନା ଦୋଷରେ ତାଙ୍କୁ ଅଟକ ରଖିଥିବା ଅଭିଯୋଗ କରିଛି। ତେଣୁ ଏହାର ପ୍ରତିବାଦରେ ଭାଜପାର ଶତାଧିକ ସମର୍ଥକ ଲକ୍ଷ୍ମୀସାଗର ଥାନାରେ ସନ୍ଧ୍ୟା ପ୍ରାୟ ୭ଟାରେ ଧାରଣା ଦେଇ ପୋଲିସର ଜୁଲମଗିରି ଚଳିବ ନାହିଁ କହି ନାରାବାଜି ଦେଇଛନ୍ତି। ଏଥିସହ ଘଟଣାରେ ସମ୍ପୃକ୍ତ ପ୍ରତିପକ୍ଷ ଦଳର ଅଭିଯୁକ୍ତଙ୍କୁ ଧରିବା ପାଇଁ ଦାବି କରାଯାଇଛି। ଏପରିକି ୨୪ଘଣ୍ଟା ମଧ୍ୟରେ ଅଟକ ବ୍ୟକ୍ତିଙ୍କୁ ଯଦି ନ ଛଡ଼ାଯାଏ, ତେବେ ଆଗକୁ ପୁଣି ଧାରଣା ଦିଆଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଧାରଣାରେ ଜିଲା ସାଂଗଠନିକ ସଭାପତି ବାବୁ ସିଂ, ପୂର୍ବତନ କର୍ପୋରେଟର ସୁରେଶ ଚନ୍ଦ୍ର ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଭାଜପା ପ୍ରାର୍ଥିନୀ ଧରିତ୍ରୀ ଜେନା ପ୍ରମୁଖ ଧାରଣା ଦେଇଛନ୍ତି। ସୂଚନାନୁଯାୟୀ, ବିଏମ୍ସିର ୩୩ ନମ୍ବର ୱାର୍ଡରେ ଶୁକ୍ରବାର ପୋଷ୍ଟର ଚିରାକୁ ନେଇ ବିଜେଡି-ଭାଜପା ମଧ୍ୟରେ ଗଣ୍ଡଗୋଳ ହୋଇ ଉଗ୍ରରୂପ ନେଇଥିଲା। ଏପରିକି ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିବା ସହ ଥାନା ଆଗରେ ଦୁଇ ଗୋଷ୍ଠୀ ମଧ୍ୟରେ ଠେଙ୍ଗା ଓ ଲୁହାରଡରେ ଆକ୍ରମଣ ହୋଇଥିଲା। ଏଥିରେ ଦୁଇ ଦଳର ୮ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏ ନେଇ ଲକ୍ଷ୍ମୀସାଗର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାକୁ ଆଧାର କରି ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରି ରବିବାର ୧୧ଜଣଙ୍କୁ ଗିରଫ କରିବା ସହ ଜଣେ ଏଏସ୍ଆଇ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି।

# ପୋଲିଂ ପର୍ସନ ଟ୍ରେନିଂ ଆରମ୍ଭ ପ୍ରଥମ ଦିନରେ ତାଲିମ ନେଲେ ୫୫୦ ଅଧିକାରୀ

ଭୁବନେଶ୍ୱର, ୧୪।୩ (ବ୍ୟୁରୋ)

ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ସୋମବାରଠାରୁ ଆରମ୍ଭ ହୋଇଛି ପୋଲିଂ ପର୍ସନ ଟ୍ରେନିଂ। ପ୍ରଥମ ଦିନରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୫୫୦ଜଣ ଇଲେକ୍ସନ ଅଫିସର, ପ୍ରିଜାଇଡିଂ ଅଫିସର ଏବଂ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ତ୍ରୁଟିମୁକ୍ତ ଇଭିଏମ୍ ପରିଚାଳନା ଏବଂ ନିର୍ବାଚନ ସଂକ୍ରାନ୍ତୀୟ ଅନ୍ୟାନ୍ୟ ତାଲିମ୍ ପ୍ରଦାନ କରାଯାଇଥିଲା। ଏଥିସହ ଭୋଟ ଗ୍ରହଣଠାରୁ ଆରମ୍ଭ କରି ଭୋଟ ଗଣତି ପର୍ଯ୍ୟନ୍ତ ସବୁକିଛି ତ୍ରୁଟିଶୂନ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ୧୧ଜଣିଆ ଦଳ ଗଠନ କରାଯାଇଛି। ସେମାନଙ୍କ ମଧ୍ୟରେ ବିଏମ୍ସି ଡେପୁଟି କମିଶନର କମଳାକାନ୍ତ ବେହେରା, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ, ଲିଲନ୍ ସାହୁ, ନାରାୟଣ ନାୟକ, ମୃତ୍ୟୁଞ୍ଜୟ ତ୍ରିପାଠୀ, ସ୍ନେହଲତା ଆଚାର୍ଯ୍ୟ, ସରୋଜ କୁମାର ପଣ୍ଡା, ସଞ୍ଜୁକ୍ତା ସ୍ୱାଇଁ, ରମେଶ ସେଠୀ, ଶିବାଶିଷ ପରିଡ଼ା ଏବଂ ଗାୟତ୍ରୀ ସାମନ୍ତରାୟ ରହିଛନ୍ତି। ବୁଧବାର ପର୍ଯ୍ୟନ୍ତ ଏହି ତାଲିମ୍ ଜାରି ରହିବ। ପ୍ରତିଦିନ ୫୫୦ଜଣ ଲେଖାଏ ଅଧିକାରୀ ତାଲିମ୍ ନେବେ।

# ଇମ୍କାର କୁ' କନେକ୍ସନ-୨୦୨୨

## ପୁରାତନ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ



ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଭାରତୀୟଜନସଂଚାରସଂସ୍ଥାନ(ଆଇଆଇଏମ୍ସି) ପୁରାତନ ଛାତ୍ର ସଂସଦ(ଇମ୍କା) ଓଡିଶା ଶାଖାର ୧୦ମ ବାର୍ଷିକ ସମ୍ମିଳନୀ 'କୁ' କନେକ୍ସନ-୨୦୨୨' ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍ସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇମ୍କା କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଲେ, ଆଇଆଇଏମ୍ସିର ପୁରାତନ ଛାତ୍ରୀଛାତ୍ର ସବୁ କ୍ଷେତ୍ରରେ ଭଲ କାମ କରି ଅନୁଷ୍ଠାନର ଗୌରବ ବଢାଇ ଆସୁଛନ୍ତି। ଏହାକୁ ବଜାୟ ରଖିବା ପାଇଁ ସେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ ଦିଆଯିବା ସହ 'ଷଷ୍ଠ ଇଫ୍କୋ ଇମ୍କା ପୁରସ୍କାର' ପ୍ରଦାନ କରାଯାଇଛି। ମାଓବାଦୀ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପାଇଁ କାର୍ଯ୍ୟ କରିଥିବା ଖବରଦାତ୍ରୀ ଶାରଦା ଲାହାଙ୍ଗୀରଙ୍କୁ 'ଜର୍ନାଲିଷ୍ଟ ଅଫ୍ ଦ ଇୟର(ପ୍ରକାଶନ)', କଳିଙ୍ଗର ନଗରର ପରିବେଶ ସମସ୍ୟା ଓ ସ୍ଥାନୀୟ କୃଷକଙ୍କ ଉପରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଖବରଦାତ୍ରୀ ଜ୍ୟୋତିସ୍ମିତା ନାୟକଙ୍କୁ 'ଭାରତୀୟ ଭାଷା ରିପୋର୍ଟର ଅଫ୍ ଦ ଇୟର(ପ୍ରସାରଣ)' ଭାବେ ପୁରସ୍କୃତ କରାଯାଇଛି। ସଂସ୍ଥାନର ରୌପ୍ୟ ଜୟନ୍ତୀ ବ୍ୟାଚ୍(୧୯୯୬-୯୭) ଛାତ୍ରୀଛାତ୍ର ଖବରଦାତା ଯଯାତି କରନ, ଶାରଦା ଲାହାଙ୍ଗୀର, ତପନ ସ୍ୱାଇଁ, ପବିତ୍ର ମୋହନ ସେନାପତି, ସଙ୍ଗୀତା ଅଗ୍ରୱାଲ, ପ୍ରଦୀପ୍ତ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସମ୍ମିଳନୀ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀଙ୍କ ଏକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଏହାକୁ ଉଦ୍ଘାଟନ କରି ଜାତୀୟ ସେବା ଯୋଜନାରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେବାଭାବନାକୁ ଜାଗ୍ରତ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜାତୀୟ ସେବା ଯୋଜନା ଓଡିଶାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଓ ଓଡିଶା କୃଷି ବିଶ୍ୱବିଦ୍ୟାଳୟ ସେବା ଯୋଜନା ପ୍ରଶିକ୍ଷକ ନୀରଦ ବରଣ ଖୁଣ୍ଟିଆ ନିୟମିତ ଭାବେ ନେତୃତ୍ୱ ବିକାଶ ଶିବିର ଆୟୋଜନ ଓ ଯୋଜନାର ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜାତୀୟ ସେବା ଯୋଜନାରେ ବିଭିନ୍ନ ପ୍ରଶିକ୍ଷଣ ଶିବିର, ପ୍ରତିଯୋଗିତା, ରକ୍ତଦାନ ଶିବିର, ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବା ନେଇ ଆଲୋଚନା ହୋଇଥିଲା। ପ୍ରାଧ୍ୟାପକ ଡ. ଚକ୍ରଧର ବେହେରା ଏଥିରେ ଅଧକ୍ଷତା କରିଥିବାବେଳେ ଅଧ୍ୟାପକ ଡ. ସନ୍ଦୀପ କୁମାର ରାଉତ ସମ୍ମିଳନୀ ପରିଚାଳନା ଓ ଅଧ୍ୟାପକ ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର ଉଦ୍‌ଘାଟନ ସମାରୋହ, ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ସକାଳ ୯ଟା।
- ଆଦି ଗୁରୁ ପଙ୍କଜ ଚରମ ଦାସଙ୍କ ୧୦୩ତମ ଜୟନ୍ତୀ ଅବସରରେ ୨୮ତମ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, କୋଲକାତା ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ସମାରୋହ, ପୂର୍ବତଟ ରେଳ ପ୍ରେକ୍ଷାଳୟ, ମଞ୍ଚେଶ୍ୱର, ସନ୍ଧ୍ୟା ୬ଟା ୩୦।

### ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା

## ବାପି ସର୍ଖେଲଙ୍କ ଜାମିନ ବିରୋଧରେ ଆବେଦନ ଖାରଜ

**କଟକ ଅଫିସ,୧୪।୩:** ସିୱେଜ ସିପିଂ କମ୍ପାନୀ ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାର ଅଭିଯୁକ୍ତ ବାପି ଓରଫ୍ ଅରିନ୍ଦମ ସର୍ଖେଲଙ୍କ ଜାମିନ ବିରୋଧରେ ରାଜ୍ୟ ସରକାରଙ୍କ ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ସୋମବାର ବିଚାରପତି ଭି. ନରସିଂହ ଖାରଜ କରିଛନ୍ତି। ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାର ଶୁଣାଣି ଜଗତ୍‌ସିଂହପୁର ଜିଲା କୋର୍ଟରେ ହୋଇଥିଲା। ୨୦୧୬ ନଭେମ୍ବରରେ ଜଗତ୍‌ସିଂହପୁର ଜିଲା କୋର୍ଟ ଏହାର ଶୁଣାଣି କରି ବାପିଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ଏହାପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ୨୦୧୭ ଏପ୍ରିଲ ୧୭ରେ ବାପିଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ୧ ଲକ୍ଷ ଟଙ୍କା ବଣ୍ଡ ଓ ୨ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ମିଳିଥିଲା। ଏଥିସହ ସେ ରାଜ୍ୟ ସରକାରଙ୍କ ନିକଟରେ ପାସ୍‌ପୋର୍ଟ ସରେଣ୍ଡର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ। ହେଲେ ରାଜ୍ୟ ସରକାର ଉକ୍ତ ଜାମିନକୁ ପ୍ରତ୍ୟାହାର କରିବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ସୂଚନାଯୋଗ୍ୟ, ୨୦୧୬ ଅକ୍ଟୋବର ୨୬ରେ ସ୍ୱାଇଁଙ୍କୁ ପାରାଦୀପରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବାପିଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା।

## ଡା. ସୁଶୀଲ କୁମାର ମହାନ୍ତିଙ୍କୁ 'ଡା. ସରୋଜକାନ୍ତ କାନୁନ୍‌ଗୋ ସ୍ମୃତି ସମ୍ମାନ'

**ଭୁବନେଶ୍ୱର,୧୪।୩(ବ୍ୟୁରୋ):** 'ପୂଜ୍ୟପୂଜା ଓଡ଼ିଶା' ପକ୍ଷରୁ ମାସିକ ଆଲୋଚନାଚକ୍ର ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ, ଚିକିତ୍ସକ, ରାଜନୀତିଜ୍ଞ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଡାକ୍ତର ସରୋଜକାନ୍ତ କାନୁନ୍‌ଗୋଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ, ମାନବ ସେବା ହିଁ ମାଧବ ସେବାକୁ ସ୍ୱର୍ଗତ କାନୁନ୍‌ଗୋ ତାଙ୍କ କର୍ମମୟ ଜୀବନରେ ପ୍ରତିପାଦନ କରିଥିଲେ। ଆଲୋଚକ ଭାବେ ପର୍ଶୁରାମ ତ୍ରିବେଦୀ, ବିଜୟ କୁମାର ମହାନ୍ତି, ସୀତାବଲ୍ଲଭ ମହାପାତ୍ର, ଡା. ଆଇତି ଜଗ, ରାଜକିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସମାଜବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ସ୍ୱର୍ଗତ କାନୁନଗୋଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଡା. ସୁଶୀଲ କୁମାର ମହାନ୍ତିଙ୍କୁ ସମାଜ ସେବା ପାଇଁ 'ଡା. ସରୋଜକାନ୍ତ କାନୁନଗୋ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା।

# ବେଆଇନ କାର୍ଯ୍ୟକୁ ବିରୋଧ ଜାରି

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

- ଲୋକଙ୍କୁ ସଚେତନ କରିବୁ: ବିଶ୍ୱ ହିନ୍ଦୁ ପରିଷଦ
- କୋର୍ଟଙ୍କ ଦ୍ୱାରସ୍ଥ ହେବୁ: ଓକିଲ ସଂଘ

**ପୁରୀ ଅଫିସ,୧୪।୩**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ କ୍ରମଶଃ ଜଟିଳ ହେବାରେ ଲାଗିଛି। ପ୍ରକଳ୍ପକୁ ଆଶିଂକ ଅନୁମତି ଥିବାବେଳେ ପ୍ରଶାସନ ମନଇଚ୍ଛା ବେଆଇନ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ବିଭିନ୍ନ ମହଲରେ ଦାବି ଜୋର୍ ଧରୁଛି। ଏହି କ୍ରମରେ ସୋମବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଦାବିପତ୍ର ଦିଆଯାଇଛି।

ଏହି ଦାବିପତ୍ରରେ ଉଲ୍ଲେଖ ହୋଇଛି, ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ନାମରେ ଶ୍ରୀମନ୍ଦିର ଭିତ୍ତିଭୂମିକୁ ଯେପରି ଭାବେ ଦୁର୍ବଳ କରାଯାଉଛି ତାହା ଆଦୌ ଗ୍ରହଣୀୟ ନୁହେଁ। ଓଡ଼ିଆଙ୍କ ଅସ୍ମିତା ଓ ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରକୁ ସୁରକ୍ଷା ଦେବାକୁ ସବୁବେଳେ ଏହି ଜାତି ପ୍ରାଥମିକତା ହୋଇଆସିଛି। ମାତ୍ର ପରିତାପର ବିଷୟ, ବର୍ତ୍ତମାନ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ନାମରେ ମନ୍ଦିର ଦକ୍ଷିଣପଶ୍ଚିମ ଦ୍ୱାରଠାରୁ ମାତ୍ର ୨୦ ମିଟର ଦୂରରେ ବଡ଼ ବଡ଼ ଭାଇବ୍ରେଟର ମେଶିନ୍ ସହାୟତାରେ ବିରାଟ ଗାତ ଖୋଳାଯାଇ ନିର୍ମାଣ କାର୍ଯ୍ୟ କରାଯାଉଛି। ଯାହା ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଛି। ଶ୍ରୀମନ୍ଦିର ପରିଦର୍ଶନ ବେଳେ ଏଏସ୍‌ଆଇ ଡିଜି ଭି. ବିଦ୍ୟାବତୀ ଏହି ଖନନକୁ ଦେଖି ଉଦବେଗ ପ୍ରକାଶ କରିବା ସହ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆଗେଇ ଚାଲିଛି। ଯାହା ଜଗନ୍ନାଥପ୍ରେମୀମାନଙ୍କୁ ଗଭୀର ଆଘାତ ଦେଉଛି। ପୁରୀ ସହରର ଅନେକ ଅନୁଷ୍ଠାନ ଏଭଳି ବେଆଇନ କାର୍ଯ୍ୟକୁ ବିରୋଧ କରୁଛନ୍ତି। ସୌନ୍ଦର୍ଯ୍ୟକରଣକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ, ମାତ୍ର ଏହା ଶ୍ରୀମନ୍ଦିର ଭିତ୍ତିଭୂମିକୁ ସାମାନ୍ୟତମ ପ୍ରଭାବିତ ନ କରିବା ଉଚିତ। ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଏଏସ୍‌ଆଇ ତୁରନ୍ତ ସ୍ପଷ୍ଟୀକରଣ ରଖିବା ଦରକାର, ନଚେତ୍ ନିର୍ମାଣ କାର୍ଯ୍ୟ ବନ୍ଦ ରହୁ ବୋଲି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କୁହାଯାଇଛି।

ସେହିପରି ଓକିଲ ସଂଘର ଲିଗାଲ ସେଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ବେଆଇନ ପ୍ରକଳ୍ପ କାର୍ଯ୍ୟ ନେଇ ଓକିଲ ସଂଘ ପକ୍ଷରୁ ସିଭିଲ୍ କୋର୍ଟରେ ମାମଲା ଦାୟର ସହ ଥାନାରେ ଅପରାଧିକ ଅଭିଯୋଗ କରାଯିବ। ଏଥିସହ ଧର୍ମଘଟ କରାଯିବ। ସେହିପରି ପୁରୀ ସହରର ବିଭିନ୍ନ ସାହି କମିଟି କର୍ମକର୍ତ୍ତା ଓ ବୁଦ୍ଧିଜୀବୀଙ୍କ ସହିତ ଆଲୋଚନା କରି ସାଧାରଣରେ ସଚେତନତା ସୃଷ୍ଟି କରାଯିବ। ଏହି ବୈଠକରେ ଓକିଲ ସଂଘ ସଭାପତି ଭଗବାନ ମିଶ୍ର ଏବଂ ସମ୍ପାଦକ ଶାରଦା ସାମଲଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ତାଳବାଦ୍ୟ ସାଙ୍ଗକୁ ଓଡ଼ିଶୀ, ଭାରତନାଟ୍ୟମ ମନମୋହିଲା



### ଆରମ୍ଭ ହେଲା ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ସମାରୋହ

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳ ପ୍ରେକ୍ଷାଳୟରେ ସୋମବାରଠାରୁ ଆରମ୍ଭ ହୋଇଛି ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ସମାରୋହ। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, ସଂସ୍କୃତି ମନ୍ତ୍ରଣାଳୟ କୋଲକାତା ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱରର ମିଳିତ ସହଯୋଗରେ ଏହା ୧୮ ତାରିଖ ଯାଏ ଚାଲିବ। ପ୍ରଥମ ସନ୍ଧ୍ୟାରେ ତବଲା ବାଦନରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭୁବନେଶ୍ୱରର ଧନେଶ୍ୱର ସ୍ୱାଇଁ ଓ ତାଙ୍କ ଟିମ୍ ତାଳବାଦ୍ୟ ପରିବେଷଣ କରିଥିଲେ। ତବଲା ଓ ହାରମୋନିୟମ ବାଦ୍ୟର ସମିଶ୍ରଣ ଦର୍ଶକଙ୍କ ମନରେ ସତେଜତା ଭରି ଦେଇଥିଲା। କୋଲକାତାର ଆଲୋକା କାନୁନ୍‌ଗୋଙ୍କ ଓଡ଼ିଶୀ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା। ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲେ ନୂଆଦିଲ୍ଲୀରୁ ଆସିଥିବା ରମା ବୈଦ୍ୟନାଥଙ୍କ ଭାରତନାଟ୍ୟମ ନୃତ୍ୟ। ଦେଶର ବେଶ୍ ସୁପରିଚିତ ଭାରତନାଟ୍ୟମ୍ ଇନଷ୍ଟିଚ୍ୟୁଟ୍ ଗଣେଶ ନାଟ୍ୟାଳୟର ସେ ହେଉଛନ୍ତି ନିର୍ଦ୍ଦେଶିକା। ତାଙ୍କ ନୃତ୍ୟରେ ଦର୍ଶକମାନେ ଝୁମିବା ସହ ପ୍ରଥମ ସନ୍ଧ୍ୟାକୁ ମନ ଭରି ଉପଭୋଗ କରିଥଲେ।

ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂର୍ବାଞ୍ଚଳ ଆଞ୍ଚଳିକ ସାଂସ୍କୃତିକ କେନ୍ଦ୍ରର ସଭାପତି ଗୌରୀ ବସୁ, ରେଲ୍‌ୱେ ଉପ ମହାପ୍ରବନ୍ଧକ ଅଶୋକ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗଦେଇଥିଲେ। ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପ୍ରତି ସମାଜର ସବୁ ବର୍ଗର ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି ସହ ନୃତ୍ୟ ସଙ୍ଗୀତ ମାଧମରେ ସ୍ୱର, ତାଳ, ଲୟର ନୂତନତ୍ୱକୁ ପ୍ରଦର୍ଶନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରବୋଧ ରଥ କହିଛନ୍ତି।

# ଚିଲିକାରେ ଭସାପୋଲ ଯାତାୟାତ ବନ୍ଦ

**କୃଷ୍ଣପ୍ରସାଦ,୧୪।୩(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଜହ୍ନିକୁଦାରୁ ସାତପଡ଼ାକୁ ଚିଲିକାରେ ଯାତାୟାତ କରୁଥିବା ଯାତ୍ରୀବାହୀ ଭସାପୋଲ(ଭେସେଲ) ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଏନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜହ୍ନିକୁଦା ଘାଟରେ ବିଜ୍ଞପ୍ତି ମରାଯାଇଛି। ସୂଚନାଥାଉ କି, ଦିନକୁ ଦିନ ଜଳସ୍ତର କମୁଥିବାରୁ ପୂର୍ବରୁ ଅଧିକାଂଶ ସମୟରେ ଭସାପୋଲ ଚିଲିକା ମଝିରେ ଅଟକିଥିବା ନଜିର ରହିଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହୋଇଥାନ୍ତି। ଅନ୍ୟପଟେ ଆଗକୁ ଖରାଦିନ ଆସୁଛି। ତେଣୁ ଚିଲିକାର ଜଳସ୍ତର ଆହୁରି କମିବ। ଭସାପୋଲ ବନ୍ଦ ହେବା ପରେ ଯାତ୍ରୀମାନେ ବିପଜ୍ଜନକ ଭାବେ ଡଙ୍ଗାରେ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସୁସ୍ଥ ରହିବାର ବାର୍ତ୍ତା ଦେଲା ହର୍ବାଲ ମେଳା

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ସୁସ୍ଥ ରହିବାର ବାର୍ତ୍ତା ଦେଇ ସୋମବାର ଉଦ୍‌ଯାପିତ ହୋଇଛି ରାଜ୍ୟସ୍ତରୀୟ ୧୪ତମ କଳିଙ୍ଗ ହର୍ବାଲ ମେଳା। ଜନତା ମଇଦାନରେ ଗତ ୮ ତାରିଖରୁ ଏହା ଆରମ୍ଭ ହୋଇଥିଲା। ଆୟୁର୍ବେଦିକ, ହୋମିଓପାଥିକ, ବୈଦ୍ୟ, ଜଡ଼ିବୁଟି, ଯୋଗ ଆଦିକୁ ନେଇ ୧୪୦ ଷ୍ଟଲ୍ ଖୋଲିଥିଲା। ଏଥିମଧ୍ୟରେ ସରକାରଙ୍କ ପକ୍ଷରୁ ୧୦ ଷ୍ଟଲ୍ ଖୋଲାଯାଇଥିଲା। ଯୋଗ ଷ୍ଟଲରେ ଯୋଗଶିକ୍ଷା ଦିଆଯାଇଥିଲା। ମେଳାକୁ ଆସୁଥିବା ଲୋକଙ୍କୁ ଏଠାରେ ସମସ୍ତ ଶାରୀରିକ ସମସ୍ୟା ସମାଧାନର ଉପାୟ ଜାଣିବାକୁ ମିଳିଥିଲା। ସନ୍ଧ୍ୟା ସମୟରେ ବିଭିନ୍ନ ବିଭାଗର ଚିକିତ୍ସକଙ୍କୁ ନେଇ ଖୋଲା ଆଲୋଚନା ମଧ୍ୟ ହେଉଥିଲା। ଲୋକେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ନେଇଥିଲେ। ଏଥିସହ ଲୋକଙ୍କୁ ମନୋରଞ୍ଜନ ଯୋଗାଇବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨ଟି ଖାଦ୍ୟ ଷ୍ଟଲ୍‌ରେ ଗୃହିଣୀମାନେ ଖାଦ୍ୟ ପରିବେଷଣ କରିଥିଲେ। ଶେଷ ୩ଦିନ ଧରି ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସୋମବାର ମେଳାର ଉଦ୍‌ଯାପନ ଅବସରରେ ମୁଖ୍ୟ ଅତିଥି ଭାବେ ପିସିସିଏଫ୍ ତଥା ଓଡ଼ିଶା ଜୈବ ବିବିଧତା ବୋର୍ଡ ଅଧ୍ୟକ୍ଷ ରାଜୀବ କୁମାର, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଡିଆଇଜିଏଫ୍ (ସେଣ୍ଟ୍ରାଲ) ପଦ୍ମା ମହାନ୍ତି ମୁଖ୍ୟ ବକ୍ତା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ କେ ମୁରୁଗେଶନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଷ୍ଟେଟ୍ ମେଡିସିନ ପ୍ଲାଣ୍ଟ ବୋର୍ଡ(ଓଏସ୍‌ଏମ୍‌ପିବି)ର ମୁଖ୍ୟ ସୁଦୀପ ନାୟକ ଓ ଅନସୂୟା ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ୧୪ତମ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ






ହର୍ବାଲ ମେଳାର ଏକ ଷ୍ଟଲ୍‌ରେ ଲୋକେ ଔଷଧୀୟ ବୃକ୍ଷ କିଣୁଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଞ୍ଜନା



@ ଶୁଭଲକ୍ଷ୍ମୀ



@ ଅଶୋକ



@ ଅନୁଭବ



@ ଗୁଡିଲି



@ ସୀତାନ



ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ମୁଖ୍ୟାଳୟ ପରିସରରେ ସୋମବାର 'ପ୍ରତୀକ୍ଷା' ଶିବିର ଉଦ୍‌ଘାଟନ ଅବସରରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।




ରାଜ୍ୟର ବିଭିନ୍ନ ଜିଲାରେ ଥିବା ଅକ୍ସିଜେନ୍ ପ୍ଲାଣ୍ଟରେ ନିଯୁକ୍ତି ଦାବି କରି ସୋମବାର ଅଲ୍ ଓଡ଼ିଶା ସରକାରୀ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।




ବିଭିନ୍ନ ଦାବି ନେଇ ଅଲ୍‌ଇଣ୍ଡିଆ ରେଲୱେ ମେନ୍ସ ଫେଡେରେଶନ ପୁରୀ ଶାଖା ପକ୍ଷରୁ ସୋମବାର ରେଲୱେ କୋଚିଂ ଡିପୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

## ସଂକ୍ଷେପରେ

### କାନାଡାରେ ସଡ଼କ ଦୁର୍ଘଟଣା
## ୫ ଭାରତୀୟ ଛାତ୍ର ମୃତ

**ଟରଣ୍ଟୋ,୧୪।୩ (ପି.ଟି.):** କାନାଡାର ଓଣ୍ଟାରିଓ ପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଭାରତୀୟ ଛାତ୍ର ପ୍ରାଣ ହରାଇଛନ୍ତି। ଓଣ୍ଟାରିଓର କ୍ୱିଣ୍ଟେ ୱେଷ୍ଟ ସହର ଦେଇ ଯାଇଥିବା ୪୦୧ ନମ୍ବର ହାଇୱେରେ ଶନିବାର ଏହି ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ଭ୍ୟାନ୍ ଏବଂ ଟ୍ରାକ୍ଟର ଟ୍ରେଲର ମଧ୍ୟରେ ଧକ୍କା ହେବାରୁ ହରପ୍ରୀତ୍ ସିଂ (୨୪), ଜସପିନ୍ଦର ସିଂ(୨୧), କରନପାଲ ସିଂ(୨୧), ମୋହିତ ଚୌହାନ(୨୩), ଏବଂ ପୱନ କୁମାର (୨୩)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା କ୍ୱିଣ୍ଟେ ୱେଷ୍ଟ ପୋଲିସ କହିଛି। ଦୁର୍ଘଟଣାରେ ଗୁରୁତର ଆହତ ଅନ୍ୟ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତେ ଗ୍ରେଟର ଟରଣ୍ଟୋ ଏବଂ ମୋଣ୍ଟ୍ରିଲ ଅଞ୍ଚଳର ଛାତ୍ର। ସେମାନେ ଶନିବାର ଭୋର ସମୟରେ ଏକ ଭ୍ୟାନ୍ ଯୋଗେ ଯାଉଥିବାବେଳେ ଟ୍ରାକ୍ଟର ଟ୍ରେଲର ସେମାନଙ୍କୁ ଧକ୍କା ଦେଇଥିଲା। ଏହା ଏକ ହୃଦୟବିଦାରକ ଘଟଣା ବୋଲି କାନାଡ଼ାରେ ଭାରତର ଉଚ୍ଚାୟୁକ୍ତ ଥିବା ଅଜୟ ବିସାରିଆ କହିଛନ୍ତି। ଭାରତୀୟ ଛାତ୍ରଙ୍କ ମୃତ୍ୟୁରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ଚାକିରି ହରାଇଛନ୍ତି ୨.୧୫ କୋଟି
### ପର୍ଯ୍ୟଟନରେ କରୋନା ପ୍ରଭାବ

**ନୂଆଦିଲ୍ଲୀ, ୧୪।୩:** ଦେଶର ପର୍ଯ୍ୟଟନ କ୍ଷେତ୍ର ଉପରେ କରୋନାର ବ୍ୟାପକ ପ୍ରଭାବ ପଡ଼ିଛି। କୋଭିଡ଼ର ୩ ଲହର ଯୋଗୁ ଏହି ବିଭାଗରେ କାର୍ଯ୍ୟ କରୁଥିବା ପ୍ରାୟ ୨ କୋଟି ୧୫ ଲକ୍ଷ ଲୋକ ଚାକିରି ହରାଇଥିବା କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ୍ ରେଡ୍ଡୀ କହିଛନ୍ତି। କରୋନର ପ୍ରଥମ ଲହରରେ ଭାରତ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୯୩% କମିଥିଲା। ଦ୍ୱିତୀୟ ଲହରରେ ତାହା ୭୯% ଏବଂ ତୃତୀୟ ଲହରରେ ୬୪% ହ୍ରାସ ପାଇଥିବା ମନ୍ତ୍ରୀ ରେଡ୍ଡି ଲୋକ ସଭାର ପ୍ରଶ୍ନକାଳରେ ସୂଚନା ଦେଇଛନ୍ତି। ଏକ ଅଧ୍ୟୟନରୁ ଜଣାପଡ଼ିଛି, ମହାମାରୀ ପୂର୍ବରୁ ପ୍ରାୟ ୩ କୋଟି ୮୦ ଲକ୍ଷ ଲୋକ ପର୍ଯ୍ୟଟନ କ୍ଷେତ୍ର ସହ ଯୋଡ଼ି ହୋଇଥିଲେ। ଦେଶରେ ପ୍ରଥମ ଲହରରେ ଏହି ବିଭାଗର ପ୍ରାୟ ୧ କୋଟି ୪୨ ଲକ୍ଷ ସେମାନଙ୍କ ଚାକିରି ହରାଇଛନ୍ତି। ଦ୍ୱିତୀୟ ଲହରରେ ୫୨ ଲକ୍ଷ ଏବଂ ତୃତୀୟ ଲହରରେ ପ୍ରାୟ ୧୮ ଲକ୍ଷଙ୍କ ଚାକିରି ଯାଇଥିବା ସେ ପ୍ରକାଶ କରିଛନ୍ତି।

## ମଦ ଦୋକାନରେ ଭଙ୍ଗାରୁଜା କଲେ ଉମା ଭାରତୀ



**ଭୋପାଳ,୧୪।୩:** ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତ୍ରୀ ଉମା ଭାରତୀ ରବିବାର ବରଖେଡ଼ାରେ ପଠାନୀ ଅଞ୍ଚଳରେ ଥିବା ମଦ ଦୋକାନ ଆଗରେ ଭାଜପାକର୍ମୀଙ୍କ ସହ ବିକ୍ଷୋଭରେ ସାମିଲ ହୋଇଥିଲେ। କର୍ମୀ ଦୋକାନ ଆଗରେ ବସି ନାରାବାଜି କରୁଥିବାବେଳେ ଉମା ମଦ ଦୋକାନ ଉପରକୁ ପଥର ଫିଙ୍ଗିବା ସହ ଭଙ୍ଗାରୁଜା କରୁଥିବା ଦେଖିବାକୁ ମିଳିଥିଲା। ପଠାନୀ ଅଞ୍ଚଳରେ ଅଧିକ ଶ୍ରମିକ ଶ୍ରେଣୀ ଲୋକ ବାସ କରନ୍ତି। ସେମାନଙ୍କର ସମସ୍ତ ଟଙ୍କା ମଦରେ ଖର୍ଚ୍ଚ ହେଉଥିବାରୁ ଗୋଟିଏ ସପ୍ତାହରେ ମଦ ଦୋକାନ ବନ୍ଦ କରିବା ନେଇ ଭାଜପାକର୍ମୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଥିଲେ।



କ୍ୱିଭ୍ ନିକଟ ଇର୍‌ପିନ୍‌ଠାରେ ରୁଷିଆ ସେନାର କମାଣ ଆକ୍ରମଣରୁ ବର୍ତ୍ତିବା ପାଇଁ ୟୁକ୍ରେନ୍ ସୈନ୍ୟ ପ୍ରୟାସ କରୁଛନ୍ତି।

## ୯୦ ଶିଶୁଙ୍କ ଜୀବନ ଗଲାଣି

➡ଯୁଦ୍ଧର ୧୯ ଦିନରେ ସୋମବାର ରୁଷିଆ ପକ୍ଷରୁ ୟୁକ୍ରେନ୍‌ର ବିଭିନ୍ନ ସହରରେ ଘନଘନ ମିଶାଇଲ, ବୋମା ମାଡ଼ ଜାରି ରହିଛି। ମାରିଉପୋଲ କିପରି କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସବିଧ୍ୱଂସ ହୋଇଯାଇଛି ତାହା ଡ୍ରୋନ୍ ଜରିଆରେ ନିଆଯାଇଥିବା ଭିଡିଓରେ ଦେଖିବାକୁ ମିଳିଛି। ରାଜଧାନୀ କ୍ୱିଭ୍‌ରେ ଥିବା ବେସାମରିକ ବିମାନ ଚଳାଚଳ ଇଣ୍ଡଷ୍ଟ୍ରିରେ ଆକ୍ରମଣ ଯୋଗୁ ତାହା ଜଳିଯାଇଛି।

➡ପୂର୍ବ ୟୁକ୍ରେନ୍‌ର ଡୋନେସ୍କ ଓ ଲୁହାନ୍‌ସ୍କ ଅଞ୍ଚଳରେ ୟୁକ୍ରେନ୍ ମିଶାଇଲ ମାଡ଼ କରିଥିବା ରୁଷିଆ ଅଭିଯୋଗ ଆଣିଛି। ଏଥିରେ ପ୍ରାୟ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ମସ୍କୋ କହିଥିବାବେଳେ ୟୁକ୍ରେନ୍ ଏହି ଅଭିଯୋଗକୁ ଖଣ୍ଡନ କରିଛି।

➡ରୁଷିଆ କ୍ରମାଗତ ଭାବେ ୟୁକ୍ରେନ୍‌ର ସମ୍ପତ୍ତି ନଷ୍ଟ କରିଚାଲିଛି। କିନ୍ତୁ ଆମେ ସବୁ ସହରକୁ ଆଉ ଥରେ ଗଢ଼ି ତୋଳିବା। ଆମେ ଏକାଠି ଲଢ଼ିବା ଏବଂ ଜିତିବା ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଏକ ଭିଡିଓ ଜାରି କରି କହିଛନ୍ତି।

➡ବିଚ୍ଛିନ୍ନତାବାଦୀ ରହୁଥିବା ଡୋନେସ୍କ ଏବଂ ଲୁହାନ୍‌ସ୍କ ଅଞ୍ଚଳର ଆଉ କିଛି ଜାଗାକୁ ରୁଷିଆ କବ୍‌ଜା କରିନେଇଥିବା ଜଣାପଡ଼ିଛି। କୃଷ୍ଣସାଗର ଉପକୂଳକୁ ରୁଷୀୟ ସୈନ୍ୟମାନେ ଘେରିରହି ସମ୍ପୂର୍ଣ୍ଣ ବ୍ଲକ୍ କରିଦେଇଥିବା ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଏଥିଯୋଗୁ ୟୁକେନ୍‌କୁ ସାମୁଦ୍ରିକ ପଥ ଯୋଗେ କାରବାର ବନ୍ଦ ହୋଇଯାଇଛି।

➡ଆକ୍ରମଣର ପ୍ରଥମ ଦିନରୁ ଏ ପର୍ଯ୍ୟନ୍ତ ରୁଷିଆ ଶହେରୁ ଊର୍ଦ୍ଧ୍ୱ ହସ୍ପିଟାଲ ନଷ୍ଟ କରିଥିବା ୟୁକ୍ରେନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଭିକ୍ଟୋର ଲିୟାସ୍କୋ କହିଛନ୍ତି। ଏଥିସହ ୯୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ଯାଇଥିବା ଏବଂ ଶତାଧିକ ଆହତ ହୋଇଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି।

➡ଇନଷ୍ଟାଗ୍ରାମ୍‌ର ମୂଳ କମ୍ପାନୀ ମେଟା ରୁଷିଆ ନାଗରିକ ଓ ସୈନ୍ୟଙ୍କ ବିରୋଧରେ ହିଂସା ଉସୁକାଉଥିବା ମସ୍କୋ ଅଭିଯୋଗ କରିଛି। ଫଳରେ ରୁଷିଆରେ ଇନ୍‌ଷ୍ଟାଗ୍ରାମ୍‌କୁ ବ୍ୟାନ୍ କରିଦିଆଯାଇଛି।

➡ୟୁକ୍ରେନ୍‌ରେ ପାୱାର ସପ୍ଲାଏ ବନ୍ଦ କରିଦେବାକୁ ରୁଷିଆ ଉଦ୍ୟମ କରୁଥିବାବେଳେ ବ୍ରିଟେନ୍ ସେଠାକୁ ୫୦୦ ମୋବାଇଲ ଜେନେରେଟର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି।

➡ଆମେରିକୀୟ ଫାର୍ମାସ୍ୟୁଟିକାଲ କମ୍ପାନୀ ଫାଇଜର ରୁଷିଆରେ କରିଥିବା ଲାଭକୁ ୟୁକ୍ରେନ୍‌କୁ ଦାନ କରିବ ବୋଲି ଘୋଷଣା କରିଛି। ଏଥିସହ ରୁଷିଆରେ ସମସ୍ତ ନିବେଶକୁ ଏହି କମ୍ପାନୀ ବାତିଲ କରିଛି।

# ଚାଇନାକୁ ଅର୍ଥ, ଅସ୍ତ୍ର ମାଗିଛି ରୁଷିଆ

**ମସ୍କୋ, ୧୪।୩**



■ସାହାଯ୍ୟ କଲେ ଭୟଙ୍କର ପରିଣତି ଭୋଗିବ ଚାଇନା: ଆମେରିକା
■ୱାଶିଂଟନ୍ ମିଛ ପ୍ରଚାର କରୁଛି କହିଲା ବେଜିଂ

ୟୁକ୍ରେନ୍ ବିରୋଧରେ ଲଢ଼େଇ ପାଇଁ ରୁଷିଆ ଚାଇନାକୁ ସାମରିକ ଓ ଆର୍ଥିକ ସହାୟତା ମାଗିଥିବା ଆମେରିକା ଅଭିଯୋଗ ଆଣିଛି। ସୋମବାର ରୋମରେ ଆମେରିକା ଓ ଚାଇନା ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ୱାଶିଂଟନ୍ ଅଧିକାରୀଙ୍କ ଏଭଳି ଦାବି ବିଶ୍ୱ ସମୁଦାୟ ପାଇଁ ଚିନ୍ତାର କାରଣ ପାଲଟିଛି। ରୁଷିଆକୁ ଚାଇନା ସହାୟତା ନ ଦେବାକୁ ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକେ ସୁଲିଭାନ୍ ପରାମର୍ଶ ଦେଇଛନ୍ତି। ଏପରି କଲେ ଚାଇନା ବୈଶ୍ୱିକ ସ୍ତରରେ କଠୋର କଟକଣାର ସମ୍ମୁଖୀନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଭଳି କାମକୁ କେବେ ପ୍ରଶ୍ରୟ ଦିଆଯାଇପାରିବ ନାହିଁ ବୋଲି ସୁଲିଭାନ୍ କହିଛନ୍ତି। ଆମେରିକାର ଏହି ଅଭିଯୋଗକୁ ଚାଇନା ଖଣ୍ଡନ କରିଛି। ୱାଶିଂଟନ୍ ପକ୍ଷରୁ ଭୁଲ୍ ତଥ୍ୟ ପ୍ରଚାର କରାଯାଉଥିବା ଆମେରିକାରେ ଥିବା ଚାଇନା ରାଷ୍ଟ୍ରଦୂତ ଲିୟୁ ପେଙ୍ଗ୍ୟୁ କହିଛନ୍ତି। ସେହିପରି ନିଜ ଲକ୍ଷ୍ୟ ହାସଲ ନିମନ୍ତେ ରୁଷିଆ ପାଖରେ ଯଥେଷ୍ଟ ମିଲିଟାରି ସାମଗ୍ରୀ ରହିଛି ଏବଂ ଚାଇନାକୁ କୌଣସି ପ୍ରକାର ସହାୟତା ମଗାଯାଇ ନ ଥିବା କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ୟୁକ୍ରେନ୍ ପ୍ରସଙ୍ଗରେ ସୁଲିଭାନ୍ ଏବଂ ଚାଇନାର ପ୍ରମୁଖ କୂଟନୀତିଜ୍ଞ ୟାଙ୍ଗ୍ ଜିଏଚିଙ୍କ ମଧ୍ୟରେ ରୋମ୍‌ରେ ଆଲୋଚନା ହୋଇଛି।

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଚାଇନା ଏ ପର୍ଯ୍ୟନ୍ତ ନିନ୍ଦା ନ କରି ନୀରବ ରହିଛି। ଏପରିକି ମସ୍କୋର ଆକ୍ରମଣ ସମ୍ପର୍କରେ ପୂର୍ବରୁ ଚାଇନା ଅବଗତ ଥିଲା ବୋଲି ଆମେରିକାର ଜୋ ବାଇଡେନ୍‌ଙ୍କ ପ୍ରଶାସନ ବିଶ୍ୱାସ କରୁଛି। ୨୦୧୪ରେ ମଧ୍ୟ ରୁଷିଆ କ୍ରିମିଆକୁ କବ୍‌ଜା କରିଥିବା ସମୟରେ ଚାଇନା ଚୁପ୍ ରହିଥିଲା। ୟୁକ୍ରେନ୍ ଆକ୍ରମଣ ପରେ ବେଜିଂ ମସ୍କୋକୁ କୂଟନୈତିକ ସମର୍ଥନ ଜଣାଇଛି। ହେଲେ ଚାଇନା ମଧ୍ୟ ରୁଷିଆ ଉପରେ କଟକଣା ଲଗାଉ ବୋଲି ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ର ବେଜିଂ ଉପରେ ଚାପ ପକାଉଛନ୍ତି। ବାସ୍ତବରେ ରୁଷିଆ ସାମରିକ ସହାୟତା ମାଗିଥିଲେ ଏ ନେଇ ଚାଇନା କ'ଣ ପଦକ୍ଷେପ ନେଉଛି ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ବେଜିଂ ରୁଷିଆକୁ ଏହି ସାହାଯ୍ୟ ଯୋଗାଇଲେ ତାହା ଭାରତ ପାଇଁ ସତର୍କଘଣ୍ଟି ହେବ ବୋଲି କୁହାଯାଉଛି।

## କମ୍ ମୂଲ୍ୟରେ ମସ୍କୋରୁ ତେଲ କିଣିପାରେ ଭାରତ




ଆମେରିକା, ୟୁରୋପୀୟ ଦେଶ ସମେତ ଅନ୍ୟ ଦେଶଗୁଡ଼ିକ ରୁଷିଆ ଉପରେ କଟକଣା ଲଗାଇବା ଫଳରେ ମସ୍କୋର ଅର୍ଥନୀତି ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ିଛି। ବାଣିଜ୍ୟ କାରବାର ଘୋର ପ୍ରଭାବିତ ହେବା ସହ ରୁଷିଆ ମୁଦ୍ରା ରୁବଲ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ଦେଶରେ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଏପରି ସ୍ଥିତିରେ ନିଜ ଅର୍ଥନୀତି ବଞ୍ଚାଇବା ନିମନ୍ତେ ରୁଷିଆ ଅଶୋଧିତ ତୈଳ ଏବଂ ଗ୍ୟାସ୍‌କୁ ଭାରତକୁ କମ୍ ମୂଲ୍ୟରେ ବିକ୍ରି ନିମନ୍ତେ ପ୍ରସ୍ତାବ ଦେଇଛି। ପେଟ୍ରୋଲ ଡିଜେଲ ଦର ଏବଂ ମୁଦ୍ରାସ୍ଫୀତି ବୃଦ୍ଧିରେ ନିୟନ୍ତ୍ରଣ ରଖିବା ପାଇଁ କେନ୍ଦ୍ରର ଭାଜପା ସରକାର ରୁଷିଆଠାରୁ କମ୍ ମୂଲ୍ୟରେ ତୈଳ କିଣିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି।

ଭାରତ ଆବଶ୍ୟକ କରୁଥିବା ତୈଳର ୮୦ ପ୍ରତିଶତ ବାହାରୁ ଆମଦାନୀ କରିଥାଏ। ସେଥିରୁ ୨ରୁ ୩% ରୁଷିଆରୁ ଆସିଥାଏ। ଚଳିତ ବର୍ଷ ତୈଳ ଦରରେ ୪୦% ବୃଦ୍ଧି କାରଣରୁ ସରକାର ଏବେ କମ୍ ମୂଲ୍ୟରେ ରୁଷିଆରୁ ତେଲ କିଣିବା ନିମନ୍ତେ ଚିନ୍ତା କରୁଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ମସ୍କୋରୁ ତେଲ ଆଣିବା ଦିଗରେ ଯଥେଷ୍ଟ ଟ୍ୟାଙ୍କର, ଇନ୍ସ୍ୟୁରାନ୍ସ କଭର୍, ଅଏଲ୍ ବ୍ଲେଣ୍ଡ ଆଦିରେ ଅସୁବିଧା ରହିଛି। ଏହା ସମାଧାନ ହେବା ପରେ ରୁଷିଆ ଅଫର୍‌କୁ ଗ୍ରହଣ କରାଯିବ ବୋଲି କେନ୍ଦ୍ରର ଜଣେ ଅଧିକାରୀ କହିଛନ୍ତି।

# ସାହସ ଥିଲେ ମୋ ସହ ଲଢ଼

### ପୁଟିନ୍‌ଙ୍କୁ ମସ୍କଙ୍କ ଚ୍ୟାଲେଞ୍ଜ



ଭ୍ଲାଡିମିର ପୁଟିନ



ଏଲନ୍ ମସ୍କ

ବୈଦ୍ୟୁତିକ କାର୍ ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ତଥା ମହାକାଶଯାନ ନିର୍ମାତା ସ୍ପେସ୍‌ଏକ୍ସର ମାଲିକ ଏଲନ୍ ମସ୍କ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଖୋଲାଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ପୁଟିନ୍ ସାମ୍‌ନାକୁ ଆସି ତାଙ୍କ ସହ ହାତାହାତି ହୁଅନ୍ତୁ। ଏଥିରେ ୟୁକ୍ରେନ୍‌କୁ ବାଜି ଲଗାଯିବ। ଯିଏ ଜିତିବ ସେ ୟୁକ୍ରେନ୍‌ର ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ମସ୍କ ଏକ ଟୁଇଟ୍ କରିଛନ୍ତି। ଟୁଇଟ୍‌ରେ ସେ ପୁଟିନ୍‌ଙ୍କ ନାଁକୁ ରୁଷିଆ ବର୍ଣ୍ଣମାଳାରେ ଏବଂ ୟୁକ୍ରେନ୍‌କୁ ୟୁକ୍ରେନୀୟ ଅକ୍ଷରରେ ଲେଖିଛନ୍ତି। ପୁଟିନ୍‌ଙ୍କ ବ୍ୟକ୍ତିଗତ ଟୁଇଟର ଆକାଉଣ୍ଟ ନ ଥିବାରୁ ମସ୍କ କ୍ରେମ୍‌ଲିନ୍ ହ୍ୟାଣ୍ଡେଲ୍‌କୁ ଟ୍ୟାଗ୍ କରିଛନ୍ତି। କ'ଣ ତୁମେ ଲଢ଼େଇ ପାଇଁ ପ୍ରସ୍ତୁତ ବୋଲି ମସ୍କ ଲେଖିଛନ୍ତି। ସୂଚନାଯୋଗ୍ୟ, ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ମସ୍କ ଏହି ପୂର୍ବ ୟୁରୋପୀୟ ଦେଶକୁ ସହାୟତା ଯୋଗାଇଆସୁଛନ୍ତି। ଷ୍ଟାରଲିଙ୍କ୍ ସାଟେଲାଇଟ୍ ମାଧ୍ୟମରେ ୟୁକ୍ରେନ୍‌କୁ ସେ ଇଣ୍ଟରନେଟ ସେବା ପ୍ରଦାନ କରିଛନ୍ତି।

## ଅସ୍ତ୍ରବିରତି ଦାବି କଲା କ୍ୱିଭ୍

### ଚତୁର୍ଥ ପର୍ଯ୍ୟାୟ ଆଲୋଚନା

ୟୁକ୍ରେନ୍‌ରେ ରୁଷିଆ ଅଧିକ ଆକ୍ରମଣାତ୍ମକ ହୋଇ ତୁହାକୁ ତୁହା ମିଶାଇଲ, ବୋମା ମାଡ଼ କରୁଥିବାବେଳେ ଉଭୟ ଦେଶର ପ୍ରତିନିଧିଙ୍କ ମଧ୍ୟରେ ସୋମବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହୋଇଛନ୍ତି। ମସ୍କୋ ଓ କ୍ୱିଭ୍‌ର ପ୍ରତିନିଧି ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ କରିଥିଲେ। ଶାନ୍ତି ସ୍ଥାପନ, ତୁରନ୍ତ ଅସ୍ତ୍ରବିରତି ସହ ରୁଷିଆର ସୈନ୍ୟ ପ୍ରତ୍ୟାହାର ଓ ସୁରକ୍ଷା ପ୍ରତିଶ୍ରୁତି ଉପରେ କ୍ୱିଭ୍ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିବା ୟୁକ୍ରେନ୍ ପ୍ରତିନିଧି ମିଖାଇଲୋ ପୋଡୋଲିଆକ୍ କହିଛନ୍ତି। ମଙ୍ଗଳବାର ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିବ ବୋଲି ଜଣାପଡ଼ିଛି।

## ୟୁକ୍ରେନ୍ ଛାଡ଼ିଲେ ଏକମାତ୍ର ମହିଳା ଇହୁଦୀ ଧର୍ମଗୁରୁ



ଜୁଲିଆ ଗ୍ରୀସ

ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ୟୁକ୍ରେନ୍‌ର ପ୍ରଥମ ତଥା ଏକମାତ୍ର ମହିଳା ଇହୁଦୀ ଧର୍ମଗୁରୁ ଜୁଲିଆ ଗ୍ରୀସ୍ ଦେଶ ଛାଡ଼ି ପୋଲାଣ୍ଡ ପଳାଇଛନ୍ତି। ପ୍ରଥମ ଥର ପାଇଁ ସେ ଦେଶ ବାହାରେ ଶବ୍ବତ୍ (ଇହୁଦୀଙ୍କ ପବିତ୍ର ଦିନ) ପାଳିଛନ୍ତି। ୟୁକ୍ରେନ୍‌ରୁ ସାଙ୍ଗରେ ନେଇ ଯାଇଥିବା ମହମବତୀ ଜାଳି ସେ ପ୍ରାର୍ଥନା କରିଛନ୍ତି। ତାଙ୍କ ୧୯ ବର୍ଷର ଝିଅ ପୋଲାଣ୍ଡ ରାଜଧାନୀ ୱାର୍‌ସରେ ଆୟୋଜିତ ପ୍ରାର୍ଥନା ସଭାରେ ଗିଟାର୍ ବଜାଇଥିଲେ। ୟୁକ୍ରେନ୍‌ରୁ ଯିବାବେଳେ ସେ ତାଙ୍କର ଦୁଇଟି ବିଲେଇକୁ ମଧ୍ୟ ସାଙ୍ଗରେ ନେଇଥିଲେ। ସୀମା ପାର୍ ହେବାବେଳେ ତାଙ୍କୁ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିବା କହିଛନ୍ତି। ଏପରି କି ୪୦ ଘଣ୍ଟା ପର୍ଯ୍ୟନ୍ତ ତାଙ୍କୁ ବିନା ଖାଦ୍ୟପାନୀୟରେ ସୀମାରେ ଅପେକ୍ଷା କରିବାକୁ ପଡ଼ିଥିଲା। ୟୁକ୍ରେନ୍‌ରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଇହୁଦୀ ଲୋକ ବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଅନେକେ ଦେଶ ଛାଡ଼ି ସାରିଲେଣି।

# ଏନ୍‌ଏସ୍‌ଇ ଦୁର୍ନୀତି: ଜେଲ ଗଲେ ଚିତ୍ରା

**ନୂଆଦିଲ୍ଲୀ,୧୪।୩**



ଚିତ୍ରା ରାମକ୍ରିଷ୍ଣା

କୋ-ଲୋକେଶନ ଦୁର୍ନୀତି ମାମଲାରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ପୂର୍ବତନ ସିଇଓ ଚିତ୍ରା ରାମକ୍ରିଷ୍ଣାଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜେଲରେ ହନୁମାନ ଚାଳିଶା ପାଠ ଲାଗି ତାଙ୍କୁ ଅଦାଲତ ଅନୁମତି ଦେଇଥିବାବେଳେ ଘରରନ୍ଧା ଖାଦ୍ୟ ପାଇଁ ତାଙ୍କ ଓକିଲଙ୍କ ଅନୁରୋଧକୁ ଖାରଜ କରିଦେଇଛନ୍ତି।

୨୦୧୩ରୁ ଏନ୍‌ଏସ୍‌ଇର ମୁଖ୍ୟ ଥିବା ଚିତ୍ରା ଦେଶର ସର୍ବବୃହତ ଷ୍ଟକ୍ ବଜାରର ବହୁ ଗୋପନୀୟ ତଥ୍ୟ ଜଣେ ତଥାକଥିତ ଯୋଗୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ମାମଲାର ତଦନ୍ତ କରୁଥିବା ସିବିଆଇ ଗତ ୬ ତାରିଖରେ ଚିତ୍ରାଙ୍କୁ ଗିରଫ କରିବା ପରେ ୭ ଦିନିଆ ରିମାଣ୍ଡରେ ନେଇଥିଲା। ଷ୍ଟକ୍ ଏକ୍ସଚେଞ୍ଜର ଗୋପନୀୟ ତଥ୍ୟ ପ୍ରଘଟ ଯୋଗୁ କେତେକ ବ୍ରୋକର ଏହାର ଅନୈତିକ ଫାଇଦା ଉଠାଉଥିଲେ। ଏନେଇ ୨୦୧୮ରେ ସିବିଆଇ ମାମଲା ରୁଜୁ କରିଥିଲା। ଷ୍ଟକ୍ ଏକ୍ସଚେଞ୍ଜର କମ୍ପ୍ୟୁଟର ସର୍ଭରରୁ ଷ୍ଟକ୍ ବ୍ରୋକରମାନଙ୍କ ପାଖକୁ ତଥ୍ୟ ଯାଉଥିବା (କୋ-ଲୋକେଶନ ଦୁର୍ନୀତି) ସମ୍ପର୍କରେ ସିବିଆଇ ତଦନ୍ତରୁ ଜାଣିବାକୁ ପାଇଥିଲା। ଚିତ୍ରା ଜାମିନ ପାଇଁ ଆବେଦନ କରିଥିବାବେଳେ ସିବିଆଇ ଏହାକୁ ବିରୋଧ କରିଥିଲା। ତଦନ୍ତ ଏବେ ଅବ୍ୟାହତ ରହିଥିବାରୁ ଏନ୍‌ଏସ୍‌ଇର ପୂର୍ବତନ ସିଇଓ ଏହାକୁ ପ୍ରଭାବିତ କରିପାରନ୍ତି ବୋଲି ତଦନ୍ତକାରୀ ସଂସ୍ଥା ଯୁକ୍ତି ଦର୍ଶାଇଥିଲା। ଫଳରେ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ସହ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ଏନ୍‌ଏସ୍‌ଇ ଦୁର୍ନୀତି ମାମଲାରେ ଅନ୍ୟତମ ଅଭିଯୁକ୍ତ ତଥା ଏହାର ପୂର୍ବତନ ଗ୍ରୁପ୍ ଅପରେଟିଂ ଅଫିସର (ଜିଓଓ) ଆନନ୍ଦ ସୁବ୍ରମଣ୍ୟନଙ୍କ ଜାମିନ ଆବେଦନକୁ ପୂର୍ବରୁ ସିବିଆଇ ବିରୋଧ କରିଥିଲା। ଆନନ୍ଦ ନିଜକୁ ହିମାଳୟ ଯୋଗୀ ପରିଚୟ ଦେଇ ଚିତ୍ରାଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରୁଥିଲେ ବୋଲି ସିବିଆଇ ଅଦାଲତଙ୍କୁ କହିଥିଲା।

# କଶ୍ମୀର ପାଇଁ ୧.୪୨ ଲକ୍ଷ କୋଟିର ବଜେଟ

**ନୂଆଦିଲ୍ଲୀ,୧୪।୩**



ପାର୍ଲାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଲାଗି ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ୧.୪୨ ଲକ୍ଷ କୋଟି ଟଙ୍କାର ବଜେଟ ଲୋକ ସଭାରେ ଉପସ୍ଥାପନ କରିଛନ୍ତି। ଏହା ବ୍ୟତୀତ ସେ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ୨୦୨୧-୨୨ ବର୍ଷ ଲାଗି ୧୮,୮୬୦.୩୨ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବି ଆଗତ କରିଥିଲେ। ଜମ୍ମୁ-କଶ୍ମୀରରେ ଏବେ ବିଧାନସଭା ନ ଥିବାରୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳ ଲାଗି ବାର୍ଷିକ ବଜେଟ ପାର୍ଲାମେଣ୍ଟର ଅନୁମୋଦନ ଆବଶ୍ୟକ କରୁଛି। ସୋମବାର ଉକ୍ତ ବଜେଟ ଉପରେ ଆଲୋଚନା ଲାଗି ଅର୍ଥମନ୍ତ୍ରୀ ପ୍ରସ୍ତାବ ଆଣିଥିବାବେଳେ କଂଗ୍ରେସ ସଦସ୍ୟ ମନୀଷ ତିୱାରୀ ଏହାକୁ ବିରୋଧ କରିଥିଲେ। ପ୍ରସ୍ତାବକୁ ଅନୁଧ୍ୟାନ ପାଇଁ ଯଥେଷ୍ଟ ସମୟ ଦିଆଯିବା ଆବଶ୍ୟକ ବୋଲି ତିୱାରୀ କହିଥିଲେ।

କଶ୍ମୀରରେ ଆଇନ ଶୃଙ୍ଖଳା ସ୍ଥିତି ଚିନ୍ତାଜନକ। ସରକାର ଯେଉଁ ଉଦ୍ଦେଶ୍ୟରେ ସେଠାରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଥିଲେ ତାହା ପୂରଣ ହୋଇନାହିଁ। ଜମ୍ମୁ-କାଶ୍ମୀରକୁ କେବେ ସମ୍ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବ ବୋଲି ତିୱାରୀ ପ୍ରଶ୍ନ କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ୩୩ ମାସ ବିତିଥିଲେ ମଧ୍ୟ ବର୍ତ୍ତମାନ ସେଠାର ସ୍ଥିତି ଅଧିକ ସମ୍ବେଦନଶୀଳ ବୋଲି କଂଗ୍ରେସ ନେତା କହିଥିଲେ।

**୧.୦୭ ଲକ୍ଷ କୋଟିର ଅତିରିକ୍ତ ଖର୍ଚ୍ଚଦାବି ଆଗତ**

ଚଳିତ ଆର୍ଥିକ ବର୍ଷ ଲାଗି ସରକାର ସୋମବାର ଲୋକ ସଭାରେ ୧୫,୦୦୦ କୋଟି ଟଙ୍କାର ସାର ସବ୍‌ସିଡି ସମେତ ୧.୦୭ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚଦାବି ଆଗତ କରିଛନ୍ତି। ଏହା ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ ଅତିରିକ୍ତ ଖର୍ଚ୍ଚ ଦାବି। ଏହାକୁ ମିଶାଇ ମୋଟ ୧.୫୮ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚକୁ ମଞ୍ଜୁରୀ ନିମନ୍ତେ ଆଗତ କରାଯାଇଛି।

କଂଗ୍ରେସ କ୍ଷମତାକୁ ଆସିଲେ ଅନୁଚ୍ଛେଦ ୩୭୦ ଫେରାଇ ଆଣିବ ବୋଲି ପ୍ରତିଶ୍ରୁତି ଦେବାର ସତ୍‌ସାହସ ଅଛି କି ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ପ୍ରଶ୍ନ କରିଥିଲେ।

## ଓଆଇଏଲ୍‌ର ସିଏମ୍‌ଡି ହେବେ ରଣଜିତ ରଥ

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ କମ୍ପାନୀ ଅଏଲ ଇଣ୍ଡିଆ ଲିମିଟେଡ୍ (ଓଆଇଏଲ୍)ର ନୂଆ ସିଏମ୍‌ଡି ଭାବେ ରଣଜିତ ରଥଙ୍କୁ ଚୟନ କରାଯାଇଛି। ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକଶନ ବୋର୍ଡ(ପିଇଏସ୍‌ବି)ର ସୂଚନା ଅନୁଯାୟୀ ମିନେରାଲ ଏକ୍ସପ୍ଲୋରେଶନ୍ କର୍ପୋରେଶନ୍ ଲିମିଟେଡ୍ (ଏମ୍‌ଇସିଏଲ୍) ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଥିବା ରଥଙ୍କୁ ଏହି ପଦ ଲାଗି ଚୟନ କରାଯାଇଛି। ବର୍ତ୍ତମାନ ଅଏଲ ଇଣ୍ଡିଆର ସିଏମ୍‌ଡି ଭାବେ କାର୍ଯ୍ୟ କରୁଥିବା ସୁଶୀଲ କୁମାର ମିଶ୍ର ଚଳିତ ବର୍ଷ ୩୦ ଜୁନ୍‌ରେ ଅବସର ଗ୍ରହଣ କରିବେ। ତାଙ୍କ ସ୍ଥାନରେ ରଥ କାର୍ଯ୍ୟ କରିବେ ବୋଲି ଜଣାପଡିଛି।

**ସଂକ୍ଷେପରେ**

## ସ୍ୱାଭାବିକ ହେଉଛି ଦେଶର ବିମାନ ସେବା

**ନୂଆଦିଲ୍ଲୀ,୧୪।୩ :** ବର୍ତ୍ତମାନ ଦେଶର ବିମାନ ସେବା କୋଭିଡ୍‌ର ପୂର୍ବ ସ୍ଥିତିକୁ ଫେରିଆସିଛି। ଏପରିକି ଏୟାର ଟ୍ରାଫିକ ସେବା ମଧ ବର୍ତ୍ତମାନ ସ୍ୱାଭାବିକ ହୋଇଯାଇଛି। ସୋମବାର ଏ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ରାଜ୍ୟ ସଭାରେ ଏଭଳି ତଥ୍ୟ ଉପସ୍ଥାପନ କରିଛନ୍ତି। ସେହିଭଳି କୋଭିଡ୍ ପୂର୍ବରୁ ଦେଶରେ ଦୈନିକ ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୪ ଲକ୍ଷ ଥିଲାବେଳେ ଗତ ଡିସେମ୍ବର ସୁଦ୍ଧା ଏହା ୩.୮୩ ଲକ୍ଷ ହୋଇଥିବା ଜଣାପଡ଼ିଛି। ବିଶେଷକରି ମହାମାରୀ ପୂର୍ବସ୍ତରରୁ ମାତ୍ର ୫ରୁ ୬% ପଛରେ ରହିଛୁ ବୋଲି ମନ୍ତ୍ରୀ ସଂସଦରେ ସୂଚନା ଦେଇଛନ୍ତି। କୋଭିଡ୍-୧୯ କାରଣରୁ ଏହି କ୍ଷେତ୍ର ସମ୍ମୁଖୀନ ହୋଇଥିବା ଜଟିଳତା ସମ୍ପର୍କରେ ମଧ ଉଲ୍ଲେଖ କରି ସିନ୍ଧିଆ କହିଛନ୍ତି , ଏହି କ୍ଷେତ୍ର ଆର୍ଥିକ ଭାବରେ ବେଶ୍ ଗୁରୁତର ପ୍ରଭାବିତ ହୋଇଛି। କୋଭିଡ୍‌ର ତୃତୀୟ ଲହର ବେଳକୁ ଦେଶର ଦୈନିକ ବିମାନ ଯାତ୍ରୀଙ୍କ ସଂଖ୍ୟା ୧.୬୦ଲକ୍ଷକୁ ଖସି ଆସିଥିଲା। ତେବେ ଚଳିତ ବର୍ଷ ମାର୍ଚ୍ଚ ୧୩ ତାରିଖ ସୁଦ୍ଧା ଦୈନିକ ବିମାନ ଯାତ୍ରୀଙ୍କ ସଂଖ୍ୟା ୩.୮୩ ଲକ୍ଷରେ ପହଞ୍ଚିଥିବା ସୂଚନା ରହିଛି।

## ଫେବୃୟାରୀରେ ରପ୍ତାନି ହାର ୨୫.୧%

**ନୂଆଦିଲ୍ଲୀ,୧୪।୩ :** ଦେଶର ପ୍ରମୁଖ ରପ୍ତାନି ସାମଗ୍ରୀ ଇଞ୍ଜିନିୟରିଂ, ପେଟ୍ରୋଲିୟମ ଏବଂ ରସାୟନ ପରି କ୍ଷେତ୍ର ଉନ୍ନତ ପ୍ରଦର୍ଶନ କରିଛି। ଫଳରେ ଦେଶର ରପ୍ତାନି ଫେବୃୟାରୀରେ ୨୫.୧% ବଢ଼ି ୩୪.୫୭ ବିଲିୟନ ଡଲାରରେ ପହଞ୍ଚିଛି। ସୋମବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ଫେବୃୟାରୀର ବାଣିଜ୍ୟ ନିଅଣ୍ଟ ବଢ଼ି ୨୦.୮୮ ବିଲିୟନ ଡଲାରରେ ପହଞ୍ଚିଛି। ଫେବୃୟାରୀରେ ଆମଦାନୀ ୩୬% ବୃଦ୍ଧି ପାଇ ୫୫.୪୫ ବିଲିୟନ ଡଲାରରେ ପହଞ୍ଚିଥିଲା। ଏଥିରେ ପେଟ୍ରୋଲିୟମ ଏବଂ ଅଶୋଧିତ ତୈଳର ଆମଦାନୀ ୬୯% ବଢ଼ି ୧୫.୨୮ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୧ ଫେବୃୟାରୀରେ ବାଣିଜ୍ୟ ନିଅଣ୍ଟ ୧୩.୧୨ ବିଲିୟନ ଡଲାର ରହିଥିଲା।

# ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୦୭%

**ନୂଆଦିଲ୍ଲୀ,୧୪।୩ :**

ଗତ କିଛିଦିନ ହେବ ଅନେକ ସମସ୍ୟା ଯୋଗୁ ଭାରତରେ ସବୁ ସାମଗ୍ରୀର ଦର ବୃଦ୍ଧି ହୋଇଛି। ବିଶେଷକରି ଅତ୍ୟାବଶ୍ୟକ ଓ ଖାଦ୍ୟପଦାର୍ଥ ସାମଗ୍ରୀ ମହଙ୍ଗା ହେବାରୁ ଚଳିତ ବର୍ଷ ଫେବୃୟାରୀର ଖୁଚୁରା ମୁଦ୍ରାସ୍ଫୀତି ହାର ପୁଣିଥରେ ବୃଦ୍ଧି ପାଇଛି। ଚଳିତ ବର୍ଷର ଫେବୃୟାରୀ ମୁଦ୍ରାସ୍ଫୀତି ହାର ୬.୦୭%ରେ ପହଞ୍ଚିଛି। ସୋମବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ଚଳିତ ବର୍ଷ ଫେବୃୟାରୀରେ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ୬.୦୭%କୁ ବୃଦ୍ଧି ପାଇଛି। ଗତବର୍ଷ ଏହି ସମୟରେ ମୁଦ୍ରାସ୍ଫୀତି ହାର ୫.୦୩ % ରହିଥିଲା। ସେହିଭଳି ଖୁଚୁରା ମୁଦ୍ରାସ୍ଫୀତି ବର୍ତ୍ତମାନ ଭାରତୀୟ ରିଜର୍ଭ ବ୍ୟାଙ୍କ( ଆର୍‌ବିଆଇ)ଙ୍କ ଧାର୍ଯ୍ୟ ସୀମା ୬% ଉପରେ ଲଗାତର ୨ୟ ଥର ପାଇଁ ରହିଛି। ଅପରପକ୍ଷରେ ଆର୍‌ବିଆଇଙ୍କ ଆଗାମୀ ମୁଦ୍ରାନୀତିରେ ଦେଶରେ ସୁଧହାର ପରିବର୍ତ୍ତନ ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ସେହିପରି ଯଦି ନୀତି ସମୀକ୍ଷାରେ ଆର୍‌ବିଆଇ ସୁଧହାର ବୃଦ୍ଧି କରନ୍ତି ତେବେ ଲୋକଙ୍କ ଉପରେ ସରଳ ମାସିକ କିସ୍ତି (ଇଏମ୍‌ଆଇ) ବୋଝ ବଢ଼ିବ ବୋଲି ଆକଳନ କରାଯାଉଛି।



ଖାଉଟି ମୁଦ୍ରାସ୍ଫୀତି ହାର ବୃଦ୍ଧିରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ଉଚ୍ଚା ରହିବ ବୋଲି କୁହାଯାଉଛି। ବାର୍ଷିକ ଆଧାରରେ କେବଳ ଫେବୃୟାରୀରେ ଏହା ୧୬.୪୪% କୁ ପହଞ୍ଚିଯାଇଛି। ଏହାଛଡା ପନିପରିବା ଦରରେ ମଧ ୬.୧୩% ବୃଦ୍ଧି ଦେଖାଦେଇଛି। ଏହି ସମୟରେ ମାଛ, ମାଂସ ଦରରେ ୭.୪୫% ଓ ଅଣ୍ଡା ଦରରେ ୪.୧୫% ବୃଦ୍ଧି ଘଟିଛି। ଖାଦ୍ୟଶସ୍ୟ ଉତ୍ପାଦନରେ ୩.୯୫% ଏବଂ ଚିନି ଓ କନ୍‌ଫେକ୍ସନାରିରେ ୫.୪୧% ପର୍ଯ୍ୟନ୍ତ ଅଭିବୃଦ୍ଧି ହୋଇଛି। ଖାଦ୍ୟପେୟ ସାମଗ୍ରୀ ବ୍ୟତୀତ ଇନ୍ଧନ ଓ ବିଦ୍ୟୁତ୍ ଶକ୍ତିରେ ୮.୭୩%, ବସ୍ତ୍ର ଓ ଜୋତାରେ ୮.୮୬%, ଆବାସ କ୍ଷେତ୍ରରେ ୩.୫୭% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଚଳିତ ବର୍ଷ ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିବାର ଯେଉଁ କାରଣ ଦେଖାଯାଇଛି ତାହା ହେଉଛି ଖାଦ୍ୟ ଉତ୍ପାଦର ମୂଲ୍ୟ ବୃଦ୍ଧି। ଗତ ମାସରେ ଖାଦ୍ୟ ଉତ୍ପାଦ ଦରରେ ୫.୮୯% ବୃଦ୍ଧି ହୋଇଥିଲା, ଯାହା ଜାନୁୟାରୀରେ ୫.୪୩% ପର୍ଯ୍ୟନ୍ତ ବଢ଼ିଥିଲା।

## ଏନ୍.ଚନ୍ଦ୍ରଶେଖରନ ଏୟାର ଇଣ୍ଡିଆ ଚେୟାରମ୍ୟାନ

**ନୂଆଦିଲ୍ଲୀ, ୧୪।୩**

ଟାଟା ସନ୍ସର ମୁଖ୍ୟ ନଟରାଜ ଚନ୍ଦ୍ରଶେଖରନ ଏୟାର ଇଣ୍ଡିଆର ଅଧକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଟାଟା ଗ୍ରୁପ୍ ପକ୍ଷରୁ ସୋମବାର ଏନେଇ ଘୋଷଣା କରାଯାଇଛି। କିଛିଦିନ ତଳେ ତୁର୍କୀ ଏୟାରଲାଇନ୍ସର ପୂର୍ବତନ ଚେୟାରମ୍ୟାନ ଇଲ୍‌କର ଅୟସିଙ୍କୁ ଏୟାର ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ପରିଚାଳନା ନିର୍ଦ୍ଦେଶକ ଭାବେ ଟାଟା ଗ୍ରୁପ୍ ପକ୍ଷରୁ ଅଫର ଦିଆଯାଇଥିଲା। କିନ୍ତୁ ଏହାକୁ ଭାରତରେ ବହୁ ବିରୋଧ କରାଯାଇଥିଲା। ଫଳରେ ଟାଟାର ଏୟାର ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ହେବାକୁ ଇଲ୍‌କର ଅୟସି ମନା କରିଦେଇଥିଲେ। ଟାଟା ସନ୍ସ ଅଧୀନରେ ୧୦୦ରୁ ଉର୍ଦ୍ଧ୍ୱ ଟାଟା ଅପରେଟିଂ କମ୍ପାନୀ କାର୍ଯ୍ୟକରୁଛି। ଏନ୍. ଚନ୍ଦ୍ରଶେଖରନ ୨୦୧୬ ଅକ୍ଟୋବରରେ ଟାଟା ସନ୍ସ ବୋର୍ଡରେ ଯୋଗଦେଇଥିଲେ ଏବଂ ୨୦୧୭ ଜାନୁୟାରୀରେ ଟାଟା ସନ୍ସର ଚେୟାରମ୍ୟାନ ନିଯୁକ୍ତ ହୋଇଥିଲେ। ଟାଟା ଷ୍ଟିଲ୍, ଟାଟା ମୋଟର୍ସ, ଟାଟା ପାୱାର, ଟାଟା କନ୍ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ଭଳି କେତେକ ଗ୍ରୁପ୍ ଅପରେଟିଂ କମ୍ପାନୀର ବୋର୍ଡଗୁଡ଼ିକରେ ଚନ୍ଦ୍ରଶେଖରନ ରହିଛନ୍ତି। ତାମିଲନାଡୁର ନମକ୍କଲ ଜିଲା ମୋହନୁର ଗ୍ରାମରେ ୧୯୬୩ ଜୁନ୍ ୨ରେ ଜନ୍ମଗ୍ରହଣ କରିଥିବା ଚନ୍ଦ୍ରଶେଖରନ ୧୯୮୬ରେ ଏମ୍‌ସିଏ ଡିଗ୍ରୀ ହାସଲ କରିଥିଲେ। ୧୯୮୭ରେ ସେ ଟିସିଏସ୍‌ରେ ଯୋଗଦେଇଥିଲେ। ୨୦୦୯ ଅକ୍ଟୋବର ୬ରେ ସେ ଟିସିଏସ୍‌ର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୬ ଅକ୍ଟୋବର ୨୫ରେ ସେ ଟିସିଏସ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ଟାଟା ସନ୍ସ ବୋର୍ଡର ଅତିରିକ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିଲେ। ପରେ ପ୍ରଥମ ଅଣପାର୍ସୀ ଚନ୍ଦ୍ରଶେଖରନ ଟାଟା ଗ୍ରୁପ୍‌ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



# ‘ସଚ୍ଚି ସହେଲୀ’ର ମେରା ଗିଫ୍ଟ ଅଭିଯାନ

**ନୂଆଦିଲ୍ଲୀ,୧୪।୩:**

ଦେଶର ପ୍ରମୁଖ ଆର୍ୟୁର୍ବେଦିକ୍ କମ୍ପାନୀ ଦିବିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସାରା ଦେଶର ମହିଳାଙ୍କ ପାଇଁ ‘ମେରା ଗିଫ୍ଟ’ ଅଭିଯାନ୍ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏହିପରି ପରିପ୍ରେକ୍ଷୀରେ ବିଭିନ୍ନ ଗଣମାଧ୍ୟମରେ ଏନେଇ ଆଗୁଆ ସୂଚନା ପ୍ରଦାନ କରାଯାଇଥିଲା। ଉକ୍ତ ଅଭିଯାନରେ ସାମିଲ୍ ହୋଇ ଉପହାର ପାଇବା ପାଇଁ ମହିଳାମାନେ କମ୍ପାନୀ ଦ୍ୱାରା ଦିଆଯାଇଥିବା କ୍ୟୁଆର୍ କୋଡ୍ ସ୍କାନ୍ କରିଥିଲେ ଏବଂ ସେମାନଙ୍କୁ ସଚ୍ଚି ସହେଲୀର ଆୟୁର୍ବେଦିକ୍ ଟନିକ୍ ବୋତଲ ପୁରସ୍କାର ଦିଆଯାଇଥିଲା। ଏ ସମ୍ପର୍କରେ କମ୍ପାନୀ ପ୍ରତିନିଧି ସୋନିଆ ବଜାଜ କହିଛନ୍ତି, ଏହି ଅଭିଯାନ ମାର୍ଚ୍ଚ ୮ ତାରିଖ ସକାଳ ୧୨.୦୧ ଘଟିକାରୁ ଆରମ୍ଭ ହୋଇଥିଲା। ଏହାର କିଛି ସମୟ ମଧ୍ୟରେ ଅନେକ ମହିଳା କମ୍ପାନୀର ୱେବ୍‌ସାଇଟ୍ ଭିଜିଟ୍ କରିଥିବା ଦେଖିବାକୁ ମିଳିଥିଲା। କମ୍ପାନୀକୁ ପ୍ରତି ମିନିଟ୍‌ରେ ହଜାର ହଜାର ସଂଖ୍ୟକ ଅର୍ଡର ମିଳିଥିଲା। ଫଳରେ ଦିନ୨ଟା ବେଳେ ଅପ୍ରତ୍ୟାଶିତ କାରଣରୁ ଅଫର ବନ୍ଦ କରିବାକୁ ପଡ଼ିଥିଲା ବୋଲି ବଜାଜ କହିଛନ୍ତି। ଏହି ଅଭିଯାନ ଜରିଆରେ ମଗାଯାଇଥିବା ଜିନିଷ ନିଃଶୁଳ୍କ ଥିଲା। ବିଶେଷ କରି ମହିଳା ଦିବସ ଅବସରରେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ମହିଳାମାନେ ସଚ୍ଚି ସହେଲୀ ଆୟୁର୍ବେଦିକ୍ ଟନିକ୍ ଅର୍ଡର କରିଥିଲେ। ଏହି ଅବସରରେ ମୋଟ ୧,୧୬,୨୪୧ ଉପହାର ମହିଳାମାନଙ୍କୁ ପଠାଯାଇଥିଲା। ସଚ୍ଚି ସହେଲୀ ପ୍ରତି ମହିଳାମାନଙ୍କର ବିଶ୍ୱାସ ଅତୁଟ ରହିଛି। ଦେଶର କୋଣ ଅନୁକୋଣରେ ମହିଳାମାନେ ଏହାର ସେବନ କରୁଥିବା ଉକ୍ତ ଅଭିଯାନରୁ ପ୍ରମାଣିତ ବୋଲି ବଜାଜ୍ ମତବ୍ୟକ୍ତ କହିଛନ୍ତି। କମ୍ପାନୀର ସଚ୍ଚି ସହେଲୀ ଆୟୁର୍ବେଦିକ୍ ଟନିକ୍ ୬୭ ପ୍ରାକୃତିକ ଜଡ଼ିବୁଟିର ମିଶ୍ରଣରେ ତିଆରି। ଏହା ଅଣ୍ଟାବିନ୍ଧା, ଦୁର୍ବଳ ଲାଗିବା, ଚିଡ଼ିଚିଡ଼ାପଣ ଇତ୍ୟାଦି ଦୂର କରିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଭାରତୀୟ ଅଭିନେତ୍ରୀ ରବିନା ଟଣ୍ଡନ ଏହାର ଜଣେ ନିୟମିତ ବ୍ୟବହାର କାରି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।




**୧,୧୬,୨୪୧ ମହିଳାଙ୍କୁ ମାଗଣା ଉପହାର**

## ତୈଳ ଭାଟ୍ କମେଇନାହାନ୍ତି ୯ ରାଜ୍ୟ

**ନୂଆଦିଲ୍ଲୀ,୧୪।୩**

ମହାରାଷ୍ଟ୍ର ଏବଂ କେରଳ ସମେତ ୯ଟି ରାଜ୍ୟ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ମୂଲ୍ୟ ବର୍ଦ୍ଧିତ କର(ଭ୍ୟାଟ୍) କମ୍ କରିନଥିବା କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ସୋମବାର ରାଜ୍ୟସଭାରେ କହିଛନ୍ତି। ରାଜ୍ୟସଭାର ପ୍ରଶ୍ନକାଳ ସମୟରେ ବିଜେପିର ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ ଯେ, ବିଭିନ୍ନ ରାଜ୍ୟରେ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଥିବା ଭ୍ୟାଟ୍ ହ୍ରାସ କରାଯାଇନାହିଁ। ଏଥିସହିତ ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ କେରଳର ଏହାର ଦର ଅଧିକ ରହିଛି ବୋଲି ସେ କହିଥିଲେ। ପ୍ରଶ୍ନର ଉତ୍ତର ରଖି ପୁରୀ କହିଥିଲେ ଯେ, ତୈଳ ଦର ହ୍ରାସ କରିବା ପାଇଁ ଆମେ ଯଥାସମ୍ଭବ ଚେଷ୍ଟା କରିଛୁ। ନଚେତ୍ ଆଜି ପେଟ୍ରୋଲ୍ ଏବଂ ଡିଜେଲ୍ ଦର ବହୁତ ଅଧିକ ହୋଇଥା'ନ୍ତା। ତେବେ ୯ଟି ରାଜ୍ୟ ବର୍ତ୍ତମାନ ସୁଦ୍ଧା ଭ୍ୟାଟ୍ ହ୍ରାସ କରିନଥିବା ପୁରୀ କହିଛନ୍ତି।

## ଅତିରିକ୍ତ ଖର୍ଚ୍ଚ ପାଇଁ ମଞ୍ଜୁରୀ ଆବେଦନ

**ନୂଆଦିଲ୍ଲୀ,୧୪।୩**

ସରକାରଙ୍କ ପକ୍ଷରୁ ସୋମବାର ଚଳିତ ଆର୍ଥିକ ବର୍ଷର ଥାର୍ଡ ବ୍ୟାଚ୍ ଅନୁପୂରକ ଚାହିଦା ପାଇଁ ୧୫,୦୦୦କୋଟି ଟଙ୍କାର ଫର୍ଟିଲାଇଜର ସବ୍‌ସିଡି ସହିତ ୧.୦୭ଲକ୍ଷ କୋଟିର ଅତିରିକ୍ତ ଖର୍ଚ୍ଚ ପାଇଁ ପାର୍ଲାମେଣ୍ଟଠାରୁ ମଞ୍ଜୁରୀ ଆବେଦନ ହୋଇଛି। ଲୋକ ସଭାରେ ଏହି ଅତ୍ୟଧିକ ଖର୍ଚ୍ଚର ଥାର୍ଡ ବ୍ୟାଚ୍ ଅନୁପୂରକ ଚାହିଦା ପାଇଁ ୧.୫୮ଲକ୍ଷ କୋଟିରୁ ଅଧିକ ଟଙ୍କା ମଞ୍ଜୁରୀ ଲାଗି ଆବେଦନ ହୋଇଛି। ଏଥିରୁ ୧.୦୭ ଲକ୍ଷ କୋଟି ଟଙ୍କାର ସର୍ବ ମୋଟ୍ ଅର୍ଥ ବ୍ୟୟ ଏବଂ ମନ୍ତ୍ରଣାଳୟର ସଞ୍ଚିତ ଅର୍ଥ ସହ ମେଳ ଖାଉଥିବା ସର୍ବମୋଟ୍ ଅତିରିକ୍ତ ବ୍ୟୟ ୫୦,୯୪୬ କୋଟି ଟଙ୍କାରୁ ଅଧିକ ରହିଛି। ସରକାରଙ୍କ ପକ୍ଷରୁ ଫର୍ଟିଲାଇଜର ସବ୍‌ସିଡି ପାଇଁ ୧୪,୯୨୦ କୋଟି ଏବଂ ନ୍ୟାଶନାଲ ବ୍ୟାଙ୍କର ଫାଇନାନ୍ସିଂ ଭିତ୍ତିଭୂମି ଏବଂ ବିକାଶ ପାଇଁ ୧୩,୦୪୯କୋଟି ଟଙ୍କାର ଅନୁମତି ମଗାଯାଇଛି।



**ଫୁର୍‌ସତ୍**

# ସଚେତନତା ହିଁ ସୁରକ୍ଷା

**ପ୍ର**ତିଦିନ ଆମେ ବିଭିନ୍ନ ଖାଦ୍ୟପଦାର୍ଥ ଅବା ଦୈନନ୍ଦିନ ଜୀବନରେ ଉପଯୋଗୀ ସାବ୍ୟସ୍ତ ହେଉଥିବା ସାମଗ୍ରୀ ବ୍ୟବହାର କରିଥାଉ। ତେବେ ଏସବୁ ସାମଗ୍ରୀ କେତେଦୂର ସୁରକ୍ଷିତ ସେ ନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱ ଗ୍ରାହକ ସଚେତନତା ଦିବସ ବା ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପ୍ରତିବର୍ଷ ମାର୍ଚ୍ଚ ୧୫ରେ ପାଳନ କରାଯାଇଥାଏ। ଗ୍ରାହକମାନେ ଯେଭଳି କୌଣସି ଠକାମିର ଶିକାର ନ ହେବେ ସେଥି ପାଇଁ ଏହି ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଯାଇଥାଏ।

ବିଶ୍ୱ ଗ୍ରାହକ ଅଧିକାର ଦିବସ ଗ୍ରାହକଙ୍କ ଅଧିକାର ଏବଂ ଆବଶ୍ୟକତା ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି କରିବାର ମାଧ୍ୟମ ଭାବରେ କାର୍ଯ୍ୟ କରିଥାଏ। ସମସ୍ତ ଗ୍ରାହକଙ୍କର ଅଧିକାରକୁ ସମ୍ମାନ ଏବଂ ସୁରକ୍ଷା ଦିଆଯାଉ ବୋଲି ଦାବି କରିବା ଏବଂ ବଜାରର ନକଲି ସାମଗ୍ରୀର ବିକ୍ରି ବନ୍ଦ ଏବଂ ସାମାଜିକ ଅନ୍ୟାୟ ବିରୋଧରେ ପ୍ରତିବାଦ କରିବା କାର୍ଯ୍ୟ ମଧ କରିଥାଏ। ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଆମେରିକା ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ସେ ୧୯୬୨ ମାର୍ଚ୍ଚ ୧୫ରେ ଆମେରିକା କଂଗ୍ରେସକୁ ଏକ ସ୍ୱତନ୍ତ୍ର ବାର୍ତ୍ତା ପଠାଇଥିଲେ। ଯେଉଁଥିରେ ସେ ଉପଭୋକ୍ତା ଅଧିକାର ପ୍ରସଙ୍ଗକୁ ଆନୁଷ୍ଠାନିକ ଭାବେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେ ଏହା କରିବାରେ ପ୍ରଥମ ବିଶ୍ୱ ନେତା ଥିଲେ। ଉପଭୋକ୍ତା ଆନ୍ଦୋଳନ ଅନ୍ତର୍ଗତ ପ୍ରଥମେ ୧୯୮୩ ମାର୍ଚ୍ଚ ୧୫ରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



**ବିଶ୍ୱ ଗ୍ରାହକ ଅଧିକାର ଦିବସ**

## ‘ଅପୂର୍ବା’ରେ ତାରା

**ମୁମ୍ବାଇ:** ମୁରାଦ ଖେତାନିଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ବଲିଉଡ୍ ଫିଲ୍ମ ‘ଅପୂର୍ବା’ରେ ଅଭିନୟ କରିବେ ତାରା ସୁତାରିଆ। ଅପୂର୍ବା ଏକ ନାରୀକୈନ୍ଦ୍ରିକ ଫିଲ୍ମ ହୋଇଥିବାବେଳେ ପ୍ରଥମ ଥର ପାଇଁ ତାରା ଏଭଳି ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ଫିଲ୍ମଟି ଯଦି ବକ୍ସ ଅଫିସରେ ସଫଳ ହୁଏ ତେବେ ତାରାଙ୍କ କ୍ୟାରିୟର ପାଇଁ ଏହା ଏକ ବଡ଼ ଟର୍ନିଂପଏଣ୍ଟ ସାବ୍ୟସ୍ତ ହେବ। ‘କବୀର ସିଂ’ ଫେମ୍ କିଆରା ଆଡଭାନୀ ‘ଅପୂର୍ବା’ରେ କାମ କରିବା ନେଇ ଗୁଜବ ଶୁଣିବାକୁ ମିଳୁଥିବାବେଳେ ବର୍ତ୍ତମାନ ଏହାଉପରୁ ପରଦା ହଟିଛି। ସୂଚନାଯୋଗ୍ୟ, ଆଶୁତୋଷ ଗୋୱାରିକରଙ୍କ ପ୍ରଯୋଜିତ ଫିଲ୍ମ ‘କରମ କୁମାର’ ଫିଲ୍ମରେ କାମ କରିବା ପାଇଁ କିଆରା ସାଇନ୍ କରିସାରିଛନ୍ତି। ଏହି ଫିଲ୍ମ ଜଣାଶୁଣା ‘ଲିଜତ ପାମ୍ପଡ଼’ ମାଲିକାଣୀ ଯଶବନ୍ତୀବେନ୍ ଜମନାଦାସ ପୋପଟଙ୍କ ଜୀବନୀ ଉପରେ ଆଧାରିତ। ଯଶବନ୍ତୀବେନ୍‌ଙ୍କ ସଂଘର୍ଷକୁ ନେଇ ଫିଲ୍ମର କାହାଣୀ ତିଆରି ହେବ। ଗୋଟିଏ ନାରୀକୈନ୍ଦ୍ରିକ ଫିଲ୍ମ ସାଇନ୍ କରିଥିବାରୁ ସେ ଅପୂର୍ବାରେ କାମ କରିବା ପାଇଁ ମନା କରିଦେଇଥିବା କୁହାଯାଉଛି। ‘ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨’ ଜରିଆରେ ତାରା ବଲିଉଡ୍‌ର ଏଣ୍ଟ୍ରି କରିଥିଲେ। ଶେଷଥର ପାଇଁ ତାରା ‘ତଡପ’ରେ ନଜର ଆସିଥିଲେ। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଭିନୟ କରିଥିଲେ ଆହାନ ସେଟ୍ଟୀ।



ତାରା ସୁତାରିଆ

## ‘ପାୱାର ଅଫ୍ ଦ ଡଗ୍’ ଶ୍ରେଷ୍ଠ ଫିଲ୍ମ



**ଲଣ୍ଡନ**

ଲଣ୍ଡନର ରୟାଲ୍ ଆଲବର୍ଟ ହଲ୍‌ରେ ରବିବାର ୭୫ତମ ବ୍ରିଟିଶ୍ ଏକାଡେମି ଫିଲ୍ମ ଆୱାର୍ଡ (ବିଏଏଫ୍‌ଟିଏ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ‘ଦି ପାୱାର ଅଫ୍ ଦ ଡଗ୍’କୁ ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ହଲିଉଡ୍ ଆକ୍ଟର ୱିଲ୍ ସ୍ମିଥ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ନ୍ୟୁଜିଲାଣ୍ଡ ଫିଲ୍ମ ନିର୍ମାତା ଜେନ୍ କାମ୍ପିଓନଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ୨୦୨୧ରେ ରିଲିଜ୍ ହୋଇଥିବା ହଲିଉଡ୍ ସାଇନ୍ସ ଫିକ୍ସନ୍ ଫିଲ୍ମ ‘ଡ୍ୟୁନ୍’କୁ ୫ ଗୋଟି ଆୱାର୍ଡ ମିଳିଛି। କରୋନା କାରଣରୁ ଗତବର୍ଷ ଭର୍ଚୁଆଲ ମୋଡ୍‌ରେ ବିଏଏଫ୍‌ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବ୍ରିଟିଶ୍ ଏକାଡେମି ଫିଲ୍ମ ଆୱାର୍ଡ**

## ବିହାରର ସ୍ପାଇଡର୍ ଗର୍ଲସ୍

**ପାଟଣା:** ଚଳଚ୍ଚିତ୍ରରେ ଆମେ ସମସ୍ତେ ସ୍ପାଇଡରମ୍ୟାନ୍‌ଙ୍କୁ ଦେଖିଛେ। କହିବାକୁ ଗଲେ ଛୋଟ ପିଲା ସ୍ପାଇଡରମ୍ୟାନ୍‌କୁ ଦେଖିବାକୁ ପସନ୍ଦ କରନ୍ତି। କିନ୍ତୁ ଫିଲ୍ମରେ ସ୍ପାଇଡରମ୍ୟାନ୍ ଟ୍ରେନ୍ ଅଟକାଇଦେବା, କାନ୍ଥ ଚଢିବା ଆଦି କାମ ସବୁ କମ୍ପ୍ୟୁଟର ଜରିଆରେ କରାଯାଇଥାଏ। କିନ୍ତୁ ଅବିକଳ ସ୍ପାଇଡରମ୍ୟାନ୍ ଭଳି ବିନା ସପୋର୍ଟରେ କାନ୍ଥ ଚଢୁଛନ୍ତି ୨ ଭଉଣୀ ଅନ୍ୱିତା ଓ କ୍ରିପିତା। ଘର ତାଙ୍କର ବିହାର ରାଜଧାନୀ ପାଟଣାରେ । ୧୨ ବର୍ଷୀୟ ଅନ୍ୱିତା ଓ ୯ ବର୍ଷର ଭଉଣୀ କ୍ରିପିତା ବିନା ସପୋର୍ଟରେ କାନ୍ଥ ଚଢୁଛନ୍ତି। ଘର ଲୋକ ଏ କାମ ପାଇଁ ଯେତେ ବାରଣ କରୁଥିଲେ ସୁଦ୍ଧା ଦୁଇ ଭଉଣୀ କାନ୍ଥ ଚଢ଼ିବ ଅଭ୍ୟାସ ଜାରି ରଖିଛନ୍ତି। ଯେତେବେଳେ ବାପା ମା’ କାମରେ ବାହାରକୁ ଚାଲିଯାନ୍ତି ସେତେବେଳେ ଦୁହେଁ କାନ୍ଥ ଚଢ଼ିବା ଅଭ୍ୟାସ କରନ୍ତି। ନିକଟରେ ଦୁଇ ଭଉଣୀଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ସେମାନେ ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଏକ ମାର୍ବଲ କାନ୍ଥ ଚଢୁଥିବାର ଦେଖିବାକୁ ମିଳିଥିଲା। ଭିଡିଓଟିକୁ ୟୁଜର ଖୁବ୍ ପସନ୍ଦ କରିଛନ୍ତି। ଭବିଷ୍ୟତରେ ହିମାଳୟ ପର୍ବତ ଶିଖର ଛୁଇଁ ବିଶ୍ୱ ରେକର୍ଡ କରିବା ପାଇଁ ଇଚ୍ଛା ଥିବା ଅନ୍ୱିତା କହିଛନ୍ତି। ଅନ୍ୱିତା ଓ କ୍ରିପିତାଙ୍କ ପ୍ରତିଭା ପାଇଁ ବାପା ଅଜିତ୍ କୁମାର ଗୁପ୍ତା ଓ ମା’ ସଙ୍ଗୀତା ବେଶ୍ ଖୁସି ଥିବା ଜଣାପଡ଼ିଛି।



**ବିନା ସହାୟତାରେ ଚଢୁଛନ୍ତି କାନ୍ଥ**

## ଲମ୍ବା କେଶର ଗାଁ

**ହଙ୍କା:** ଅନେକ ଲୋକ ଲମ୍ବା କେଶ ରଖିବାକୁ ପସନ୍ଦ କରିଥାନ୍ତି। ହେଲେ ଏପରି ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ କି ଗୋଟେ ଗାଁର ସମସ୍ତେ ଲମ୍ବା କେଶ ରଖିବାକୁ ପସନ୍ଦ କରନ୍ତି। ଫଳରେ ସେହି ଗାଁଟି ‘ଲମ୍ବା ଚୁଟି ଥିବା ଗାଁ’ ଭାବରେ ଗିନିଜ୍ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି। ଚାଇନାର ହୁଆଙ୍ଗଲୁଓ ୟାଓ ନାମକ ଗାଁଟି ନଦୀ କୂଳରେ ଅବସ୍ଥିତ। ଉକ୍ତ ଗ୍ରାମରେ ରେଡ୍ ୟାଓ ଲୋକ ରୁହନ୍ତି। ଏଠାକାର ମହିଳା ନିଜର ଲମ୍ବା, କଳା ଏବଂ ଘନ କେଶ ପାଇଁ ଜଣାଶୁଣା। ସେଥିପାଇଁ ଉକ୍ତ ଗାଁକୁ ମହିଳାଙ୍କୁ ‘ଡିଜନି ପ୍ରିନ୍ସେସ୍’ ବୋଲି କୁହାଯାଏ। ଏଠାକାର ମହିଳାମାନେ ସାଧାରଣତଃ ୫ ଫୁଟ ପର୍ଯ୍ୟନ୍ତ ଲମ୍ବା ଚୁଟି ରଖିଥାନ୍ତି। ହେଲେ ୨୦୦୪ରେ ସେଠାକାର ଜଣେ ମହିଳା ୭ଫୁଟ ଲମ୍ବର ଚୁଟି ରଖି ରେକର୍ଡ କରିଥିଲେ। ମହିଳାମାନେ ନିଜ ଲମ୍ବା ଚୁଟି ପାଇଁ ଘରୋଇ ଶାମ୍ପୁ ତିଆରି କରି ବ୍ୟବହାର କରିଥାନ୍ତି।






## ଲୟଡ୍ ପକ୍ଷରୁ ଲକି ଡ୍ର'

ନୂଆଦିଲ୍ଲୀ, ୧୪।୩

ଦେଶର ଜଣାଶୁଣା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କମ୍ପାନୀ ଲୟଡ୍ ପକ୍ଷରୁ ୨୦୨୧ ପାର୍ବଣ ଋତୁ ଅର୍ଥାତ୍ ଅକ୍ଟୋବର-ନଭେମ୍ବରରେ ସ୍କ୍ରାଚ୍ ଆଣ୍ଡ ୱିନ୍ ଜରିଆରେ ଲକି ଡ୍ର' କରାଯାଇଥିଲା। ଦୀପାବଳି ସମୟରେ ୫ ସପ୍ତାହ ପାଇଁ ଲୟଡ୍ ପକ୍ଷରୁ 'ଲୟଡ୍ ଦିୱାଲି ବୋନାଞ୍ଜା ୨୦୨୧' ଆୟୋଜିତ ହୋଇଥିଲା। ଏହି ସମୟ ମଧ୍ୟରେ କୌଣସି ଲୟଡ୍ ସାମଗ୍ରୀ କ୍ରୟ କଲେ ସ୍କ୍ରାଚ୍ ଆଣ୍ଡ ୱିନ୍ ଅଫର ମିଳୁଥିଲା। ଏଥିରେ ଓଡ଼ିଶାର ୧୯ଜଣ ଗ୍ରାହକ ବିଜୟୀ ହୋଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନର ଲକି ଗ୍ରାହକମାନେ ଲୟଡ୍ କମ୍ପାନୀର ଏଲ୍ଇଡି ଟିଭି, ୱାଶିଂମେଶିନ, ଡିଶ୍ ୱାଶର ଜିତିଛନ୍ତି।

## 'ଲଜିଜ୍ ପିଜ୍ଜାର' ତୃତୀୟ ଆଉଟ୍‌ଲେଟ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୪।୩

ଦେଶର ଅନ୍ୟତମ ଅଗ୍ରଣୀ ପିଜ୍ଜା ଚେନ୍ ଭୁବନେଶ୍ୱରରେ ଏହାର ତୃତୀୟ ଆଉଟ୍‌ଲେଟ୍ ଉଦ୍‌ଘାଟନ କରିଛି। ପୂର୍ବରୁ ଭୁବନେଶ୍ୱରର ଜାଗମରା ଏବଂ ସମ୍ ହସ୍ପିଟାଲ୍ ନିକଟରେ ଏହାର ଆଉଟ୍‌ଲେଟ୍ ରହିଥିବା ବେଳେ ରବିବାର ବମିଖାଲ ନିକଟରେ ଏହାର ତୃତୀୟ ଆଉଟ୍‌ଲେଟ୍ ଶୁଭାରମ୍ଭ ହୋଇଛି। ବମିଖାଲସ୍ଥିତ ଇମ୍ପା ଅଫିସ୍ ସାମ୍ନାରେ ଏକ ଉତ୍ତମ ପରିବେଶରେ ଏହି ପିଜ୍ଜା ଆଉଟ୍‌ଲେଟ୍ ଆରମ୍ଭ ହୋଇଛି। ଖାଦ୍ୟ ଏବଂ ମୃଦୁ ପାନୀୟ ଜଳ କ୍ଷେତ୍ରରେ ଦେଶର ଅଗ୍ରଣୀ କମ୍ପାନୀ ଲଜିଜ୍‌ର ସାରା ଦେଶରେ ୩୦୦ରୁ ଊର୍ଦ୍ଧ୍ୱ ପିଜ୍ଜା ଆଉଟ୍‌ଲେଟ୍ ରହିଛି। ବମିଖାଲ ଆଉଟ୍‌ଲେଟ୍‌ର ଫ୍ରାଞ୍ଚାଇଜ୍ ଓନର ଶିବାନନ୍ଦ ପରିଡ଼ା କହିଛନ୍ତି ଯେ, ଗତ କିଛି ବର୍ଷ ହେଲା ଦେଶରେ ଇଟାଲିଆନ୍ ଡିସ୍ ଭାବରେ ପିଜ୍ଜାର ଚାହିଦା ବୃଦ୍ଧି ପାଇଛି। ତେଣୁ ଲଜିଜ୍ ପିଜ୍ଜା ଭଲ ଦରରେ ଲୋକଙ୍କ ଚାହିଦାକୁ ନଜରରେ ରଖି ସେମାନଙ୍କ ଆବଶ୍ୟକତା ପୂରଣ ଦିଗରେ କାର୍ଯ୍ୟ କରୁଛି।

## ୬ ଦିନରେ ତିଆରି ହେଲା ୬ ହଜାର ଶଯ୍ୟା ବିଶିଷ୍ଟ ହସ୍ପିଟାଲ

ବେଜିଂ, ୧୪।୩

ନିର୍ମାଣ କ୍ଷେତ୍ର ହେଉ ଅବା ଟେକ୍ନୋଲୋଜି, ସବୁବେଳେ ଚାଇନାର ନାମ ଆଗରେ ଥାଏ। ମାତ୍ର ୬ ଦିନରେ ୬ ହଜାର ଶଯ୍ୟା ବିଶିଷ୍ଟ ଏକ କୋଭିଡ୍ ହସ୍ପିଟାଲ ତିଆରି କରି ଏବେ ଚର୍ଚ୍ଚାରେ ଚାଇନା। ହସ୍ପିଟାଲ ନିର୍ମାଣର ଭିଡିଓ ସ୍ଥାନୀୟ ଗଣମାଧ୍ୟମ ଏଜେନ୍ସି ଜିନ୍‌ହୁଆରେ ପ୍ରକାଶ ପାଇଛି। କରୋନା ସଂକ୍ରମଣକୁ ନେଇ ଚାଇନା ତଥ୍ୟ ଗୋପନ ରଖୁଥିବାବେଳେ ଦେଶରେ ସଂକ୍ରମଣ ମାମଲା ବଢ଼ିବାରେ ଲାଗିଛି। ଯେଉଁଥି ପାଇଁ ସରକାର ବହୁ ସ୍ଥାନରେ ଲକ୍‌ଡାଉନ୍ ଲାଗୁ କରିବା ସହ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ତିଆରି କରୁଛନ୍ତି। ସ୍ୱାସ୍ଥ୍ୟ ସଚିବ ଜାଙ୍ଗ୍ ୟନ୍‌ଙ୍କ ସୂଚନାକ୍ରମେ ସୋମବାର ଚାଇନାରେ ମୋଟ ୨୩ ହଜାର କରୋନା ମାମଲା ସାମ୍ନାକୁ ଆସିଛି।

# ୟୁକ୍ରେନ୍ ଫେରନ୍ତା ଛାତ୍ରଙ୍କ ଶିକ୍ଷା ସମାପ୍ତି ଲାଗି ପଦକ୍ଷେପ ନିଆଯିବ

ନୂଆଦିଲ୍ଲୀ, ୧୪।୩

ଅପରେଶନ ଗଙ୍ଗା ଅଭିଯାନରେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ଫେରାଇ ଅଣାଯାଇଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମ୍ପୂର୍ଣ୍ଣ କରାଇବା ଦିଗରେ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ନେବେ ବୋଲି ସୋମବାର ଲୋକ ସଭାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅପରେଶନ ଗଙ୍ଗାରେ ୟୁକ୍ରେନରୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଫେରାଇଆଣିବା ୧୩୦ କୋଟି ଭାରତୀୟଙ୍କ ସାମୂହିକ ବିଜ୍ଞତାର ପ୍ରମାଣ ବୋଲି ସେ କହିଥିଲେ।




ଧର୍ମେନ୍ଦ୍ର ପ୍ରଧାନ

ୟୁକ୍ରେନ୍‌ରୁ ଫେରିଥିବା ପିଲାମାନଙ୍କ ଶିକ୍ଷା ସମାପ୍ତି ନିମନ୍ତେ ସରକାର

### ଲୋକ ସଭାରେ ସରକାରଙ୍କ ପ୍ରତିଶ୍ରୁତି

କୌଣସି ନୀତି ଉପରେ କାର୍ଯ୍ୟ କରୁଛନ୍ତି କିମ୍ବା ସେଠାର ପଡୋଶୀ ଦେଶର ବିଶ୍ୱବିଦ୍ୟାଳୟ ସହ କଥାବାର୍ତ୍ତା କରୁଛନ୍ତି କି ବୋଲି କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଧର୍ମେନ୍ଦ୍ର କହିଥିଲେ, ଯେତେବେଳେ ଆମେ ପିଲାମାନଙ୍କୁ ଫେରାଇ ଆଣିଛୁ, ସେମାନଙ୍କ ଭବିଷ୍ୟତ ପାଇଁ ସରକାର ଗୁରୁତ୍ୱର ସହ ଚିନ୍ତା କରୁଛନ୍ତି। ଭବିଷ୍ୟତରେ ସେମାନଙ୍କୁ ଡାକ୍ତର କରିବା ଲାଗି ଯଥାସମ୍ଭବ ବ୍ୟବସ୍ଥା କରାଯିବ ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି।

ୟୁକ୍ରେନ୍ ଫେରନ୍ତା ଛାତ୍ରୀଛାତ୍ରଙ୍କ ମେଡିକାଲ ଶିକ୍ଷା ଭାରତୀୟ ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ କରାଇବା ଲାଗି ସରକାର ନୀତି ନିର୍ଦ୍ଧାରଣ କରିବାକୁ ଶୂନ୍ୟକାଳରେ ବିରୋଧୀ ସଦସ୍ୟ ଦାବି ଉଠାଇଥିଲେ। ଏଥିପାଇଁ ସରକାର ଅଧିକ ମେଡିକାଲ କଲେଜ ଖୋଲିବାକୁ ୱାଇଏସ୍‌ଆର୍‌ସିପି ସଦସ୍ୟ ପି.ଭି. ମିଧୁନ ରେଡ୍ଡୀ ଏବଂ ଏମ୍. ଶ୍ରୀନିବାସୁଲୁ ରେଡ୍ଡୀ ଦାବି କରିଥିଲେ। ସେହିପରି ୟୁକ୍ରେନ୍‌ରୁ ଫେରିଥିବା ପିଲାଙ୍କ ଶିକ୍ଷା ଋଣ ଛାଡ଼ କରିବାକୁ କଂଗ୍ରେସ ସଦସ୍ୟ କୁଡିକୁନିଲ ସୁରେଶ ଦାବି କରିଥିଲେ।

# ମହଙ୍ଗା ହେବ ମ୍ୟାଗି ମୂଲ୍ୟ

ନୂଆଦିଲ୍ଲୀ, ୧୪।୩

ଗତ କିଛି ହେବ ସାରା ଦେଶରେ ଦର ବୃଦ୍ଧି ଚର୍ଚ୍ଚାର ବିଷୟ ପାଲଟିଛି। ନିକଟରେ ଖାଇବାତେଲଠାରୁ ବାଣିଜ୍ୟିକ ଗ୍ୟାସ୍ ପର୍ଯ୍ୟନ୍ତ ସବୁଥିରେ ଦର ବୃଦ୍ଧି ଉପଭୋକ୍ତାଙ୍କ ପକେଟକୁ ହାଲୁକା କରି ଦେଇଛି। ଏହାରି ମଧ୍ୟରେ ପିଲାଙ୍କ ପସନ୍ଦର ଖାଦ୍ୟ ମ୍ୟାଗିର ଦର ବଢ଼ିବ ବୋଲି ଚର୍ଚ୍ଚା ହେଉଛି। ସୋମବାର ଏ ନେଇ ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍ ଏବଂ ନେସ୍‌ଲେ ଇଣ୍ଡିଆ ପକ୍ଷରୁ ମ୍ୟାଗିର ମୂଲ୍ୟ ବଢ଼ାଇବାକୁ ଘୋଷଣା କରିଛନ୍ତି। ସେହିଭଳି ଏକ ଜାତୀୟ ଗଣାମଧ୍ୟମର ରିପୋର୍ଟ ଅନୁସାରେ ଏଚ୍‌ୟୁଏଲ୍ ଏବଂ ନେସ୍‌ଲେର ଚା, କଫି, ଦୁଗ୍ଧ




ଏବଂ ନ୍ୟୁଡଲ୍ସ ଭଳି ପ୍ରମୁଖ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ସମ୍ପର୍କରେ ମଧ୍ୟ ଘୋଷଣା ହୋଇଛି। ସୂଚନାଯୋଗ୍ୟ, ନେସ୍‌ଲେ ଇଣ୍ଡିଆ ପକ୍ଷରୁ ମ୍ୟାଗିର ଦାମ ପ୍ରାୟ ୨ ଟଙ୍କା ବଢ଼ାଯାଇଛି। ନେସ୍‌ଲେ ଇଣ୍ଡିଆର ସୂଚନା ଅନୁସାରେ ଚଳିତ ମାସ ୧୪ ତାରିଖରୁ ମ୍ୟାଗିର ମୂଲ୍ୟ ୯% ରୁ ବଢ଼ି ୧୬% ହେବ ବୋଲି ଜଣାପଡ଼ିଛି। ଏପରିକି ୭୦ଗ୍ରାମ୍‌ର ମ୍ୟାଗି ପ୍ୟାକେଟର ମୂଲ୍ୟ ୧୨ ଟଙ୍କାରୁ ବଢ଼ି ୧୪ ଟଙ୍କା ହେବ। ଅପରପକ୍ଷରେ ୧୪୦ଗ୍ରାମ୍‌ର ମ୍ୟାଗି ପ୍ୟାକେଟ ଉପରେ ୩ ଟଙ୍କା ବୃଦ୍ଧି ଘଟିବ। ସେହିପରି ୫୬୦ଗ୍ରାମ୍ ପ୍ୟାକେଟ ପାଇଁ ୯୬ ଟଙ୍କା ପରିବର୍ତ୍ତେ ୧୦୫ ଟଙ୍କା ଦେବାକୁ ପଡିବ। ନେସ୍‌ଲେ A+ ମିଟର କାର୍ଟୁନର ମୂଲ୍ୟ ୭୫ ଟଙ୍କାରୁ ୪% ବଢ଼ି ୭୮ ଟଙ୍କା ହୋଇଛି। ନେସ୍‌ଲେ କ୍ଲାସିକ୍ କଫି ପାଉଡରର ମୂଲ୍ୟ ୩ରୁ ୭% ବୃଦ୍ଧି ହୋଇଛି। ନେସ୍‌ଲେ କ୍ଲାସିକର ୨୫ଗ୍ରାମ୍ ପ୍ୟାକ୍‌ରେ ୨.୫% ବୃଦ୍ଧି କରାଯାଇଛି।

## ଲୋକ ସଭାରେ ହେମାନନ୍ଦ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି



**ନୂଆଦିଲ୍ଲୀ, ୧୪।୩:** ପୂର୍ବତନ ଏମ୍‌ପି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପରଲୋକରେ ସୋମବାର ଲୋକ ସଭାରେ ଶୋକବ୍ୟକ୍ତ କରାଯାଇଛି। ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରୁ ପଞ୍ଚଦଶ ଲୋକ ସଭାର ସଦସ୍ୟ ଥିବା ହେମାନନ୍ଦଙ୍କର ଗତ ଫେବୃୟାରୀ ୨୫ରେ ୮୨ ବର୍ଷ ବୟସରେ ପରଲୋକ ହୋଇଥିଲା। ସେ ଝାରସୁଗୁଡ଼ା ଜିଲାରୁ ୬ ଥର ବିଧାୟକ ଥିଲେ। ସେ ୧୯୮୯ ଡିସେମ୍ବର ୭ରୁ ୧୯୯୦ ମାର୍ଚ୍ଚ ୫ ଏବଂ ୧୯୯୯ ଡିସେମ୍ବର ୬ରୁ ୨୦୦୦ ମାର୍ଚ୍ଚ ୫ ପର୍ଯ୍ୟନ୍ତ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ବିମାନବନ୍ଦରକୁ କୃପାଣ ନେଇପାରିବେ ଶିଖ୍

ନୂଆଦିଲ୍ଲୀ, ୧୪।୩

ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ନିଯୁକ୍ତ ଶିଖ କର୍ମଚାରୀମାନେ ଏଣିକି ବିମାନବନ୍ଦରକୁ ସାଙ୍ଗରେ କୃପାଣ ନେଇ ଯାଇପାରିବେ। ବେସାମରିକ ବିମାନ ଚଳାଚଳ ସୁରକ୍ଷା ନିୟନ୍ତ୍ରକ ବ୍ୟୁରୋ (ବିସିଏଏସ୍) ଶିଖ୍ କର୍ମଚାରୀମାନଙ୍କୁ ସାଙ୍ଗରେ କୃପାଣ ରଖିବା ପାଇଁ ଅନୁମତି ଦେଇଛନ୍ତି। ଶିଖ୍ କର୍ମଚାରୀ ଭାରତୀୟ ବିମାନବନ୍ଦର ମଧ୍ୟକୁ କୃପାଣ ନେଇ ଯାଇପାରିବେ ନାହିଁ ବୋଲି ଗତ ୪ ତାରିଖରେ ବିସିଏଏସ୍ ନିର୍ଦ୍ଦେଶନାମା ଜାରି କରିବା ପରେ ଏହାକୁ ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସ୍‌ଜିପିସି) ପକ୍ଷରୁ ସମାଲୋଚନା କରାଯାଇଥିଲା। ଫଳରେ ୧୨ ତାରିଖରେ ବିସିଏଏସ୍ ଏହି ପ୍ରତିବନ୍ଧକକୁ ହଟାଇଦେଇଛି।

ମାର୍ଚ୍ଚ ୪ ନିର୍ଦ୍ଦେଶନାମାରେ କେବଳ ଶିଖ୍ ବିମାନଯାତ୍ରୀ ୬ଇଞ୍ଚରୁ କମ୍ ବ୍ଲେଡ୍ ଥିବା ଏବଂ ୯ ଇଞ୍ଚରୁ ଅଧିକ ଲମ୍ବ ହୋଇ ନ ଥିବା କୃପାଣ ନେଇପାରିବେ ବୋଲି କୁହାଯାଇଥିଲା। ଏହା କେବଳ ଭାରତ ମଧ୍ୟରେ ଏବଂ ଭାରତୀୟ ବିମାନରେ ଯାତ୍ରା ବେଳେ ବ୍ୟବହାର ଲାଗି ଅନୁମତି ଦିଆଯାଇଥିଲା। ଶିଖ୍ ବିମାନ କର୍ମଚାରୀ ଓ ଅନ୍ୟ ଷ୍ଟେକ୍ ହୋଲ୍ଡରଙ୍କୁ କୃପାଣ ନେବା ଲାଗି ଅନୁମତି ଦିଆଯାଇ ନ ଥିଲା। ଗତ ୯ ତାରିଖରେ ଏସ୍‌ଜିପିସି ଅଧ୍ୟକ୍ଷ ହରଜିନ୍ଦର ସିଂ ଧାମି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ପତ୍ର ଲେଖି ମାର୍ଚ୍ଚ ୪ ନିର୍ଦ୍ଦେଶନାମା ଶିଖ୍ ଅଧିକାର ଉପରେ ଆକ୍ରମଣ ବୋଲି କହିଥିଲେ। ଫଳରେ ୧୨ ତାରିଖରେ ବିସିଏଏସ୍ ଏହାର ପୂର୍ବ ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରିଛି।

## ସେଓନାଥ ନଦୀଜଳକୁ ଲିଜ୍ ଦିଆଯାଇ ନାହିଁ: କେନ୍ଦ୍ର

ନୂଆଦିଲ୍ଲୀ, ୧୪।୩

ମହାନଦୀର ଉପନଦୀ ସେଓନାଥର ଜଳକୁ ଛତିଶଗଡ଼ ସରକାର ଲିଜ୍‌ରେ ଦେଇ ନ ଥିବା ରାଜ୍ୟ ସଭାରେ ସୋମବାର କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି। ବିଜେଡି ଏମ୍‌ପି ଅମର ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଟୁଡୁ କହିଥିଲେ, ଛତିଶଗଡ଼ରୁ ମିଳିଥିବା ସୂଚନା ଅନୁଯାୟୀ ସେଓନାଥ ନଦୀର ଜଳକୁ ଲିଜ୍‌ରେ ଦିଆଯାଇ ନାହିଁ। ମହାନଦୀର ଉପନଦୀଗୁଡ଼ିକରେ ୯ଟି ପ୍ରକଳ୍ପ କାର୍ଯ୍ୟ ଚାଲିଛି ଓ ସେଗୁଡ଼ିକ ପୂର୍ବରୁ ଜଳସମ୍ପଦ ମନ୍ତ୍ରଣାଳୟର ବୈଷୟିକ ଉପଦେଷ୍ଟା କମିଟି ଏବଂ ଯୋଜନା କମିଶନଙ୍କ ଅନୁମୋଦନ ଲାଭ କରିଛି। ମହାନଦୀ ଅବବାହିକାରେ ଛତିଶଗଡ଼ର ୫ ପ୍ରକଳ୍ପର ପ୍ରାକ୍ ବ୍ୟବହାର୍ଯ୍ୟତା ରିପୋର୍ଟକୁ କେନ୍ଦ୍ରୀୟ ଜଳ ଆୟୋଗ ବୈଷୟିକ-ଅର୍ଥନୈତିକ ମୂଲ୍ୟାୟନ ପାଇଁ ଗ୍ରହଣ କରିଛନ୍ତି। ଅବବାହିକା ମାମଲାରେ ପ୍ରଥମ ଥର ଟ୍ରିବ୍ୟୁନାଲ ଗଠନ କରାଯାଇଥିଲେ, ପ୍ରକଳ୍ପକୁ ଟେକ୍ନୋ-ଇକୋନୋମିକ୍ ମଞ୍ଜୁରୀ ଲାଗି ସମ୍ପୃକ୍ତ ଟ୍ରିବ୍ୟୁନାଲର ସହମତି ଜରୁରୀ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ନିଜ ଦେଶକୁ ନିନ୍ଦା କଲେ ରୁଷୀୟ ପାଇଲଟ୍

ମସ୍କୋ, ୧୪।୩

ୟୁକ୍ରେନ୍ ଉପରେ ଆକ୍ରମଣକୁ ବିରୋଧ କରି ଜଣେ ରୁଷୀୟ ପାଇଲଟ ନିଜ ଦେଶକୁ ନିନ୍ଦା କରିଛନ୍ତି। ୟୁକ୍ରେନ୍ ଯୁଦ୍ଧ ଏକ ଅପରାଧ ବୋଲି ସେ ବିମାନ ଭିତରେ କହୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିମାଟି ଉଡ଼ାଣ ଭରୁଥିବାବେଳେ ପାଇଲଟ୍ ଜଣକ କହିଥିଲେ, 'ଆଣ୍ଟାଲ୍ୟା (ତୁର୍କୀର ଏକ ସହର)କୁ ସମସ୍ତଙ୍କୁ ସ୍ୱାଗତ। ପୋବେଡା (ରୁଷୀୟ ଫ୍ଲାଗ୍ କ୍ୟାରିୟର ଏରୋଫ୍ଲୋଟ୍‌ର ଏକ ସହାୟକ କମ୍ପାନୀ)ରେ ଯାତ୍ରା କରୁଥିବାରୁ ଧନ୍ୟବାଦ। ୟୁକ୍ରେନ୍‌ରେ ଉପରେ ଆକ୍ରମଣ ଏକ ଅପରାଧ। ଏହାକୁ ବୁଝିପାରୁଥିବା ଲୋକେ ହିଁ ତାଙ୍କ କଥାରେ ସହମତ ହୋଇପାରିବେ ଏବଂ ଯୁଦ୍ଧ ରୋକିବାକୁ ପଦକ୍ଷେପ ନେବେ' ବୋଲି ସେ କହିଛନ୍ତି। ଏଥିସହ ତୁରନ୍ତ ଏହି ଯୁଦ୍ଧ ବନ୍ଦ କରାଯିବାକୁ ସେ ଦାବି କରିଛନ୍ତି। ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ସମେତ ୟୁକ୍ରେନ୍‌ର କୂଟନୀତିଜ୍ଞ ଓଲେକ୍ସଜାଣ୍ଡର ଶେର୍‌ବା ପାଇଲଟ୍‌ଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି।

OFFICE OF THE MUNICIPAL COUNCIL
BRAJRAJNAGAR, Dist-Jharsuguda (Odisha)
e-mail-eobrjnmpl@gmail.com
Phone No-06645-242075

PUBLIC NOTICE

Notice-1144, Dt.01.03.2022
No.C-1971: This is information of all concerned that (ODF++) declaration under Swachha Bharat Mission (Urban) Odisha, the Brajrajnagar Municipality has declared the area under the jurisdiction of Administrator, open defecating and urinating there is a fine mechanism and he/she will be fined with an amount of Rs.50/- without any argument.

Yours faithfully
Sd./- Executive Officer, Brajrajnagar Municipality
OIPR-13099/11/0016/2122

OFFICE OF THE EXECUTIVE ENGINEER
CUTTACK (R&B) DIVISION NO.II: CUTTACK
E-Mail I.D.-eepwdcuttack2@gmail.com, Tel./ Fax No.(0671)-2973399
GOVERNMENT OF ODISHA "e" procurement Notice
No.B-1050: e-procurement Notice for Building work
Bid Identification No. E.E. CTC(R&B)-II-35 of 2021-22

1. Name of the work : 01 No. of Building Work
2. Estimated Cost : Rs. 89,40,300/-
3. Period of completion : 4 (Four) calendar Months
4. Date & time of sale & receipt of bid document : From 16.03.2022 to 5 P.M. of 30.03.2022
5. Last date / time of receipt of bids : 5 P.M. of 30.03.2022
6. Date & time of Opening of Bids : 11 A.M. of 31.03.2022
7. Name and address of the Officer Inviting Bid : Executive Engineer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website.

A.K Behera
Executive Engineer, Cuttack (R&B) Division No.II
OIPR-34091/11/0035/2122

OFFICE OF THE DIVISIONAL FOREST OFFICER
No.MM-394: ATHMALLIK DIVISION, AT- ATHMALLIK, ANGUL-759125

| Sl. No. | PARTICULARS | DATE & TIME / DETAILS | LOCATION / DETAILS |
|---|---|---|---|
| 1 | RFP No. & Date | Tender Notice No.01/1F-1792/2022,Dated 14.03.2022 | |
| 2 | Commencement of Download of RFP Document | 14.03.2022, 11.00 A.M. ONWARDS | www.odishaforest.in |
| 3 | Last date of Bid Submission (By messenger / Courier / Post) | 27.03.2022 (Upto 01:00 P.M.) | Office of the Divisional Forest Officer, Athmallik Division, At-Athmallik, Angul-759125 |
| 4 | Date of General and Technical and Financial Bid Opening | 29.03.2022 (11:00 AM) | Office of the Divisional Forest Officer, Athmallik Division, At-Athmallik, Angul-759125 |
| 5 | Contact Address for Queries | Office of the Divisional Forest Officer, Athmallik Division, At-Athmallik, Angul-759125, Email: dfoathmallikt@gmail.com | |
| 6 | Address of Bid Submission | Office of the Divisional Forest Officer, Athmallik Division, At-Athmallik, Angul-759125 | |
| 7 | RPF Document Cost (Non-refundable) | Rs.1,000/- (Rupees One Thousand only) | By Demand Draft issued by a Nationalized or Scheduled bank in favour of "The Divisional Forest Officer, Athmallik Division, "Payable at Athmallik |
| 8 | EMD (Refundable, but non-interest bearing) | Rs.5,000/- (Rupees Five Thousand only) | By Demand Draft issued by a Nationalized or Scheduled bank in favour of "The Divisional Forest Officer, Athmallik Division, "Payable at Athmallik |
| 9 | Bid validity period | 1 Year (Financial Year-2022-23) | |
| 10 | Last Tender document and addendum/ corrigendum, if any, will be published at the website www.odishaforest.in | | |
| 11 | Disclaimer: Notwithstanding anything else contained to the contrary in this tender document, DFO Athmallik reserves the right to cancel / withdraw / modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision | | |
| 12 | In case of any unscheduled holiday or on days of Bandh or natural calamity on the aforesaid dates, the next working day will be treated as scheduled / prescribed date for the same purpose. | | |
| 13 | The Tender Inviting Authority may change the venue of opening the Technical or Financial Bids in case of exigent circumstances like breakdown of communication link or conditions of force majeure. | | |
| 14 | The Tender Inviting Authority reserves the right to defer the date of opening of either Technical or Financial Proposal or both, if required. | | |

Sd./- Divisional Forest Officer, Athmallik Division
OIPR-08125/11/0019/2122

ODISHA LIFT IRRIGATION CORPORATION LTD.
OFFICE OF THE EXECUTIVE ENGINEER, LIFT IRRIGATION DIVISION, SUBARNAPUR
e-mail id- eeolicsnp@gmail.com
'e' Procurement Notice
Bid identification No. OLIC-SNP-05/2021-22, dt 09.03.2022

No.CAD-3169: The Executive Engineer, Lift Irrigation Division, Subarnapur on behalf of OLIC invites Percentage Rate bids in double cover system to be received in Online Mode only for the work Installation and Energisation of New LIPs under different block in Subarnapur District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website www.tendersodisha.gov.in. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State. **1.Name of the Works:- Installation & Energisation of River Lift Irrigation Projects with supply of all materials on Turnkey basis. 2.Total Nos of Package:- 04, 3.Approximate Estimated Cost:-Rs. 50.12 Lakhs to Rs. 55.61 Lakhs, 4. Class of Contractor:- As mentioned against each package, 5. Period of Completion:- 90 Days for all projects from the date of issue of work order. 6. Other details as follows-**

| Procurement Officer | Bid Identification No. | Availability of Tender On-line for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Subarnapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Subarnapur | OLIC-SNP-03/2021-22 | 16.03.2022 at 11.00 Hrs. | 24.03.2022 at 17.00 Hrs. | 23.03.2022 at 17.00 Hrs. | 25.03.2022 at 11.00 Hrs. |

• Details can be seen from the Website www.tenderodisha.gov.in
• Any corrigendum/Addendum will be displayed in the above website only

Executive Engineer, L.I.Division, Subarnapur
OIPR-32316/11/0008/2122

ଉଦ୍ୟାନ ବିଭାଗ ଢେଙ୍କାନାଳ ଫଳ ବଗିଚା ନିଲାମ ଇସ୍ତାହାର

No.L-139: ଚଳିତ ବର୍ଷ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନରେ ଢେଙ୍କାନାଳରେ ଥିବା ସପ୍ତଶଯ୍ୟା ଫାର୍ମ ଓ ନୀଳକଣ୍ଠପୁର (ଭୁବନ)ରେ ଥିବା ନୀଳକଣ୍ଠପୁର ଫାର୍ମରେ ଥିବା ଆମ୍ବ, ନଡିଆ, ବେଲ ଆଦି ଫଳର ନିଲାମ ସୂତ୍ରରେ ବିକ୍ରୟ ନିମନ୍ତେ ଜଉମୁଦଦିଆ ଶର୍ତ୍ତ ଟେଣ୍ଡର ଆହ୍ୱାନ କରାଯାଉଅଛି। ନିଲାମ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଢେଙ୍କାନାଳ ଓ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, କାମାକ୍ଷାନଗରଙ୍କ କାର୍ଯ୍ୟାଳୟରୁ ଟ.୫୦/-ଙ୍କା (ପଚାଶ ଟଙ୍କା) ମାତ୍ର ବିନିମୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ। ଆଗ୍ରହୀ ପ୍ରାର୍ଥୀ ସାଦା କାଗଜରେ ଟେଣ୍ଡର ମୂଲ୍ୟ ସହ ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଆବେଦନ କରିପାରିବେ। ଏଥିସହିତ ଅମାନତ ଜମା ବାବଦକୁ ଟଙ୍କା ନିମ୍ନ ପ୍ରଦତ୍ତ ସାରଣୀ ଅନୁସାରେ ବ୍ୟାଙ୍କ ଡ୍ରାଫ୍ଟ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଢେଙ୍କାନାଳ)ରେ ଉପ ଉଦ୍ୟାନକୃଷି ଢେଙ୍କାନାଳଙ୍କ ନାମରେ ଦାଖଲ କରିବେ। ଏହି ଜଉମୁଦଦିଆ ଟେଣ୍ଡର ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ଆସନ୍ତା ତା.୨୧.୦୩.୨୦୨୨ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଡାକ ମାଧ୍ୟମରେ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ଦ୍ୱାରା ପଠେଇବେ। ପ୍ରକାଶଥାଉକି, ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ବ୍ୟତୀତ ଏହି କାର୍ଯ୍ୟାଳୟରେ କୌଣସି ଆବେଦକଙ୍କଠାରୁ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ନିମ୍ନରେ ଦିଆ ଯାଇଥିବା ଦିନ ଓ ସମୟରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ।
ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।

| କ୍ର.ନଂ. | ଫାର୍ମର ନାମ ଓ ଠିକଣା | ଫଳର ନାମ | ଆବେଦନ ଦରଖାସ୍ତ ସହିତ ଅମାନତ ରାଶି (ଟଙ୍କା) | ଟେଣ୍ଡର ଖୋଲିବା ତାରିଖ ଓ ସ୍ଥାନ |
|---|---|---|---|---|
| ୧ | ସପ୍ତଶଯ୍ୟା ଫାର୍ମ, ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ନିଲାମ ରାଶିର ଶତକଡା ୧୦% | ୨୨.୦୩.୨୦୨୨ ଅପରାହ୍ନ ୩.୦୦ ଘଟିକା ଉଦ୍ୟାନ ଉପ ନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |
| ୨ | ନୀଳକଣ୍ଠପୁର ଫାର୍ମ | ଆମ୍ବ | | |

ବି.ଦ୍ର.- ଏତଦ୍ୱାରା ସମସ୍ତ ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି ସେମାନେ ସମ୍ପୃକ୍ତ ଫାର୍ମ ପରିଚାଳକଙ୍କ ଅନୁମତି ନେଇ ସକାଳ ଘ.୧୦.୦୦ ରୁ ଅପରାହ୍ନ ଘ.୪.୦୦ ସୁଦ୍ଧା ୨୧.୦୩.୨୦୨୨ ପର୍ଯ୍ୟନ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ।

ଟେଣ୍ଡର ଖୋଲାହେବା ଦିନ ଓ ସମୟ
ତା.୨୨.୦୩.୨୦୨୨ ରିଖ ଅପରାହ୍ନ ୩.୦୦ ଘଟିକା
ସ୍ଥାନ-ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

ସ୍ୱା./-ଗୀତାଶ୍ରୀ ପାଢୀ
ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଢେଙ୍କାନାଳ
OIPR-01067/11/0001/2122

NATIONAL HYDROLOGY PROJECT
STATE PROJECT MANAGEMENT UNIT (SPMU), ODISHA
HP Administrative Building, Unit-VIII, Delta Square, Bhubaneswar-751012, email: odishagwhp3@gmail.com
NATIONAL COMPETITIVE BIDDING
INVITATION FOR BIDS (IFB)
PP No. - NHP-2021-2022-OD-274465 PIP Code-4.3.2.01
BID Reference No.: ODISHA/NHP/SHDC/IFB-12/ 2021-22 Dated.14th Mar 2022

No.A-884: The Chief Engineer & Director, Ground Water Development and Nodal Officer, NHP-Odisha invites tenders through e-Procurement platform online from eligible bidders for the work: - "**Renovation and furnishing of State Hydrological Data Centre (SHDC), Odisha**" (Under NCB). Bidding documents are available online on **www.tendersodisha.gov.in** which is free of cost. Bidders are advised to participate in the bidding process as per instructions given in bidding document.

| | | |
|---|---|---|
| 1 | Start date of availability of Bid document (for downloading from e-Procurement portal) | 16/03/2022 11:00 Hrs. |
| 2 | Last Date of availability of Did document (for downloading from e-Procurement portal) | 18/04/2022 14:00 Hrs. |
| 3 | Date for Pre-bid Meeting | 31/03/2022 11:30 Hrs. |
| 4 | Start Date of online Bid submission | 08/04/2022 11:00 Hrs. |
| | Last date of online Bid submission | 18/04/2022 14:00 Hrs. |
| | Time & Date of opening of bids in the portal (technical part) | 18/04/2022 15:00 Hrs. |

Further Details can be seen from e-Procurement portal https://tendersodisha.gov.in
Sd./- CED,GWD & Nodal Officer, NHP, Odisha
OIPR-32407/11/0015/2122



ଶ୍ରୀଲଙ୍କା ବିପକ୍ଷରେ ୨-୦ରେ ଟେଷ୍ଟ ସିରିଜ ବିଜୟୀ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# ଭାରତ ସିରିଜ ବିଜୟୀ

- ତିନି ଦିନରେ ଖେଳ ଶେଷ
- ଦିବାରାତ୍ର ଟେଷ୍ଟରେ ଶ୍ରୀଲଙ୍କା ୨୩୮ ରନରେ ପରାସ୍ତ
- ଶ୍ରେୟାସ ଆୟାର ପ୍ଲେୟର ଅଫ୍ ଦି ମ୍ୟାଚ
- ରିଷଭ ପନ୍ତ ପ୍ଲେୟର ଅଫ୍ ଦି ସିରିଜ

**ବେଙ୍ଗାଲୁରୁ, ୧୪।୩**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ (ଦିବାରାତ୍ର) କ୍ରିକେଟ ଟେଷ୍ଟରେ ଭାରତ ୨୩୮ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଏଥିସହ ଭାରତ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୦ରେ କ୍ଲିନ୍ ସୁଇପ୍ କରିଛି। ଏଠାରେ ଭାରତ ପ୍ରଥମ ଇନିଂସରେ ୨୫୨ ରନ କରିଥିବାବେଳେ ଶ୍ରୀଲଙ୍କା ପ୍ରଥମ ଇନିଂସ ୧୦୯ରେ ସୀମିତ ରହିଥିଲା। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୩୦୩/୯ରେ ଘୋଷଣା କରିବାରୁ ଶ୍ରୀଲଙ୍କା ସମ୍ମୁଖରେ ୪୪୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଅଧିନାୟକ ଦିମୁଥ କରୁଣାରତ୍ନେଙ୍କ ଶତକ ସତ୍ତ୍ୱେ ଭ୍ରମଣକାରୀ ଦଳ ୫୯.୩ ଓଭରରେ ୨୦୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ସୋମବାର ତୃତୀୟ ଦିବସରେ ଖେଳ ଶେଷ ହୋଇଯାଇଥିଲା। ଭାରତୀୟ ବ୍ୟାଟର ଶ୍ରେୟାସ ଆୟାର ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଉଇକେଟ କିପର ରିଷଭ ପନ୍ତ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଛନ୍ତି। ଏହି ମ୍ୟାଚରୁ ଭାରତ ୧୨ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ପାଇଛି।

**ଭାରତର ୨୦୨୧/୨୨ ଘରୋଇ ସିଜନ**
ଟେଷ୍ଟ ୪: ବିଜୟ-୩, ଡ୍ର-୧
ଦିନିକିଆ ୩: ବିଜୟ ୩
ଟି୨୦ ୯: ବିଜୟ ୯

**କରୁଣାରତ୍ନେଙ୍କ ଶତକ**

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୮/୧ରୁ ଖେଳ ଆରମ୍ଭ କରିଥିବା ଶ୍ରୀଲଙ୍କା ତୃତୀୟ ଦିବସରେ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲା। କରୁଣାରତ୍ନେ ଓ କୁସାଲ ମେଣ୍ଡିସ ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରି ୯୭ ରନ ଯୋଗ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ଶ୍ରୀଲଙ୍କା ଇନିଂସ ଭୁଶୁଡ଼ି ପଡ଼ିଥିଲା। କୁସାଲ ୬୦ ବଲ୍‌ରୁ ୮ ଚୌକା ସହାୟତାରେ ୫୪ ରନ କରି ଆଉଟ ହୋଇଥିବାବେଳେ କଷ୍ଟସାଧ ପିଚ୍‌ରେ ଶତକ ହାସଲ କରିଥିଲେ କରୁଣାରତ୍ନେ। ସେ ୧୭୪ଟି ବଲ୍ ଖେଳି ୧୫ ଚୌକା ସହାୟତାରେ ୧୦୭ ରନ କରିଥିବାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ କ୍ଲିନ୍‌ବୋଲ୍ଡ ହୋଇଯାଇଥିଲେ। ଅନ୍ୟ କୌଣସି ଶ୍ରୀଲଙ୍କା ବ୍ୟାଟର ଭାରତୀୟ ବୋଲରଙ୍କୁ ଉଚିତ ଭାବେ ସାମ୍ନା କରିପାରି ନ ଥିଲେ। ଘରୋଇ ଦଳର ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୪ଟି, ବୁମ୍‌ରା-୩ଟି, ଅକ୍ଷର ପଟେଲ ୨ଟି ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ନେଇଥିଲେ। ଏହି ମ୍ୟାଚ ପରେ ଅଶ୍ୱିନଙ୍କ ଟେଷ୍ଟ ଉଇକେଟ ସଂଖ୍ୟା ୪୪୨ରେ ପହଞ୍ଚିଛି ଏବଂ ସେ ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେଇନ୍ (୪୩୯)ଙ୍କୁ ପଛରେ ପକାଇ ସର୍ବାଧିକ ଟେଷ୍ଟ ଉଇକେଟ ହାସଲକାରୀ ତାଲିକାର ୮ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

ଏଠାରେ ବିଜୟ ସହ ଭାରତ ୨୦୨୧/୨୨ ଘରୋଇ ସିଜନରେ ଅପରାଜେୟ ରହିଛି। ଭାରତ ୪ଟି ଟେଷ୍ଟ ଖେଳିଥିବାବେଳେ ୩ଟି ଜିତିଛି ଏବଂ ଗୋଟିଏ ଡ୍ର ରଖିଛି। ସେହିପରି ୩ଟି ଦିନିକିଆ ଓ ୯ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସବୁଥିରେ ବିଜୟ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୫୨। ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୦୯। ଭାରତ ଦ୍ୱିତୀୟ ଇନିଂସ: ୩୦୩/୯ (ଘୋଷଣା)। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୦୮/ଅଲ୍‌ଆଉଟ (ଦିମୁଥ କରୁଣାରତ୍ନେ-୧୦୭, କୁସାଲ ମେଣ୍ଡିସ-୫୪, ରବିଚନ୍ଦ୍ରନ ଅଶ୍ୱିନ-୪/୫୫, ଯଶପ୍ରୀତ୍ ବୁମ୍‌ରା-୩/୨୩, ଅକ୍ଷର ପଟେଲ-୨/୩୭, ରବୀନ୍ଦ୍ର ଜାଡେଜା-୧/୪୮)।

## ପାକିସ୍ତାନ ୧୪୮ରେ ଅଲ୍‌ଆଉଟ

**କରାଚୀ, ୧୪।୩:** ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ମାତ୍ର ୧୪୮ ରନ୍‌ରେ ଅଲ୍‌ଆଉଟ ହୋଇଛି। ୫୫୬/୯ରେ ପ୍ରଥମ ଇନିଂସ ଘୋଷଣା କରିଥିବା ଅଷ୍ଟ୍ରେଲିଆ କିନ୍ତୁ ଫଲୋଅନ୍ ନ ଡାକି ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଛି। ସୋମବାର ତୃତୀୟ ଦିବସ ଶେଷ ସୁଦ୍ଧା ଦଳ ୧ ଉଇକେଟ ହରାଇ ୮୧ ରନ୍ କରିଛି। ଫଳରେ ୯ ଉଇକେଟ ସୁରକ୍ଷିତ ଥାଇ ଅଷ୍ଟ୍ରେଲିଆ ୪୮୯ ରନ୍‌ରେ ବୃହତ୍ ଅଗ୍ରଣୀଲାଭ କରିଛି। ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୫୦୫/୮ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଆଉ ୫୧ ରନ୍ ଯୋଗକରି ଇନିଂସ ଘୋଷଣା କରିଥିଲା। ପରେ ପାକିସ୍ତାନ ପ୍ରଥମ ଇନିଂସକୁ ୧୪୮ ରନ୍‌ରେ ସୀମିତ ରଖି ଦେଇଥିଲା। ପାକିସ୍ତାନ ପକ୍ଷରୁ ଅଧିନାୟକ ବାବର ଆଜମ ସର୍ବାଧିକ ୩୬ ରନ୍ କରିଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୩ଟି, ମିଚେଲ ସ୍ୱେପସନ ୨ଟି ଉଇକେଟ ନେଇଥିଲେ। ପ୍ରକାଶଯୋଗ୍ୟ, ୧୯୯୮ ପରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ପାକିସ୍ତାନ ଗସ୍ତ କରିଛି।

## କ୍ୟାମ୍ପ ପାଇଁ ପ୍ୟାରୀ, ମନୀଷା ମନୋନୀତ

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** ଏଏଫ୍‌ସି ମହିଳା ଏସିଆ କପ୍ ଖେଳିବାର ୨ ମାସ ବ୍ରେକ୍ ପରେ ଭାରତୀୟ ମହିଳା ଫୁଟବଲ ଦଳ ଚଳିତ ମାସ ୨୮ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଗୋଆରେ ଟ୍ରେନିଂ କ୍ୟାମ୍ପ ହେବାକୁ ଯାଉଛି। ଏଥିପାଇଁ ଘୋଷିତ ସମ୍ଭାବ୍ୟ ଦଳରେ ଓଡ଼ିଶାର ମନୀଷା ପାନ୍ନା ଓ ପ୍ୟାରୀ ଖାଖା ସ୍ଥାନ ପାଇଛନ୍ତି। ସାଫ୍ ମହିଳା ଚାମ୍ପିୟନଶିପ୍‌ପରେ ୧୮ ବର୍ଷରୁ କମ୍ ଦଳ ଦାୟିତ୍ୱରେ ଥିବା ମୁଖ୍ୟ କୋଚ୍ ଥୋମାସ ଡେନର୍ବି ସିନିୟର ଦଳର ଚାର୍ଜ ନେବାପରେ ଏହି କ୍ୟାମ୍ପ ଆୟୋଜନ କରାଯାଉଛି। "କ୍ୟାମ୍ପକୁ ଆସିବା ପୂର୍ବରୁ ଖେଳାଳି ଓ କୋଚ୍‌ମାନେ କିଛିଦିନ ବ୍ରେକ୍ ନେବା ବହୁତ ଭଲ କଥା। ଏବେ ସମସ୍ତେ ସତେଜ ମନ ସହିତ ନୂଆ ଚ୍ୟାଲେଞ୍ଜ ନେବାକୁ ପ୍ରସ୍ତୁତ" ବୋଲି ଡେନର୍ବି ପ୍ରକାଶ କରିଛନ୍ତି।

# ଯୋଗା ବୋନିଟୋକୁ ଜାତୀୟ ଯୋଗ୍ୟତା

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି):** ବିଶ୍ୱସ୍ତରରେ ପ୍ରତିଷ୍ଠିତ ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍ ଫୁଟବଲ ଟୁର୍ନାମେଣ୍ଟର ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟ କିମ୍ସ ପଡ଼ିଆରେ ଗତ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସହର ଯୋଗ୍ୟତା ପର୍ଯ୍ୟାୟ (ଫାଇଭ୍-ଏ- ସାଇଡ୍)ରେ ମୋଟ ୬୧ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଯୋଗା ବୋନିଟୋ ୧-୦ ଗୋଲରେ ନଟ୍ ୟେଟ୍‌କୁ ହରାଇ ଜାତୀୟ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଗତ ୧୨ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱର ସମେତ ଇନ୍ଦୋର, ଜୟପୁର, ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିମାପୁର, ମୁମ୍ବାଇ, ହାଇଦ୍ରାବାଦ, ଲକ୍ଷ୍ନୌ, ଦିଲ୍ଲୀ, ଗୁଆହାଟୀ, ଜଳନ୍ଧର, ପୁଣେ, କୋଚିନ, କୋଲ୍‌କାତା, ଚଣ୍ଡିଗଡ଼, ଗୋଆ ଓ ଶିଲଂ ଆଦି ୧୯ଟି ସହରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସ୍ଥାନରେ ହେବାକୁଥିବା ପ୍ରତିଯୋଗିତାର ବିଜେତା ଆସନ୍ତା ମେ' ମାସରେ ହେବାକୁଥିବା ଜାତୀୟ ଫାଇନାଲରେ ସେମାନଙ୍କ ସହର ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଜାତୀୟ ବିଜେତା ଦଳ ପ୍ରଥମଥର ପାଇଁ କାତାରରେ ହେବାକୁଥିବା ବିଶ୍ୱ ଫାଇନାଲରେ ଭାଗନେବ। କାତାର ଟୁର୍ନାମେଣ୍ଟ ଅବସରରେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସୁପରଷ୍ଟାର ଫୁଟ୍‌ବଲ ତାରକା ବ୍ରାଜିଲର ନେମାର ଜୁନିୟରଙ୍କୁ ଭେଟିବାର ସୁଯୋଗ ପାଇବେ। ୨୦୨୧ରେ ବାତିଲ ହୋଇଥିବା ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଥିବା ଦଳଗୁଡ଼ିକ ମଧ୍ୟ କାତାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱର ପର୍ଯ୍ୟାୟର ଚାମ୍ପିୟନ ଯୋଗା ବୋନିଟୋ ଦଳର ସଦସ୍ୟମାନେ ହେଲେ ହୃଦୟନାଥ ସର୍ଦ୍ଦାର, କୁନାଲ ଗୁସେନ, ସୌମ୍ୟରଞ୍ଜନ ରାଉତ, ସାର୍ଥକ ପ୍ରଭାକର, ଗୌରବ ନେଗି, ସୌରଭ ବିର୍ଡି ଓ ସାଇ ପ୍ରସାଦ। ପ୍ରକାଶଯୋଗ୍ୟ, ନେମାର ପ୍ୟାରିସ୍ ସେଣ୍ଟ-ଜର୍ମେନର ଲିଗ୍ ୧ ଓ ଚାମ୍ପିୟନ୍ସ ଲିଗ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବର୍ଷ ଶେଷଭାଗରେ ସେ ଫିଫା ବିଶ୍ୱକପ୍‌ରେ ବ୍ରାଜିଲ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଚଳିତ ବର୍ଷ ସମଗ୍ର ବିଶ୍ୱରୁ ଯୋଗ୍ୟତା ଅର୍ଜନ କରିଆସୁଥିବା ଦଳଗୁଡ଼ିକ ବିପକ୍ଷରେ ସେ ଖେଳିବା ପାଇଁ ବ୍ୟଗ୍ର ବୋଲି ନେମାର ପ୍ରକାଶ କରିଛନ୍ତି। କାରଣ ବିଭିନ୍ନ ଦଳର କୌଶଳ ତାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ ବୋଲି ୩୦ ବର୍ଷୀୟ ନେମାର କହିଛନ୍ତି।

**ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍**



ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପାଇଥିବା ଯୋଗା ବୋନିଟୋ ଦଳ।

# ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ





କର୍ମକର୍ତ୍ତାଙ୍କ ଗହଣରେ ଅଂଶଗ୍ରହଣକାରୀ ୬ ଦଳର ଅଧିନାୟିକା ଓ ଖେଳାଳି।

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି):** ସିଟି କ୍ଲବ ଏବଂ କିଟ୍‌ର ମିଳିତ ଆନୁକୂଲ୍ୟରେ ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ରାଜ୍ୟର ୬ଟି ଦଳକୁ ନେଇ ହେବାକୁ ଯାଉଥିବା ପ୍ରତିଯୋଗିତାର ମ୍ୟାଚଗୁଡ଼ିକ କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଖେଳାଯିବ। ଭାଗ ନେବାକୁ ଯାଉଥିବା ୬ଟି ଦଳ ହେଲେ ଓଡ଼ିଶା ପୋଲିସ, ବିଡାନାସୀ ଏଫ୍‌ସି, ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ, ନୀତା ଅମ୍ବାନୀ ଫୁଟବଲ ଏକାଡେମୀ, କିଟ୍ ଓ ମନୋରମା କ୍ଲବ ଦେବଗଡ଼। ୬ ଦଳର ଅଧିନାୟିକା ଓ କର୍ମକର୍ତ୍ତାଙ୍କ ଗହଣରେ ସୋମବାର ପ୍ରତିଯୋଗିତାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦,୦୦୦ ଓ ରନର୍ସଅପ୍‌କୁ ୧୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ୨୦ ତାରିଖରେ ହେବାକୁଥିବା ଫାଇନାଲ ଅବସରରେ ଭାରତର ପୂର୍ବତନ ମହିଳା ଫୁଟବଲ ଅଧିନାୟିକା ବେମ୍‌ବେମ୍ ଦେବୀ ଉପସ୍ଥିତ ରହିବେ ବୋଲି ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତ ପ୍ରକାଶ କରିଛନ୍ତି। ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା ତଥା ରାଜ୍ୟର ପ୍ରତିଷ୍ଠିତ ଖେଳାଳି ଓ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ଏକ କମିଟି ଗଠନ କରାଯାଇଛି। ଗଗନେନ୍ଦୁ ଦାଶ ଏହି କମିଟିର ଅଧ୍ୟକ୍ଷ ଥିବାବେଳେ ସୌର୍ଯ୍ୟରଞ୍ଜନ ପରିଜା, ପ୍ରଦୀପ କୁମାର ରାଉତରାୟ, ଦିଲୀପ ଦାସ, ସହଦେବ ରାଉତ, ମହମ୍ମଦ ସହିଦ ଜବାର, ଭାଗ୍ୟଧର ଜଗଦେବ, ରଶ୍ମିତା ମହାନ୍ତି ପ୍ରମୁଖ ସଦସ୍ୟ ଅଛନ୍ତି।

## ଆଜିଠୁ ଟୁଇନ ସିଟି ୨୩ ବର୍ଷରୁ କମ୍ କ୍ରିକେଟ

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ାପ୍ରତିନିଧି):** ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଟୁଇନ ସିଟି ୨୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଏହି ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟର ପ୍ରତିଷ୍ଠିତ ୮ କ୍ଲବ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ପ୍ରଗତି ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ, ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଜାଗୃତି କ୍ରିକେଟ ଏକାଡେମୀ, ଜୟଦେବ କଲେଜ, ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ, ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ୟୁନିୟନ ସ୍ପୋର୍ଟିଂ। ମ୍ୟାଚ୍‌ଗୁଡ଼ିକ ୩୦ ଓଭରବିଶିଷ୍ଟ ହେବ ଏବଂ ରେଡ୍ ବଲ୍‌ରେ ଖେଳାଯିବ। ପ୍ରଗତି ଓ ଜାଗୃତି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ୧୫ରୁ ୧୮ ପର୍ଯ୍ୟନ୍ତ ୪ଟି ଲିଗ୍ ମ୍ୟାଚ୍ ପରେ ୨୦ ଓ ୨୧ ତାରିଖରେ ସେମିଫାଇନାଲ ଖେଳାଯିବ। ୨୬ରେ ଏକ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଏବଂ ୨୭ରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରାଯାଇଛି।

# ନନ୍ଦନକାନନ ବୁଲ୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)**

ଖୋର୍ଦ୍ଧା ଜିଲା ବଧିର ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଏୟାରପୋର୍ଟ ଖେଳପଡ଼ିଆରେ ୪ର୍ଥ ରାଜ୍ୟ ବଧିର ଟି୧୦ କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଶହୀଦ ଡ୍ରାଗନ୍ସକୁ ୧୪ ରନ୍‌ରେ ହରାଇ ନନ୍ଦନକାନନ ବୁଲ୍ସ ଚାମ୍ପିୟନ ହୋଇଥିଲା। ୮ଟି ଦଳକୁ ନେଇ ଗତ ୧୨ ଓ ୧୩ରେ ପ୍ରତିଯୋଗିତା ହୋଇଥିଲା। ଚାମ୍ପିୟନ୍ ଓ ରନର୍ସଅପ୍ ଦଳ ବ୍ୟତୀତ ଏଥିରେ ସିଆର୍‌ପି ପାଇରେଟ୍ସ, ଧଉଳି ଏକ୍ସପ୍ରେସ, ଖଣ୍ଡଗିରି ଲାୟନ୍ସ, ଏୟାରପୋର୍ଟ ରୟାଲ୍ସ, ରସୁଲଗଡ଼ ଏଲିଫ୍ୟାଣ୍ଟ୍ସ ଓ ଲିଙ୍ଗରାଜ ୱାରିୟର୍ସ ଭାଗ ନେଇଥିଲେ। ପ୍ରଦର୍ଶନ ଭିତ୍ତିରେ ରାଜ୍ୟ ପ୍ରତିଯୋଗିତାରୁ ମନୋନୀତ ଖେଳାଳିମାନେ ମୁମ୍ବାଇରେ ହେବାକୁଥିବା ଜାତୀୟ ବଧିର କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଖୋର୍ଦ୍ଧା ଜିଲା ବଧିର ସଂଘ ସଭାପତି ନିରଞ୍ଜନ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରତିଷ୍ଠିତ ଚେସ୍ କୋଚ୍ ତଥା ଏସ୍‌ଆର୍ ଚେସ୍ ଏକାଡେମୀର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ସହ ୧୬,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବଧିର ସଂଘ ସଭାପତି ଶିବନାରାୟଣ ବହିଦାର, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ହୋତା, ପରିଚାଳନା ସମ୍ପାଦକ ରାଜେଶ କୁମାର ସାହୁ, ଯୋଗେଶ କୁମାର ବହିଦାର ଓ ପ୍ରମୋଦ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ବଧିର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ**





ପୁରସ୍କାର ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ନନ୍ଦନକାନନ ବୁଲ୍ସ ଦଳର ଖେଳାଳି।

## ଅନ୍ତର୍ଜାତୀୟ କବାଡ଼ି ଖେଳାଳିଙ୍କୁ ଗୁଳିକରି ହତ୍ୟା

**ଚଣ୍ଡିଗଡ଼, ୧୪।୩:** ଅନ୍ତର୍ଜାତୀୟ କବାଡ଼ି ଖେଳାଳି ସନ୍ଦୀପ ନାଗଲଙ୍କୁ ସୋମବାର ସନ୍ଧ୍ୟାରେ ୪ ଆତତାୟୀ ପଞ୍ଜାବର ଜଳନ୍ଧର ଜିଲାରେ ଗୁଳିକରି ହତ୍ୟା କରିଛନ୍ତି। ଶାହକୋଟର ମାଲିଆନ କଲନ ଗ୍ରାମରେ ଏକ କବାଡ଼ି ଟୁର୍ନାମେଣ୍ଟ ଚାଲିଥିବାବେଳେ ଏହି ହତ୍ୟାକାଣ୍ଡ ଘଟିଛି। ମ୍ୟାଚ ଚାଲିଥିବାବେଳେ ୪ ଜଣ ବ୍ୟକ୍ତି ଏକ କାର୍‌ରେ ଆସି ସନ୍ଦୀପଙ୍କ ଉପରକୁ ଗୁଳି ଚଳାଇଥିଲେ। ୪୦ ବର୍ଷୀୟ ସନ୍ଦୀପ ନିଜ ପରିବାର ସହିତ ଇଂଲଣ୍ଡରେ ରହୁଥିଲେ ହେଁ ପଞ୍ଜାବରେ କବାଡ଼ି ଟୁର୍ନାମେଣ୍ଟ ସମୟରେ ତାଙ୍କ ସହାୟତା ନିଆ ଯାଇଥାଏ। ସନ୍ଦୀପଙ୍କ ଉପରକୁ ଗୁଳି ଚାଳନା ହେବାପରେ ତାଙ୍କୁ ସଙ୍ଗେସଙ୍ଗେ ଡାକ୍ତରଖାନା ନିଆ ଯାଇଥିଲା, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତଦନ୍ତ ଚାଲିଛି, ପୋଷ୍ଟମର୍ଟମ ରିପୋର୍ଟ ଆସିବାପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଜଳନ୍ଧର ପୋଲିସ ଏସଏସପି ସତୀନ୍ଦର ସିଂ ପ୍ରକାଶ କରିଛନ୍ତି।

**CLASSIFIED DISPLAY**
MORE SPACE • SAME PRICE
ALL EDITION - B/W (Everyday)
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କେଟିଂ, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
9471160476
Whatsapp: 8902923601

**LOAN**
Group, Personal,
Property, Business
ଇତ୍ୟାଦି ସମସ୍ତ ପ୍ରକାର
Loan
ପାଇ ପାରିବେ।
ସୁଧ 1%
NO ADVANCED PAYMENTS
Bhubaneswar
8338006745

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ଂନଳିନୀ ପ୍ରଭା ଦାସ
ସାଇଲୋ, ରାହାମା, ଜଗତ୍‌ସିଂହପୁର
ଜନ୍ମ- ତା୦୩।୧୦।୧୯୬୧ରିଖ
ତିରୋଧାନ- ତା୦୫।୦୩।୨୦୨୨ରିଖ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ: ସ୍ୱାମୀ: ବିଭୂତି ଭୂଷଣ ପରିଜା, ପୁତ୍ର: ଫଣିଭୂଷଣ ପରିଜା, ପୁତ୍ରବଧୂ: ଲିପ୍‌ସିତା, ଜାମାତା: ଦେବାଶିଷ, କନ୍ୟା: ସାଇପଦ୍ମା, ବନ୍ଧୁ: ଅଜୟ କୁମାର ମହାନ୍ତି, ରେଣୁବାଳା, ବାପୁ, ପପୁ, ତାପସ, ଗେହ୍ଲି, ରମେଶ ଚନ୍ଦ୍ର ମହାପାତ୍ର, ନମିତା ବାଳା, ଶ୍ୱେତପଦ୍ମା, ସାରସ୍ୱତ, ଶ୍ରଦ୍ଧାକାନ୍ତ, ପଦ୍ମଲୋଚନ, ସଂଜୀବ, ସିବୁନା, ବୁଲୁ, ହାପି, ମଣ୍ଟୁ, ବବି, ଅମିୟ କୁମାର ଜେନା ଇତ୍ୟାଦି।
ଧ-୨୩୪୦୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ଂପଣ୍ଡିତ ଜ୍ୟୋତିର୍ବିଦ୍ ଭାଗୀରଥି ରଥ
(ଖଣ୍ଡପଡ଼ା)
୪୭ ଶାସ୍ତ୍ରୀନଗର ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ: ୧୯୩୦ (May)
ତିରୋଧାନ: ୦୧।୦୩।୧୯୯୬ (ଦ୍ୱାଦଶୀ)
ନନା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ: ଜୟନ୍ତ, ପ୍ରଶାନ୍ତ, ଝିଅ, ଜ୍ୱାଇଁ, ବୋହୂ, ନାତି, ନାତୁଣୀ।
ଧ-୨୩୪୦୮

**୨୦ତମ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତା କ୍ଷେତ୍ରମଣୀ ପଟ୍ଟନାୟକ
ଆବିର୍ଭାବ: ୧୩।୧୦।୧୯୩୨
ତିରୋଧାନ: ୨୬।୦୩।୨୦୦୨
ଚାହୁଁ ଚାହୁଁ ବିତିଗଲା ୨୦ବରଷ
ଦେଖିବାକୁ ମିଳୁନାହିଁ ବୋଉଲୋ ତୋ ହସ,
ପରକରି ଚାଲିଗଲୁ କେଉଁ ଦୁନିଆକୁ
ଆତ୍ମା ଆମ ଖୋଜୁଅଛି ତୋ ସ୍ନେହ ପ୍ରେମକୁ।
ଶାନ୍ତି ପାଉ ଆତ୍ମା ତୋର ପାଉ ଦିବ୍ୟ ସ୍ୱର୍ଗ
କିଛି ଲୋଡ଼ା ନାହିଁ ଦିଅ ଆମକୁ ଆଶିଷ।
-:ବୋଉ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୨୩୩୮୧





# ରଙ୍ଗ ଖେଳ

**ଗୋଟିଏ ପଟେ ବସନ୍ତର ପରଶ ତ ଅନ୍ୟପଟେ ରଙ୍ଗର ପସରା। ସେଥିପାଇଁ ତ ହୋଲି ଖେଳର ମଜା ନିଆରା। ରଙ୍ଗର ଏଇ ଖେଳରେ ଥାଏ ଭଲପାଇବାର ଭାବ ଆଉ ପରକୁ ଆପଣା କରିବାର ସୁଯୋଗ। ହେଲେ କରୋନା ପାଇଁ ଏଥର ବି ସର୍ବସାଧାରଣରେ ଖେଳର ମଜା ନେବାରେ ଲାଗିଛି କିଛିଟା କଟକଣା। ତେଣୁ ସୁରକ୍ଷାର ସହ ହୋଲିର ମଜା ନେବା ପାଇଁ କ'ଣସବୁ କରିବାକୁ ହେବ, ସେନେଇ ଆଗୁଆ ପ୍ରସ୍ତୁତିରେ ବ୍ୟସ୍ତ ରହିଥା'ନ୍ତି ଗୃହିଣୀ...**

ପରଆପଣାର ଭାବକୁ ଦୂରେଇ ସମସ୍ତଙ୍କୁ ଏକାଠି କରିବାର ଏକ ସୁଯୋଗ ଆଣିଥାଏ ହୋଲି। ତେଣୁ ସମ୍ପର୍କର ସେତୁକୁ ମଜଭୁତ କରିବା ପାଇଁ ହୋଲିରେ ରଙ୍ଗ ଖେଳର ଯଥେଷ୍ଟ ଗୁରୁତ୍ୱ ରହିଛି। ସେଥିପାଇଁ ତ ପିଲାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ ରହିଥା'ନ୍ତି। କିନ୍ତୁ ସମସ୍ତଙ୍କ ପାଇଁ ପ୍ରସ୍ତୁତି କରିବା ଦାୟିତ୍ୱ ଥାଏ ଗୃହିଣୀମାନଙ୍କର। କିଏ କେମିତି ପୋଷାକ ପିନ୍ଧିବେ, କ'ଣ ଖାଇବେ ଆଉ ରଙ୍ଗ ଲାଗି ଯେପରି ଆଖି, ତ୍ୱଚା କିମ୍ବା କେଶ ଖରାପ ନ ହୁଏ, ସେଥିପାଇଁ ମଧ୍ୟ ସତର୍କ ରହିବାକୁ ହୋଇଥାଏ।

**ତ୍ୱଚାର ସୁରକ୍ଷା ପାଇଁ:** ହୋଲିରେ ରଙ୍ଗ ଲାଗି ଯେପରି ତ୍ୱଚା ଖରାପ ନ ହେବ, ସେଥିପାଇଁ ସବୁଠୁ ଅଧିକ ସତର୍କତା ଆବଶ୍ୟକ। ତେଣୁ ଏ ଦୃଷ୍ଟିରୁ ପ୍ରସ୍ତୁତି କରିବା ପରେ ହିଁ ହୋଲି ଖେଳିବାକୁ ଯାଆନ୍ତୁ। ହୋଲିରେ କେବଳ ଅର୍ଗାନିକ୍ ବା ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ। ଏବେ ବଜାରରେ ତଥା ଅନ୍‌ଲାଇନ୍‌ରେ ମଧ୍ୟ ଅର୍ଗାନିକ୍ କଲର ମିଳୁଛି। ଏହି ରଙ୍ଗ ବ୍ୟବହାର କଲେ ତ୍ୱଚା ନଷ୍ଟ ହୋଇ ନ ଥାଏ। ଏହା ବ୍ୟତୀତ ତ୍ୱଚାକୁ ସୁରକ୍ଷା ଦେବା ପାଇଁ ଶରୀରକୁ ଅଧିକ ଢାଙ୍କି ରଖୁଥିବା ଭଳି ପୋଷାକ ପିନ୍ଧନ୍ତୁ। ହାତ ତଥା ଗୋଡ଼ ନଖରେ ନେଲପଲିସ୍ ଲଗାଇ ଦିଅନ୍ତୁ। ଏହାଫଳରେ ନଖରେ ରଙ୍ଗର ଦାଗ ରହିବ ନାହିଁ। ଯଥାସମ୍ଭବ ଲାଲ୍ କିମ୍ବା ପିଙ୍କ୍ କଲରରେ ହୋଲି ଖେଳିବା ପାଇଁ ଚେଷ୍ଟା କରନ୍ତୁ। କାରଣ ସ୍କିନ୍‌ରେ ଏହି ରଙ୍ଗର ଦାଗ ବେଶି ସମୟ ରହି ନ ଥାଏ। ତା'ଛଡା ସ୍କିନ୍‌ର ସୁରକ୍ଷା ପାଇଁ ରଙ୍ଗ ଖେଳିବା ପୂର୍ବରୁ ଭଲଭାବେ ସବୁଆଡ଼େ ଲୋଶନ୍ କିମ୍ବା ତେଲ ଲଗାନ୍ତୁ।

**ରଙ୍ଗ ପୂର୍ବରୁ କେଶ:** ରଙ୍ଗ ଖେଳିବା ପୂର୍ବରୁ କେଶରେ ଭଲଭାବେ ନଡ଼ିଆ ତେଲ ଲଗାଇ ଦିଅନ୍ତୁ। ଏହା ବ୍ୟତୀତ ହୋଲି ଖେଳର କିଛି ଦିନ ପୂର୍ବରୁ ହେୟାର କଲର ମଧ୍ୟ ଲଗାଇ ଦିଅନ୍ତୁ। ଏପରି କରିବା ଫଳରେ କେଶରେ ରଙ୍ଗର କୌଣସି ପ୍ରଭାବ ରହି ନ ଥାଏ। ଆଖିରେ ରଙ୍ଗ ନ ଲାଗିବା ପାଇଁ ରଙ୍ଗ ଖେଳ ସମୟରେ ସନ୍ ଗ୍ଲାସ ବ୍ୟବହାର କରନ୍ତୁ ଏବଂ ରଙ୍ଗ ପକାଇବା ସମୟରେ ଆଖି ବନ୍ଦ କରି ଦିଅନ୍ତୁ।

## କ'ଣ କୁହନ୍ତି ଏମାନେ

**କଳ୍ପନା ବେହେରା** (ଗୃହିଣୀ, ଯାଜପୁର)
ଏହି ଦିନକୁ ତ ମୁଁ ସବୁବର୍ଷ ଅପେକ୍ଷା କରିଥାଏ। କେବେ ହୋଲି ଆସିବ ଆଉ ଆମେ ସମସ୍ତେ ରଙ୍ଗରେ ରଙ୍ଗେଇ ହେବୁ। ବେଶି ଗହଳି ସ୍ଥାନକୁ ନ ଯାଇ ମୁଁ କେବଳ ମୋ ପରିବାର ଲୋକଙ୍କ ସହ ଖେଳିଥାଏ। କେବଳ ଫଗୁରେ ହୋଲି ଖେଳେ, ଆଉ ମୁଣ୍ଡଫଟା ରଙ୍ଗଠାରୁ ନିଜକୁ ଦୂରେଇ ରଖେ। ରଙ୍ଗ ଯେପରି ଆଖି, ପାଟି, କାନ କି ନାକରେ ନ ପଶେ, ସେଥିପାଇଁ ମଧ୍ୟ ମୁଁ ବହୁ ସତର୍କ ଥାଏ।


କଳ୍ପନା

**ସରଳା ବେହେରା** (ଅଧ୍ୟାପିକା, ସଂସ୍କୃତ ବିଭାଗ, ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ, ନୟାଗଡ଼)
ହୋଲି ଖେଳ ତ ମୋ ପାଇଁ ସବୁବେଳେ ନିଆରା। ବାହାରେ ଅନ୍ୟ ଲୋକଙ୍କ ସହ ନ ଖେଳି କେବଳ ପରିବାର ସଦସ୍ୟଙ୍କ ସହ ଖେଳି ରଙ୍ଗର ମଜା ନିଏ। କେମିକାଲ୍ସ ରଙ୍ଗଠାରୁ ବି ନିଜକୁ ଦୂରେଇ ହର୍ବାଲ ରଙ୍ଗକୁ ପ୍ରାଧାନ୍ୟ ଦେଇଥାଏ। ବେଳେବେଳେ ମୁଁ ଘରେ ପ୍ରାକୃତିକ ରଙ୍ଗ ବି ତିଆରି କରେ ଓ ସେଥିରେ ଖେଳୁ। ଶରୀରର ଅଧିକାଂଶ ଅଂଶକୁ ମୁଁ ଘୋଡ଼ାଇ ରଖିଥାଏ। ଏହି ସମୟରେ ବହୁ ପାଣି ବି ପିଇଥାଏ। ଘରେ ସନ୍ଧ୍ୟାରେ ଭୋଜିଭାତର ଆସର ବି ଜମେ।


ସରଳା

**ଅର୍ଚ୍ଚନା** (ଗୃହିଣୀ, ଭଦ୍ରକ) ହୋଲି ତ ଆମେ ସବୁବର୍ଷ ଖେଳୁ, ହେଲେ ଖେଳିଲା ବେଳେ ମୁଁ ଛୋଟ ପିଲାଙ୍କ ପ୍ରତି ବେଶି ସଚେତନତା ଅବଲମ୍ବନ କରେ ; ଯେମିତି ସେମାନଙ୍କ ଦେହରେ କିଛି ବି ରଙ୍ଗ ନ ପଡ଼େ। ଖାଲି ସେତିକି ନୁହେଁ, ଜୀବଜନ୍ତୁଙ୍କ ପ୍ରତି ମଧ୍ୟ ମୁଁ ସଜାଗ ଥାଏ। ଏହି ସମୟରେ ମୁଁ ମୋ ଧଳା ନାଲି ରଙ୍ଗ ଥିବା ପୁରୁଣା ଶାଢ଼ି ପିନ୍ଧିଥାଏ। ହୋଲି ଖେଳ ସମୟରେ ବାରମ୍ବାର ନ ଗାଧୋଇ ଖେଳ ଶେଷ ହେବାର କିଛି ସମୟ ପରେ ଗାଧାଏ। ଆଖିକୁ ରଙ୍ଗଠାରୁ ରକ୍ଷା କରିବା ପାଇଁ ସନ୍‌ଗ୍ଲାସ ବି ପିନ୍ଧିଥାଏ।


ଅର୍ଚ୍ଚନା

**ସତର୍କ ରୁହନ୍ତୁ ଗର୍ଭବତୀ:** ହୋଲିରେ ଛୋଟ ପିଲା ଓ ବୟସ୍କଙ୍କ ବ୍ୟତୀତ ଗର୍ଭବତୀ ମହିଳାଙ୍କୁ ଅଧିକ ସତର୍କ ରହିବାକୁ ହେବ। ଅନେକ ରଙ୍ଗ ଲଗାଇ ମଜା ମସ୍ତି କରିବା ସହ ନାଚଗୀତ ବି କରନ୍ତି। କିନ୍ତୁ ଗୀତ ବାଜିବା ସମୟରେ ଅଧିକ ଉତ୍ସାହିତ ହୋଇ ହୋଲିରେ ଗର୍ଭବତୀ ମହିଳା ଆଦୌ ନାଚନ୍ତୁ ନାହିଁ। ଏମିତିକି ସେଭଳି ସ୍ଥାନକୁ ଯିବା ମଧ୍ୟ ଉଚିତ ନୁହେଁ। କେବଳ ଶୁଖିଲା ଅବିର ବା ପ୍ରାକୃତିକ ରଙ୍ଗରେ ଖେଳନ୍ତୁ। ପାଣି ରଙ୍ଗରେ ଖେଳନ୍ତୁ ନାହିଁ।

**ସମ୍ପର୍କ ଖରାପ ନ ହେଉ:** ହୋଲିରେ କିଛି ଲୋକ ରଙ୍ଗ ଖେଳିବା ପାଇଁ ପସନ୍ଦ କରି ନ ଥା'ନ୍ତି। ତେଣୁ ସେମାନଙ୍କୁ ବାଧ କରି ଆଣି ରଙ୍ଗ ଲଗାନ୍ତୁ ନାହିଁ। ଏପରି କରିବା ଫଳରେ ହୁଏତ ତାଙ୍କ ସହିତ ଆପଣଙ୍କ ସମ୍ପର୍କ ନଷ୍ଟ ହୋଇପାରେ। ତେଣୁ ଇଚ୍ଛୁକ ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହୋଲି ଖେଳନ୍ତୁ। ଏହା ବ୍ୟତୀତ ସେପରି ଖରାପ ରଙ୍ଗ କିମ୍ବା ମାଟି, ଅଣ୍ଡା ଆଦିରେ ହୋଲି ଖେଳନ୍ତୁ ନାହିଁ, ଯାହା କୌଣସି ପ୍ରକାରର କ୍ଷତି କରିବ। ଏହା ବ୍ୟତୀତ ଘରେ କୌଣସି ବୟସ୍କ କିମ୍ବା ଅସୁସ୍ଥ ବ୍ୟକ୍ତି ଥିଲେ ସେମାନଙ୍କୁ ରଙ୍ଗ ଖେଳରେ ସାମିଲ କରନ୍ତୁ ନାହିଁ।

**ହୋଲିରେ ଘରସଫା:** ଘରକୁ ସଫାସୁତରା ରଖିବା ଗୃହିଣୀମାନଙ୍କର ଏକ ସ୍ୱତନ୍ତ୍ର କଳା। ତେବେ ହୋଲି ସମୟରେ ତ ଘରେ ରଙ୍ଗ ପଡ଼ିବ ନିଶ୍ଚୟ। ତା'ଛଡ଼ା କରୋନା ପାଇଁ ବାହାରେ ହୋଲି ଖେଳିବାରେ କଟକଣା ଥିବାରୁ ଘରେ ହିଁ ହୋଲି ଖେଳ ଆୟୋଜନ କରିବାକୁ ହେବ। ତେଣୁ ଖେଳ ସରିବା ପରେ ଘରକୁ ସଫା କରିବା ନିହାତି ଜରୁରୀ। କେଉଁଠି ହୋଲିର ଦାଗ ଲାଗିବ ଏବଂ କିପରି ସଫା କରିବାକୁ ହେବ, ସେନେଇ ଆଗୁଆ ପ୍ରସ୍ତୁତ ରହିବା ଉଚିତ। ଘରେ ଚଟାଣ ଉପରେ ଯଦି ଶୁଖିଲା ରଙ୍ଗ ପଡ଼ିଥାଏ, ତେବେ ସେଥିରେ ପାଣି ନ ପକାଇ ପ୍ରଥମେ ଓଳାଇ ସଫା କରିଦିଅନ୍ତୁ। ତା'ପରେ ଘରକୁ ପୋଛି ପାରିବେ। ଯଦି ଗଦି କିମ୍ବା ତକିଆ ଓ ବେଡ୍‌ଶିଟ୍, ପରଦା ଆଦିରେ ଯଦି ଭୁଲ୍‌ରେ ପିଲାମାନେ ରଙ୍ଗ ଲଗାଇ ଦେଇଥା'ନ୍ତି, ତେବେ ସେହି ରଙ୍ଗକୁ ଝାଡ଼ିଦିଅନ୍ତୁ। ଯଦି ପାଣି ରଙ୍ଗ ଲାଗିଥାଏ, ତେବେ ସଫା କରିବା ପାଇଁ ଡିଟରଜେଣ୍ଟ ପାଣିରେ କିଛି ଭିନେଗାର ପକାଇ ଭିଜାଇ ଦିଅନ୍ତୁ। ଯଦି କବାଟ ଝରକା ଆଦିରେ ରଙ୍ଗ ଲାଗିଥାଏ, ତେବେ ଶୁଖିଲା କପଡ଼ାରେ ପୋଛି ଦିଅନ୍ତୁ।

**ଖିଆପିଆର ମଜା:** ହୋଲିରେ ରଙ୍ଗ ଖେଳ ସରିବା ପରେ ଖିଆପିଆର ବି ସ୍ୱତନ୍ତ୍ରତା ରହିଥାଏ। ତେଣୁ ଏଥିପାଇଁ ଆଗୁଆ ପ୍ରସ୍ତୁତି କରିବା ଉଚିତ। ରଙ୍ଗ ଖେଳ ଆରମ୍ଭ କରିବା ପୂର୍ବରୁ ରୋଷେଇ କାମ ଶେଷ କରିଦେବା ଉଚିତ। ଯଦି ହୋଲି ପାଇଁ କିଛି ସ୍ୱତନ୍ତ୍ର ପିଠା କିମ୍ବା ମିଠା ତିଆରି କରିବା ପାଇଁ ପ୍ଲାନ୍ କରିଥା'ନ୍ତି, ତେବେ ପୂର୍ବଦିନ ରାତିରୁ ହିଁ କରି ରଖିଦିଅନ୍ତୁ।

➤ପିଲାମାନଙ୍କୁ ରଙ୍ଗ ଖେଳ ପୂର୍ବରୁ ଖାଇବାକୁ ଦେବା ସହିତ ହୋଲି ପାଇଁ ସ୍ୱତନ୍ତ୍ର ପୋଷାକ ଓ ମୁଣ୍ଡରେ କ୍ୟାପ୍ ପିନ୍ଧାନ୍ତୁ, ଯେଉଁଥିରେ ରଙ୍ଗ ଲାଗିଲେ ଖରାପ ହେବ ନାହିଁ।

➤ହୋଲି ରଙ୍ଗକୁ ସଫା କରିବା ପରେ ମଶ୍ଚରାଇଜର ନିଶ୍ଚୟ ଲଗାନ୍ତୁ।

➤ରଙ୍ଗ ସଫା କରିବା ପାଇଁ ସ୍କିନ୍‌କୁ ଜୋରରେ ଘଷନ୍ତୁ ନାହିଁ।





# ସ୍କର୍ଟ କିଣିବାବେଳେ...

**ସ୍କର୍ଟ ପିନ୍ଧିବା ପାଇଁ ଯେମିତି ଆରାମଦାୟକ ସେମିତି ମଧ୍ୟ ଫ୍ୟାଶନେବୁଲ। କିନ୍ତୁ ପରଫେକ୍ଟ ଲୁକ୍ ପାଇବା ପାଇଁ ସ୍କର୍ଟ କିଣିବା ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ ଜାଣି ରଖନ୍ତୁ...**



– ସ୍କର୍ଟ କିଣିବା ସମୟରେ ଏହାର ଫାବ୍ରିକ ଉପରେ ଧ୍ୟାନ ଦିଅନ୍ତୁ, କାହିଁକିନା ଏହାର ଫାବ୍ରିକ ଯୋଗୁଁ ହିଁ ଏହା ଅଧିକ ଆକର୍ଷଣୀୟ ମନେ ହୋଇଥାଏ। ଯଦି ମୁଲାୟମ ଫାବ୍ରିକ ଚୟନ କରୁଥା'ନ୍ତି, ତେବେ ଏହି ଫାବ୍ରିକ ହିପ୍ ଲାଇନରେ ପ୍ରାୟତଃ ଲାଗିଯାଇଥାଏ। ତେଣୁ ଠିକ୍ ଫାବ୍ରିକ ଦେଖି କିଣନ୍ତୁ।



– ନିଜ ଶରୀରର ଆକୃତି ଅନୁସାରେ ସ୍କର୍ଟ ଚୟନ କରନ୍ତୁ। ଯଦି ଆପଣଙ୍କ ଗୋଡ଼ ଅଧିକ ମୋଟା ହୋଇଥାଏ, ତେବେ ମିନି ସ୍କର୍ଟ ବଦଳରେ ଆପଣ ଲମ୍ବା ସ୍କର୍ଟ ପିନ୍ଧନ୍ତୁ।

– ଯଦି ଆପଣଙ୍କ ହାଇଟ୍ କମ୍ ଅଛି, ତେବେ ଗୋଇଠିଠାରୁ ଅଳ୍ପ ଉପରକୁ ଥିବା ସ୍କର୍ଟ ହିଁ ଆପଣଙ୍କୁ ଭଲ ମାନିବ।

– ସଠିକ୍ ହାଇଟ୍ ଥିବା ମହିଳାମାନଙ୍କୁ ଲମ୍ବା ସ୍କର୍ଟ ଭଲ ଲାଗିବ।

– ସ୍କର୍ଟ ସହିତ ଯଦି ଆପଣ ଅଧିକ ଫ୍ରିଲ ଥିବା ଟପ୍ ପିନ୍ଧନ୍ତି, ତେବେ ତାହା ଅଧିକ ହାଇଲାଇଟ୍ ହୋଇଯିବ। ତେଣୁ ଏଭଳି ଟପ୍ ପିନ୍ଧନ୍ତୁ, ଯେଉଁଥିରେ ସ୍କର୍ଟ ଅଧିକ ଦିଶୁଥିବ।

# ପିମ୍ପୁଡ଼ି ଦୂର କରିବାର ଘରୋଇ ଉପାୟ

➤ଅଳ୍ପ ପାଣିରେ ଅଧିକ ଲୁଣ ମିଶାଇ ଫୁଟାନ୍ତୁ। ଲୁଣ ଭଲଭାବେ ମିଶିଗଲେ ସେହି ପାଣିକୁ ଥଣ୍ଡା କରି ଏକ ସ୍ପ୍ରେ ବୋତଲରେ ରଖି ପିମ୍ପୁଡ଼ି ହେଉଥିବା ସ୍ଥାନରେ ପକାନ୍ତୁ। ଲଗାତର ଏପରି କଲେ ଧୀରେ ଧୀରେ ସେହି ସ୍ଥାନରେ ପିମ୍ପୁଡ଼ି ହେବେ ନାହିଁ।

➤କୌଣସି ଖାଦ୍ୟରେ ପିମ୍ପୁଡ଼ି ଲାଗୁଥିଲେ ସେହି ସ୍ଥାନରେ ଲଙ୍କାଗୁଣ୍ଡ ପକାଇ ଦିଅନ୍ତୁ। ପ୍ରାକୃତିକ ଭାବରେ ଏହା ପିମ୍ପୁଡ଼ିମାନଙ୍କର ରାସାୟନିକ ସଙ୍କେତକୁ ନଷ୍ଟ କରିଥାଏ। ତେଣୁ ସେହି ସ୍ଥାନକୁ ପିମ୍ପୁଡ଼ି ଆସନ୍ତି ନାହିଁ।

➤ଚକ୍‌ରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଥିବାର ପିମ୍ପୁଡ଼ି ହେଉଥିବା ସ୍ଥାନରେ ପକାଇଲେ ଲାଭ ମିଳିଥାଏ।

➤ଖାଦ୍ୟ ଜିନିଷରେ କିଛି ଲବଙ୍ଗ ରଖିଦେଲେ ସେଥିରେ ପିମ୍ପୁଡ଼ି ହେବେ ନାହିଁ।

➤କବାଟ କିମ୍ବା ଝରକା ପାଖରେ ଗନ୍ଧକର୍ପୂର ରଖିଦେଲେ ମଧ୍ୟ ପିମ୍ପୁଡ଼ି ଆସନ୍ତି ନାହିଁ।

➤ଲେମ୍ବୁ, କମଳା ଆଦି କିଛି ନିର୍ଦ୍ଦିଷ୍ଟ ପ୍ରକାରର ଫଳର ଚୋପାକୁ ପିମ୍ପୁଡ଼ି ହେଉଥିବା ସ୍ଥାନରେ ପକାଇଲେ ପିମ୍ପୁଡ଼ି ହୋଇ ନ ଥା'ନ୍ତି।

➤ବୋରିକ୍ସ ପାଉଡର ପକାଇଲେ ମଧ୍ୟ ପିମ୍ପୁଡ଼ି ହୁଅନ୍ତି ନାହିଁ। କିନ୍ତୁ ଏହାକୁ ଖାଦ୍ୟ ଜିନିଷଠାରୁ ଦୂରେଇ ରଖିବା ଉଚିତ।

➤ଭିନେଗାରକୁ ପାଣିରେ ମିଶାଇ ପିମ୍ପୁଡ଼ି ହେଉଥିବା ସ୍ଥାନରେ ସ୍ପ୍ରେ କଲେ ପିମ୍ପୁଡ଼ି ଚାଲି ଯାଇଥା'ନ୍ତି।

➤ଘରକୁ ସଫା ରଖନ୍ତୁ। ସବୁ ଖାଦ୍ୟ ପଦାର୍ଥକୁ ଭଲଭାବେ ଘୋଡ଼ାଇ ରଖନ୍ତୁ ଓ ଠିକ୍‌ଭାବେ ବନ୍ଦ କରନ୍ତୁ।



# ଘରେ କରନ୍ତୁ ହର୍ବାଲ ରଙ୍ଗ

**ହୋଲିରେ ହର୍ବାଲ ରଙ୍ଗ ବ୍ୟବହାର କରିବା ଫଳରେ ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ ଆପଣ ଚାହିଁଲେ ଘରେ ବି ତିଆରି କରିପାରିବେ ଏହି ରଙ୍ଗ...**

▶ସବୁଜ ରଙ୍ଗ ତିଆରି କରିବା ପାଇଁ ଆପଣ ନିମ୍ବ ପତ୍ର ବ୍ୟବହାର କରିପାରିବେ। ନିମ୍ବ ପତ୍ରକୁ ଶୁଖାଇ ଭଲଭାବେ ଗୁଣ୍ଡ କରି ସବୁଜ ରଙ୍ଗ କରିପାରିବେ। ଏହା ସହିତ ନିମ୍ବ ପତ୍ରକୁ ବାଟି ପେଷ୍ଟ କରି ରଙ୍ଗ ତିଆରି କରିପାରିବେ।

▶ପଳାସ ଫୁଲକୁ ମଧ୍ୟ ଶୁଖାଇ ରଙ୍ଗ ତିଆରି କରିପାରିବେ। ସେହିପରି ଅନ୍ୟ ଫୁଲକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ରଙ୍ଗ ତିଆରି କରାଯାଇପାରିବ।

▶ବିଟ୍‌କୁ ବ୍ୟବହାର କରି ବହୁତ ସୁନ୍ଦର ଗୋଲାପି ରଙ୍ଗ ତିଆରି କରାଯାଇପାରିବ। ବିଟ୍‌କୁ ଶୁଖାଇ ଗୁଣ୍ଡ କରିଦେଲେ ଶୁଖିଲା ରଙ୍ଗ ଏବଂ ପେଷ୍ଟ ତିଆରି କରି ରଙ୍ଗ କରିହେବ।

▶ହଳଦିଆ ରଙ୍ଗ ପାଇଁ ହଳଦୀରେ ଚାଉଳ ଗୁଣ୍ଡ କିମ୍ବା ଅଟା ମିଶାଇ ଆପଣ ସୁନ୍ଦର ରଙ୍ଗ ତିଆରି କରିପାରିବେ।

ସୌନ୍ଦର୍ଯ୍ୟ

# ମୁଗ ଡାଲିରୁ ଫେସ୍‌ପ୍ୟାକ୍



➤ମୁଗ ଡାଲିକୁ ରାତିସାରା ଭିଜାଇ ସକାଳୁ ଏହାର ପେଷ୍ଟ ତିଆରି କରିଦିଅନ୍ତୁ। ଏହି ପେଷ୍ଟରେ କିଛି ବାଦାମ ତେଲ ଓ ମହୁ ମିଶାଇ ମୁହଁରେ ଲଗାନ୍ତୁ। ପ୍ରାୟ ୨୦ ମିନିଟ୍ ପରେ ମୁହଁକୁ ଖାଲି ପାଣିରେ ଧୋଇ ଦିଅନ୍ତୁ।

➤ମୁଗ ଡାଲିକୁ ରାତିସାରା କଞ୍ଚା କ୍ଷୀରରେ ଭିଜାଇ ରଖନ୍ତୁ। ସକାଳୁ ଏହାର ପେଷ୍ଟ ତିଆରି କରି ମୁହଁରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଏହାପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ।

➤୪ ଚାମଚ ମୁଗକୁ ରାତିସାରା ଭିଜାଇ ତା'ର ପେଷ୍ଟ ତିଆରି କରନ୍ତୁ। ସେଥିରେ କମଳା ଚୋପାର ଗୁଣ୍ଡ ୨ ଚାମଚ ଏବଂ ୨ ଚାମଚ ଚନ୍ଦନ ପାଉଡର ମିଶାଇ ସ୍କ୍ରବ୍ ତିଆରି କରି ଲଗାନ୍ତୁ। ଯଦି ଏହି ପେଷ୍ଟ ଅଧିକ ଗାଢ଼ା ହୋଇଯାଏ ତେବେ ଏଥିରେ କିଛି କ୍ଷୀର ମିଶାନ୍ତୁ। ଏହାକୁ ଅତି କମ୍‌ରେ ୧୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ସ୍କ୍ରବ କରି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ବାରମ୍ବାର ଏପରି ସ୍କ୍ରବ କରିବା ଫଳରେ ମୁହଁରେ ଥିବା ଅନାବଶ୍ୟକ ଲୋମ ସବୁ ବାହାରି ଯାଇଥାଏ।

➤ମୁଗ ଡାଲିର ପେଷ୍ଟରେ ଦହି ମିଶାଇ ଏହାର ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ।



➤ମୁଗ ଡାଲିର ପେଷ୍ଟରେ ୨ ଚାମଚ ଘିଅ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ପ୍ରତିଦିନ ଏଭଳି ପେଷ୍ଟ ତିଆରି କରି ଲଗାଇବା ଫଳରେ ମୁହଁରେ ଥିବା ବ୍ରଣ ସମସ୍ୟା ରହି ନ ଥାଏ ଏବଂ ତ୍ୱଚା ଧୀରେ ଧୀରେ କୋମଳ ତଥା ସୁନ୍ଦର ହୋଇଥାଏ।

# ନଡ଼ିଆ ଖିରି

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ–** କ୍ଷୀର– ୧ ଲିଟର, ନଡ଼ିଆ–୧ଟି ବଡ଼, ଚିନି– ୮୦ ଗ୍ରାମ୍, କାଜୁ– ୮ଟି (ଛୋଟ କଟା), ବାଦାମ– ୮ଟି (କଟା), କିସ୍‌ମିସ୍– ୧୦ଟି, ଗୁଜୁରାତି ଗୁଣ୍ଡ– ଅଧା ଚାମଚ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଏକ ବଡ଼ ପାତ୍ରରେ କ୍ଷୀରକୁ ଚୁଲିରେ ବସାନ୍ତୁ। କ୍ଷୀର ଫୁଟି ଆସିଲେ ଗ୍ୟାସର ଫ୍ଲେମ୍ କମ୍ କରି ଦିଅନ୍ତୁ। ଏବେ ନଡ଼ିଆକୁ କୋରି ଅଳ୍ପ ଗ୍ରାଇଣ୍ଡିଂ କରି କ୍ଷୀରରେ ପକାନ୍ତୁ। ଲଗାତର ଏହି କ୍ଷୀରକୁ ଗୋଳାଉଥା'ନ୍ତୁ, ନଚେତ୍ ତଳେ ଲାଗିଯିବ ଓ ସ୍ୱାଦ ଖରାପ ହୋଇଯିବ। ଫୁଟିବା ପରେ ଏହାକୁ କମ୍ ଆଞ୍ଚରେ କିଛି ସମୟ ବସାଇ ମଝିରେ ମଝିରେ ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ କ୍ଷୀର ବହଳିଆ ଦେଖାଯିବ। ଏବେ ସେଥିରୁ ଚାମଚରେ ଅଳ୍ପ ଆଣି ଦେଖନ୍ତୁ। ଯଦି ନଡ଼ିଆ ଦାନାସବୁ ହାତକୁ ନରମ ଲାଗୁଥାଏ, ତେବେ ସେଥିରେ ଚିନି ପକାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ବାଦାମ, କାଜୁ, କିସ୍‌ମିସ୍ ଭାଜି ପକାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ବନ୍ଦ କରି ସେଥିରେ ଗୁଜୁରାତି ଗୁଣ୍ଡକୁ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ନଡ଼ିଆ ଖିରି।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଆୟାର, କେର୍ ପ୍ଲେୟର ଅଫ୍ ଦି ମନ୍ଥ




ଶ୍ରେୟାସ ଆୟାର ଓ ଆମେଲିଆ କେର୍।

**ଦୁବାଇ, ୧୪।୩ (ପି.ଟି.)**

ଭାରତୀୟ ବ୍ୟାଟର ଶ୍ରେୟାସ ଆୟାର ପୁରୁଷ ବର୍ଗରେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ଆମେଲିଆ କେର୍ ମହିଳା ବିଭାଗର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ୍ (ଆଇସିସି) ପକ୍ଷରୁ ଫେବୃୟାରୀ ମାସର ପୁରସ୍କାର ପାଇଁ ସୋମବାର ଏହି ଦୁଇ ଖେଳାଳିଙ୍କ ନାମ ପ୍ରକାଶ ପାଇଛି। ଗତ ମାସରେ ଅନୁଷ୍ଠିତ ସୀମିତ ଓଭର କ୍ରିକେଟରେ ଆୟାର ଉଭୟ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ଭୋଟିଂରେ ସେ ୟୁଏଇର ଭ୍ରିତିୟା ଅରବିନ୍ଦ ଓ ନେପାଳର ଦୀପେନ୍ଦ୍ର ସିଂ ଏରିଙ୍କୁ ପଛରେ ପକାଇଛନ୍ତି। ଅହମଦାବାଦରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆରେ ଆୟାର ମ୍ୟାଚ ବିଜୟୀ ୮୦ ରନର ଇନିଂସ ଖେଳିଥିଲେ। ସେହିପରି ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ଅନ୍ତିମ ମ୍ୟାଚରେ ସେ ୧୬ ବଲ୍‌ରୁ ୨୫ ରନ କରି ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେହିପରି ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜର ୩ ଇନିଂସରେ ସେ ୨୦୪ ରନ କରି ଅପରାଜେୟ ରହିଥିଲେ। ତାଙ୍କର ଷ୍ଟ୍ରାଇକ୍‌ହାର ଥିଲା ୧୭୪.୩୬। ୩ଟି ଗେମ୍‌ରେ ସେ ଯଥାକ୍ରମେ ୨୮ ବଲ୍‌ରୁ ୫୭, ୪୪ ବଲ୍‌ରୁ ୭୪ ଓ ୪୫ ବଲ୍‌ରୁ ୭୩ ରନକରି ଅପରାଜିତ ରହିଥିଲେ। ଏହି ସିରିଜରେ ୨୦ ଚୌକା ଓ ୭ ଛକା ମାରିଥିବା ଆୟାର ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଚଳିତ ମାସରେ ମଧ୍ୟ ୨୭ ବର୍ଷୀୟ ଆୟାର ସେହି ଫର୍ମ ଜାରି ରଖିଛନ୍ତି। ବେଙ୍ଗାଲୁରୁରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସେ ପ୍ରଥମ ଇନିଂସରେ ୯୨ ରନ ସ୍କୋର କରିଥିଲେ।

୨୧ ବର୍ଷୀୟ କେର୍ ଭାରତ ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜରେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଚମକ ଦେଖାଇଥିଲେ। ଭୋଟିଂରେ ସେ ଭାରତୀୟ ଦଳର ଅଧିନାୟିକା ମିତାଲି ରାଜ ଓ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ପଛରେ ପକାଇ ଦେଇଥିଲେ। ୱେଲିଂଟନରେ ଜନ୍ମିତ କେର୍ ଆଧୁନିକ କ୍ରିକେଟରେ ଜଣେ ଶ୍ରେଷ୍ଠ ମହିଳା କ୍ରିକେଟରଭାବେ ବିବେଚିତ ହେଉଛନ୍ତି।

# ଦକ୍ଷିଣ ଆଫ୍ରିକା ଦଳର ହ୍ୟାଟ୍ରିକ ବିଜୟ




୫ ଉଇକେଟ ହାସଲକାରୀ ମାରିଜାନେ କାପ୍।

**ମାଉଣ୍ଟ ମଙ୍ଗାନୁଇ, ୧୪।୩**

ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏଥିସହିତ କ୍ରମାଗତ ୩ ମ୍ୟାଚ୍ ଜିତି ବିଜୟରେ ହ୍ୟାଟ୍ରିକ କରିଛି ଏହି ଦଳ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ୫୦ ଓଭରରେ ୯

**ମହିଳା କ୍ରିକେଟ ବିଶ୍ୱକପ**

ଉଇକେଟ ହରାଇ ୨୩୫ ରନ୍ କରିଥିଲା। ଟାମି ବିମଣ୍ଟ ସର୍ବାଧିକ ୬୨ ଓ ଆମି ଜୋନ୍ସ ୫୩ ରନ୍ ସ୍କୋର କରିଥିଲେ। ବିପକ୍ଷ ଦଳର ବୋଲର ମାରିଜାନେ କାପ୍ ୪୫ ରନ୍ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ମାସାବାତା କ୍ଲାସ୍‌ଙ୍କୁ ୨ଟି ଉଇକେଟ ମିଳିଥିଲା। ୨୩୬ ରନ୍ ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୪୯.୨ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ଲୌରା ଉଲ୍‌ଭାର୍ଡଟ ୭୭ ରନ୍ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସୁନେ ଲୁସ୍ ୩୬ ଓ ଟାଜମିନ ବ୍ରିଟ୍ସ ୨୩ ରନ୍ କରିଥିଲେ। ଇଂଲଣ୍ଡର ଆନ୍ୟା ଶ୍ରୁବସୋଲେ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ମାରିଜାନେ କାପ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍‌ରୁ ୬ ବିଜୟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବ ୨ ମ୍ୟାଚ୍‌ରେ ଏହି ଦଳ ବାଂଲାଦେଶକୁ ୩୨ ଓ ପାକିସ୍ତାନକୁ ୬ ରନ୍‌ରେ ପରାସ୍ତ କରିଥିଲା।

ହାମିଲଟନ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ୯ ରନ୍‌ରେ ପାକିସ୍ତାନକୁ ହରାଇ ଦେଇଛି। ବାଂଲାଦେଶ ୫୦ ଓଭରରେ ୭ ଉଇକେଟ ହରାଇ ୨୩୪ ରନ୍ କରିଥିବାବେଳେ ପାକିସ୍ତାନ ୫୦ ଓଭରରେ ୯ ଉଇକେଟ ହରାଇ ୨୨୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ମହିଳା କ୍ରିକେଟ ବିଶ୍ୱକପ୍‌ର କୌଣସି ମ୍ୟାଚ୍‌ରେ ବାଂଲାଦେଶର ଏହା ଥିଲା ସର୍ବପ୍ରଥମ ବିଜୟ।






## ସଂକ୍ଷେପରେ

### ରାଜଦୋଳ ମେଳଣ

**ଖୁଣ୍ଟୁଣୀ,୧୪ା୩ (ଡି.ଏନ.ଏ.):** ଆଠଗଡ଼ ବ୍ଲକ ଖମାରନୂଆଗାଁ ଗ୍ରାମ ମେଳଣ ପଡ଼ିଆରେ ରାଜଦୋଳ ମେଳଣ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଦନମୋହନ ଜୀଉ, ଗୋବରା ଶାସନରର ଗୋପାଳ ଦେବ, ଗୋବରାର ଦଧିବାମନଜୀଉ, କୁମାରପୁର ଗ୍ରାମର ଦଧିବାମନଜୀଉ, କୁମାରପୁର ଶାସନର ଗୋପୀନାଥ ଦେବ, ବାଲି ଗ୍ରାମର ଦଧିବାମନଜୀଉ, ବାଲି ଶାସନର ଗୋପାଳଦେବ ସୁସଜ୍ଜିତ ବିମାନରେ ଖମାରନୂଆଗାଁ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ମେଳଣ କମିଟି ଓ ସଂକୀର୍ତ୍ତନ ଗୋଷ୍ଠୀର ସଦସ୍ୟ ଗୋକୁଳାନନ୍ଦ ରାଉତ, ହୃଦାନନ୍ଦ ବେଉରାଙ୍କ ସମେତ ଗ୍ରାମ କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଳଖିଆ ଦୋକାନୀଙ୍କୁ ଆକ୍ରମଣ: ଯୁବକ ଗିରଫ

**କଟକ ସଦର,୧୪ା୩(ଡି.ଏନ୍.ଏ.):** ଜଳଖିଆ ଦୋକାନୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ କିଶନନଗର ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କିଶୋର ନଗର ଗ୍ରାମର ଲକ୍ଷ୍ମୀଧର ସାହୁ। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର କିଶୋର ନଗର ଜାଗର ଯାତ୍ରାରେ ହୁଲିପୁର ଗ୍ରାମର ସନ୍ଦୀପ ସେଠୀ ଓ ଅଶୋକ ସାମନ୍ତରାୟ ଜଳଖିଆ ଦୋକାନ କରିଥିଲେ। କୌଣସି କାରଣକୁ ନେଇ ଅଭିଯୁକ୍ତ ଓ ତାଙ୍କର ସମର୍ଥକମାନେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଅଶୋକ ଆହତ ହେଇଥିଲେ। ଏ ନେଇ ଅଭିଯୋଗ ହେବାପରେ ପୋଲିସ ମାମଲା(ନଂ.୪୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ବାସନ୍ତୀଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

**ଖୁଣ୍ଟୁଣୀ,୧୪ା୩(ଡି.ଏନ.ଏ):** ଆଠଗଡ଼ ବ୍ଲକ ଅନ୍ତର୍ଗତ କୁମାରପୁର ଗ୍ରାମରେ ବାସନ୍ତୀଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ସୋମବାର ମାଟି ଅନୁକୂଳ ହୋଇଛି। ମା'ବାସନ୍ତୀ ଦୁର୍ଗା ମନ୍ଦିରରେ ପୂଜା କରାଯିବା ପରେ ଏକ ଶୋଭାଯାତ୍ରା କୁମାରପୁର ନୂଆପୋଖରୀଠାରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅଣାଯାଇଥିଲା। କୁମାରପୁର ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ମନମୋହନ କରଣଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମ ମୁରବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶିବିରରୁ ୫୬ ୟୁନିଟ୍ ରକ୍ତ ସଂଗୃହ

**ଚୌଦ୍ୱାର,୧୪ା୩(ଡି.ଏନ୍.ଏ.):** ଚୌଦ୍ୱାର ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ଥର୍ମାଲ ରୋଡ଼ସ୍ଥିତ ସତ୍ୟସାଇ ମନ୍ଦିରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସଙ୍ଗଠନର କଟକ ଜିଲା ସଭାପତି ବିଚିତ୍ରାନନ୍ଦ ମହାନ୍ତି ଓ ସଂଯୋଜକ ମନୋଜ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୫୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆବାହକ ରଞ୍ଜିତ୍ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଡ. ପ୍ରକାଶ ପଣ୍ଡା, ସାମାଜିକ କର୍ମୀ ଦାମୋଦର ସାହୁ, ସଞ୍ଜୟ କୁମାର ରାୟ, ସୁଧାଂଶୁ ଶେଖର ସାହୁ, ରଜତ ପଟ୍ଟନାୟକ, ନବୀନ ରାଓ, ବିଜୟଲକ୍ଷ୍ମୀ ସାହୁ, ଶିବାନୀ ଦାସ, ଶାଶ୍ୱତ ରଞ୍ଜନ ପଣ୍ଡା, ରାଜେଶ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

### ସାମାଜିକ କର୍ମୀ କସ୍ତୁରୀ ଚରଣଙ୍କ ସ୍ମୃତିସଭା

**କଟକ ଅଫିସ, ୧୪ା୩:** ସାମାଜିକ କର୍ମୀ କସ୍ତୁରୀ ଚରଣ ଦାଶଙ୍କ ପୁଣ୍ୟତିଥି ଅବସରରେ ଡ୍ରିମ୍‌ସ ପକ୍ଷରୁ କେସିଡି ଶପିଙ୍ଗ୍ କମ୍ପ୍ଲେକ୍ସଠାରେ ସୋମବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କସ୍ତୁରୀ ଚରଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ସଭାରେ ଡ୍ରିମ୍‌ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଓ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଯୋଗଦେଇ ମାନବବାଦୀ ଦୃଷ୍ଟିଭଙ୍ଗୀ ଓ ଦରଦୀପଣ କସ୍ତୁରୀ ଚରଣଙ୍କୁ ସଦା ସ୍ମରଣୀୟ କରି ରଖିବ ବୋଲି କହିଥିଲେ। ଏଥିରେ ପଦ୍ମିନୀ କେୟାର ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଜ୍ୟୋତିପ୍ରକାଶ ପରିଜା, ଡ. କପିଳେଶ୍ୱର ମିଶ୍ର, ପ୍ରାଧାପକ ଲୋକନାଥ ବେହେରା, ନବକିଶୋର ମିଶ୍ର, ଡ. ନୟନ ରଞ୍ଜନ ସାମଲ, ଇଂ. ପିନାକ ଭୂଷଣ ଦାସ, କ୍ରିଷ୍ଣାପ୍ରଦା ଦାଶ, ଡ. ଅଜିତ୍ କୁମାର ମହାପାତ୍ର, ଆଶୁତୋଷ ଦ୍ୱିବେଦୀ, ଇଂ. ସୁଧାଂଶୁ ଭୂଷଣ କର ପ୍ରମୁଖ ଉପସ୍ଥିତ ଥିଲେ ।

## ସିଏମ୍‌ସିର ୪୭ ନଂ. ୱାର୍ଡ: ରଣାଙ୍ଗନରେ ୬ ପ୍ରାର୍ଥୀ

**କଟକ ଅଫିସ,୧୪ା୩**

କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନ ପାଇଁ ସହରରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ପ୍ରାର୍ଥୀମାନେ ଘର ଘର ବୁଲି ପ୍ରଚାର କରୁଥିବାବେଳେ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରୁଛନ୍ତି। ତେବେ ଏଥର ଚର୍ଚ୍ଚାରେ ରହିଛି ସିଏମ୍‌ସି ୪୭ ନଂ. ୱାର୍ଡର ମହାନଦୀ ବିହାର ଅଞ୍ଚଳ। ଏଠାରେ ବିଭିନ୍ନ ଦଳର ପ୍ରାର୍ଥୀ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଏଥିସହ ବିଭିନ୍ନ ଛକରେ ମାଇକ୍ ଯୋଗେ ନିର୍ବାଚନୀ ଗୀତ ବାଜୁଛି।

ମହାନଦୀ ବିହାରର ବିଏସ୍‌ଏନ୍‌ଏଲ୍ କଲୋନୀ, ଜଷ୍ଟିସ ଛକ, ବ୍ୟାଙ୍କଛକ, ସିଡିଏ ମାର୍କେଟ ଛକ, ସଞ୍ଜୀବନୀ ଛକ, ଗଣ୍ଡରପୁର ଆଦି ଅଞ୍ଚଳକୁ ନେଇ ୪୭ ନଂ. ୱାର୍ଡ ଗଠିତ। ଏଠାରେ ମୋଟ୍ ୯୧୩୫ ଭୋଟର ରହିଛନ୍ତି। ମହାନଦୀ ବିହାର ଅଞ୍ଚଳରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ସୌଭିକ୍ ବିଶ୍ୱାଳ, ଭାଜପା ନେତା ନୟନ କିଶୋର ମାହାନ୍ତି, କମ୍ୟୁନିଷ୍ଟ ନେତା ପ୍ରତାପ ଚନ୍ଦ୍ର ମହାପାତ୍ର ପ୍ରମୁଖ ରହୁଥିବାରୁ ରାଜନୈତିକ ଦୃଷ୍ଟିକୋଣରୁ ଏହି ଅଞ୍ଚଳ ବେଶ୍ ଗୁରୁତ୍ୱ ବହନ କରୁଛି । ୨୦୧୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ କବିତା ଖଣ୍ଡେଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରେଖାରାଣୀ ମହାନ୍ତିଙ୍କୁ ୨୪୩ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ।

ଚଳିତଥର ମଧ୍ୟ କବିତା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସେହିପରି ବିଜେଡିରୁ ଇଂ. ଚୌଧୁରୀ ସୁବ୍ରତ ଘଡ଼େଇ, ଭାଜପାରୁ ହରିପ୍ରିୟା ଧଳ, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥିତ ପ୍ରାର୍ଥୀ ଶୁଭ୍ରା ମହାପାତ୍ର, ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ କୁମାର ଜେନା, ରତିକାନ୍ତ ଜେନା ମଧ୍ୟ ନିର୍ବାଚନ ଲଢୁଛନ୍ତି।

ବିଜେଡି ପ୍ରାର୍ଥୀ ଘଡେଇ କହିଛନ୍ତି, ଏକ ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ୱାର୍ଡ ଗଠନ ପାଇଁ ପ୍ରୟାସ ଜାରି ରଖିବି। ସେହିପରି ଭାଜପା ପ୍ରାର୍ଥୀ ଧଳ କହିଛନ୍ତି, ୱାର୍ଡରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଭୋଟରମାନେ ଅତିଷ୍ଠ ହୋଇପଡିଲେଣି। ଏବେ ସେମାନେ ପରିବର୍ତ୍ତନ ଆଡକୁ ମୁହାଁଇଛନ୍ତି ବୋଲି ଧଳ କହିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଖଣ୍ଡେଇ କହିଛନ୍ତି, କ୍ଷମତା ନୁହେଁ, ସେବା ପାଇଁ ସୁଯୋଗ ଖୋଜୁଛି । ଗତଥର ୱାର୍ଡ ଅଞ୍ଚଳରେ ଅନେକ ଜନହିତକର କାର୍ଯ୍ୟ କରିଛି। ଏଥର ନିର୍ବାଚନ ଜିତିଲେ ବାକି ରହିଯାଇଥିବା କାର୍ଯ୍ୟକୁ ଶେଷ କରିବି ବୋଲି ସେ କହିଛନ୍ତି। ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ କହିଛନ୍ତି, କରୋନା ସମୟରେ ଟିକାକରଣ ପାଇଁ ଲୋକଙ୍କୁ ସାହାଯ୍ୟ କରିଛି। ଏଥିସହ ମାସ୍କ ବଣ୍ଟନ, ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଆୟୋଜନ କରି ଲୋକଙ୍କ ନିକଟତର ହେବାକୁ ପ୍ରୟାସ କରିଛି। ସ୍ୱାଧୀନ ପ୍ରାର୍ଥୀ ରତିକାନ୍ତ କହିଛନ୍ତି, କରୋନା ସମୟରେ ଜଣେ ସ୍ୱେଚ୍ଛାସେବୀ ଭାବେ ନିଜର ଦାୟିତ୍ୱ ସମ୍ପାଦନ କରିଛି। ଲୋକଙ୍କ ପାଖରେ ମାସ୍କ, ଚୁଡା, ଚାଉଳ, ବିସ୍କୁଟ ଓ ରନ୍ଧାଖାଦ୍ୟ ପହଞ୍ଚାଇଛି। ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ରାଶନ କାର୍ଡ କରାଇବାରେ ସହଯୋଗ କରିଛି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ଓ ସିପିଆଇ(ଏମ୍) ପ୍ରାର୍ଥୀ ମହାପାତ୍ର କହିଛନ୍ତି, ଦୁର୍ନୀତିମୁକ୍ତ ପୌର ପରିଷଦ ଗଠନ କରିବା ମୋର ମୂଳ ଲକ୍ଷ୍ୟ। ପାର୍କଗୁଡିକରେ ଶୌଚାଳୟ, ନାଳନର୍ଦ୍ଦମା ସଫେଇ ଓ ଜାଇକା ସମସ୍ୟାକୁ ସୁଧାରିବା ପାଇଁ ଗୁରୁତ୍ୱ ଦେବି ବୋଲି ସେ କହିଛନ୍ତି। ତେବେ ଚଳିତ ନିର୍ବାଚନରେ ୪୭ ନଂ. ୱାର୍ଡର କର୍ପୋରେଟର ପଦବୀ କିଏ ହାତେଇବ, ତାହା ଫଳ ଘୋଷଣା ପରେ ଜଣାପଡିବ।



ପୌର ନିର୍ବାଚନ ପାଇଁ କଟକସ୍ଥିତ ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂ କ୍ୟାମ୍ପସରେ ସୋମବାର ପୋଲିଂ ଓ ପ୍ରିଜାଇଡିଂ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ରାସ୍ତାରେ ଲିକ୍ ହେଲା କେମିକାଲ ଟ୍ୟାଙ୍କର

**ଫୁଲନଖରା,୧୪ା୩ (ଡି.ଏନ୍.ଏ.)**

### ଚକା ଖସି ୮ବାଇକ୍, ଗୋଟିଏ କାର୍ ଦୁର୍ଘଟଣାଗ୍ରସ୍ତ



ପାହାଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହଂସପାଳ ଛକରୁ ପାହାଳ ପର୍ଯ୍ୟନ୍ତ ରାସ୍ତାରେ ସୋମବାର ଅପରାହ୍ନରେ ଆସୁଥିବା ଏକ କେମିକାଲ ଟ୍ୟାଙ୍କରରୁ ଲିକ୍ ହୋଇଯାଇଥିଲା। ଫଳରେ କେମିକାଲ ରାସ୍ତାରେ ଢାଳି ହେବା ଯୋଗୁ ସେହି ରାସ୍ତାରେ ଆସୁଥିବା ୮ ବାଇକ୍ ଓ ଗୋଟିଏ କାର୍‌ର ଚକା ଖସି ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ହିମାଦ୍ରୀ ସ୍ପେସିଆଲିଟି କେମିକାଲ ଲିମିଟେଡ୍ ବିଶାଖାପାଟଣାରୁ ଏକ ଟ୍ୟାଙ୍କର (ନଂ.ଏନ୍‌ଏଲ୦୧ଏଇ-୩୪୧୪) ରବିବାର କେମିକାଲ ଭର୍ତ୍ତି କରି ପଶ୍ଚିମବଙ୍ଗ ହୁଗୁଳିକୁ ଯାଉଥିଲା। ତେବେ ୧୬ ଜାତୀୟ ରାଜପଥର ହଂସପାଳ ଛକରୁ ସୋମବାର ଟ୍ୟାଙ୍କର ଟାଙ୍କି ଲିକେଜ ହେବାରୁ ଜାତୀୟ ରାଜପଥରେ ତରଳ କେମିକାଲ ଢାଳି ହୋଇଯାଇଥିଲା। ଫଳରେ ସେହି ରାସ୍ତା ଦେଇଯାଉଥିବା ଯାନଗୁଡିକର ଚକା ଖସି ଯିବାରୁ ୮ଜଣ ବାଇକ୍ ଆରୋହୀ ସାମାନ୍ୟ ଆହତ ହୋଇଥିଲେ ଓ ଗୋଟିଏ କାର୍ ରାସ୍ତା ତଳକୁ ଖସି ପଡିଥିଲା। ଫଳରେ କିଛି ସମୟ ପାଇଁ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଖବରପାଇ ପାହାଳ ଥାନା ପିସିଆର ଭ୍ୟାନ ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପିସିଆର ପହଞ୍ଚି ଟ୍ୟାଙ୍କରଟିକୁ ରାସ୍ତାକଡ଼କୁ ସାଇଡ୍ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

## 'ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ ଆବଶ୍ୟକ'

**କଣ୍ଟାପଡା,୧୪ା୩(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ପାରାମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ନିର୍‌ତାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଥଲେଟ୍ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜୀବନରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ସେହିପରି ସମ୍ମାନିତ ଅତିଥି ଭାବେ ପାରା ଅଲିମ୍ପିଆଡ କମଳାକାନ୍ତ ନାୟକ ଯୋଗଦେଇ ନିର୍‌ତାରର ଚିକିତ୍ସକ ପି.ପି. ମହାନ୍ତି, ଡା. ଚିତ୍ତରଞ୍ଜନ ମିଶ୍ରଙ୍କ ଚିକିତ୍ସା ଓ ପ୍ରେରଣା ତାଙ୍କୁ ସଫଳତା ଦେଇଛି ବୋଲି କହିଥିଲେ। ନିର୍‌ତାର ଛାତ୍ର ସଂସଦ ଉପଦେଷ୍ଟା ବଦନ୍ତ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ୬ ଦିନଧରି ହେବାକୁ ଥିବା କ୍ରିକେଟ, ବ୍ୟାଡ୍‌ମିଣ୍ଟନ, ଭଲିବଲ, ଫୁଟବଲ, କବାଡି, ହାଇଜମ୍ପ, ଲଙ୍ଗଜମ୍ପ, ଶଟ୍‌ପୁଟ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗନେବେ।

## ସିଡିଟିଏ ଓଡ଼ିଶା ଓପନ୍ ଟେନିସ୍ ଉଦ୍‌ଯାପିତ

**କଟକ ଅଫିସ, ୧୪ା୩**

ବାରବାଟୀ ଷ୍ଟାଡିୟମସ୍ଥିତ କଟକ ଜିଲା ଟେନିସ୍ ସଂଘ (ସିଡିଟିଏ) କମ୍ପ୍ଲେକ୍ସରେ ଚାଲିଥିବା ଓଏମ୍‌ସି ସିଡିଟିଏ ଓଡ଼ିଶା ଓପନ୍ ଟେନିସ୍-୨୦୨୨ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଭେଟେରାନ୍ ବର୍ଗର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ଟେନିସ୍ ଆସୋସିଏଶନ୍ (ଓଟିଏ) ସଭାପତି ଅସିତ୍ କୁମାର ତ୍ରିପାଠୀ, ଓଡ଼ିଶା ଖଣି ନିଗମ (ଓଏମ୍‌ସି) ନିର୍ଦ୍ଦେଶକ ଆଲୋକ ପଲ୍ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଗତ ୧୦ ତାରିଖରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମକୁ ଓପିଏସ୍‌ସି ଅଧ୍ୟକ୍ଷ ତଥା ଓଟିଏ ସମ୍ପାଦକ ଡ. ସତ୍ୟଜିତ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। ୬ଟି ବର୍ଗରେ ହୋଇଥିବା ଖେଳରେ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଆଇଜି (ପର୍ସନେଲ୍) ଏସ୍. ପ୍ରବୀଣ କୁମାର, ସିଡିଟିଏ ସଭାପତି ଯଶୋବନ୍ତ ଦାସ ଏବଂ କାର୍ଯ୍ୟକାରୀ ସଭାପତି ରଜନୀ ନାୟକ ଉପସ୍ଥିତ ଥିଲେ।

## ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ୧୯ ପ୍ରାର୍ଥୀ

**ଚୌଦ୍ୱାର,୧୪ା୩ (ଡି.ଏନ୍.ଏ.)**

ଆସନ୍ତା ୨୪ରେ ଚୌଦ୍ୱାର ପୌରପାଳିକାରେ ନିର୍ବାଚନ ହେବ। ଏଥିପାଇଁ ପ୍ରାର୍ଥିପତ୍ର ଦାଖଲ, ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ତେବେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ସୋମବାର ଶେଷ ଦିବସରେ ୨ଜଣ ଅଧ୍ୟକ୍ଷା ପ୍ରାର୍ଥୀ ଓ ୧୭ଜଣ କାଉନ୍‌ସିଲର ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ଅଧ୍ୟକ୍ଷା ପ୍ରାର୍ଥୀ ହେଲେ ବିନ୍ଦୁବାସିନୀ ଦାସ ଓ ସୁଜାତା ବେହେରା। ପ୍ରତ୍ୟାହାର ପରେ ମୋଟ୍ ୬ଜଣ ଅଧ୍ୟକ୍ଷା ପ୍ରାର୍ଥୀ ଓ ୭୭ ଜଣ କାଉନସିଲର ପ୍ରାର୍ଥୀ ନିର୍ବାଚନ ଲଢ଼ିବା ନିଶ୍ଚିତ ହୋଇଛି। ଅଧ୍ୟକ୍ଷା ପଦବୀ ପାଇଁ ବିଜେଡିର ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଭାଜପାର ଦେବସ୍ମିତା ନାୟକ, କଂଗ୍ରେସର ମୋନାଲିସା ଦାସ, ସ୍ୱାଧୀନ ଦଳର ପୁଷ୍ପଲତା ପରିଡ଼ା, ସ୍ୱାଧୀନ ପ୍ରାର୍ଥୀ ସୁନୀତା ମହାପାତ୍ର ଓ ଜୟନ୍ତୀ ପୃଷ୍ଟି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ : ସାନି ୱାରିୟର ଚାମ୍ପିୟନ

**ଫୁଲନଖରା, ୧୪ା୩ (ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମ ଖେଳପଡିଆରେ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୪ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ବାଲୁଙ୍କେଶ୍ୱର ବୁଲ୍ସ ଓ ସାନି ୱାରିୟର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସାନି ୱାରିୟର ଟିମ୍ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା।

ଏହାର ଜବାବରେ ବାଲୁଙ୍କେଶ୍ୱର ବୁଲ୍ସ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୯୭ ରନ୍ କରିଥିଲା। ବିଜୟ କୁମାର ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆଗଡ ଗ୍ରାମ୍ୟ ଉନ୍ନୟନ କମିଟିର ଉପସଭାପତି ସନ୍ତୋଷ କୁମାର ଲେଙ୍କା, ସମ୍ମାନିତ ଅତିଥି ଭାବେ ବିକ୍ରମ କିଶୋର ଶତପଥୀ ବିଜନ କୁମାର ରାଉତ, ପ୍ରମୋଦ କୁମାର ବେଉରା, ବିନୋଦ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅଫ୍ ଟିମକୁ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ୨ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାହାର

### ପୌରପରିଷଦ ନିର୍ବାଚନ

**ବାଙ୍କୀ/ଆଠଗଡ଼, ୧୪ା୩(ସ୍ୱ.ପ୍ର.)**

ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ସୋମବାର ଶେଷ ଦିବସ ଥିଲା। ଏହି ଅବସରରେ ବାଙ୍କୀ ଏନ୍‌ଏସି ଅଞ୍ଚଳରୁ ଅଧ୍ୟକ୍ଷା ପଦରୁ ସ୍ୱାଧୀନ ପ୍ରାର୍ଥୀ ସରୋଜିନୀ ମହାପାତ୍ର ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି। ଏହାପରେ ଅଧ୍ୟକ୍ଷା ପଦ ପାଇଁ କଂଗ୍ରେସରୁ ସୁଷମା ମହାପାତ୍ର, ଭାଜପାରୁ ମନୋରମା ସାମନ୍ତରାୟ, ବିଜେଡିରୁ ମାଣିକ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ସୁଭଦ୍ରା ଦଳେଇଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ଚୂଡ଼ାନ୍ତ ହୋଇଛି। କାଉନ୍‌ସିଲର ପଦରେ ୩ ନଂ.ୱାର୍ଡରୁ ଭାଜପା ପ୍ରାର୍ଥୀ ଅନୁପମା ସେଠୀ, ୧ନଂ.ସ୍ୱାଧୀନ ପ୍ରାର୍ଥୀ ସଂଯୁକ୍ତା ରଣା, ୨ନଂ. ସ୍ୱାଧୀନ ପ୍ରାର୍ଥୀ ଝୁନୁ ରାଉତ, ୧୦ନଂ. ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ୧୧ନଂ. ସ୍ୱାଧୀନ ପ୍ରାର୍ଥୀ ଅନନ୍ତ ରଣା, ଅଶୋକ କୁମାର ରଣା, ପ୍ରଫୁଲ୍ଲ କୁମାର ରଣା ଓ ନୀଳମଣି ମହାପାତ୍ର, ୧୪ନଂ. ସ୍ୱାଧୀନ ପ୍ରାର୍ଥୀ ଜ୍ୟୋତିପ୍ରକାଶ ମହାନ୍ତି, ୧୭ ନଂ. ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ସରସ୍ୱତୀ ମନ୍ତ୍ରୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ଆଠଗଡ଼ ଏନ୍‌ଏସିରେ ଅଧ୍ୟକ୍ଷା ପଦରୁ ସ୍ୱାଧୀନ ପ୍ରାର୍ଥୀ ବେବିନାରାଣୀ ମହାନ୍ତି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ଏହି ପଦ ନିମନ୍ତେ ବିଜେଡିରୁ ସସ୍ମିତା ରାଉତ, ଭାଜପା ଇଲା ପଣ୍ଡା, କଂଗ୍ରେସରୁ ଅରୂପମା ଭକ୍ତାଙ୍କ ସମେତ ସ୍ୱାଧୀନ ପାର୍ଥିନୀଭାବେ ଅନ୍ନପୂର୍ଣ୍ଣା ସାମଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡ଼ିଛି। କାଉନ୍‌ସିଲର ପଦରେ ୭ ଓ ୮ନଂ ୱାର୍ଡର ଭାରତୀ ଜେନା ଓ ଅମିତ କୁମାର ପଣ୍ଡା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଏହାଛଡ଼ା ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ୪ନଂ.ୱାର୍ଡର କଂଗ୍ରେସ ପ୍ରାର୍ଥୀ ଜାତି ପ୍ରମାଣପତ୍ର ଦାଖଲ କରିପାରି ନ ଥିଲେ। ଫଳରେ ତାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ୬ ନଂ.ୱାର୍ଡରେ ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ କୌଣସି ପ୍ରାର୍ଥୀ ନ ଥିବା ବେଳେ ୮ ଓ ୧୪ ନଂ. ୱାର୍ଡରେ ଭାଜପା ପକ୍ଷରୁ ପ୍ରାର୍ଥୀ ଦିଆଯାଇନାହିଁ।

## ମେୟରରେ ୧୬, କର୍ପୋରେଟରରେ ୨୫୬

### ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**କଟକ ଅଫିସ, ୧୪ା୩**

ଆସନ୍ତା ୨୪ରେ କଟକ ମହାନଗର ନିଗମ (ସିଏମ୍‌ସି) ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସିଏମ୍‌ସି ପକ୍ଷରୁ ସୋମବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ମେୟର ପାଇଁ ମୋଟ୍ ୧୬ ଜଣ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିଛନ୍ତି ସିଏମ୍‌ସି ନିର୍ବାଚନ ଅଧିକାରୀ ବିଜୟ କୁମାର ଖଣ୍ଡାୟତରାୟ। ମେୟର ପଦବୀ ନିମନ୍ତେ ମୋଟ୍ ୨୨ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ୪ ଜଣ ପ୍ରାର୍ଥୀଙ୍କର ନାମାଙ୍କନ ପତ୍ର ନାକଚ ହୋଇଥିଲା। ଅବଶିଷ୍ଟ ୧୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣ ପ୍ରତ୍ୟାହାର କରିଛନ୍ତି। ଅନେକ ବିବାଦ ପରେ ବିଜେଡିରୁ ବାହାରି ମେୟର ପାଇଁ ସ୍ୱାଧୀନ ଭାବରେ ନାମାଙ୍କନ ପତ୍ର ଦାଖଲ କରିଥିଲେ ଶ୍ରୀରାମ ପାଣ୍ଡେ ଓ ଦୟାନିଧି ନାୟକ। ହେଲେ ଏବେ ସେମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି। ଏବେ ମୋଟ୍ ୧୬ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେମାନଙ୍କ ମଧ୍ୟରେ ୯ ଜଣ ସ୍ୱାଧୀନ ଓ ୭ ଜଣ ଦଳୀୟ ପ୍ରାର୍ଥୀ ରହିଛନ୍ତି।

ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, କଂଗ୍ରେସରୁ ଗିରିବାଳା ବେହେରା, ଭାଜପାରୁ ଶ୍ରୀତମ ଦାସ, ବିଏସ୍‌ପିରୁ ବିଜୟ କୁମାର ସାମଲ, କୃପା ପାର୍ଟିରୁ ପ୍ରେମଜିତ ସାହୁ, ଏଏପିରୁ ସେକ୍ ମୁସ୍ତାକ ଅଲ୍ଲି, ଏସୟୁସିଆଇ(ସି)ରୁ ବବି ବଳବନ୍ତରାୟ ନିର୍ବାଚନ ଲଢିବେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ବିକାଶ କୁମାର ସାହୁ, ଓମ୍ ପ୍ରକାଶ ପଣ୍ଡା, ସଙ୍ଗୀତ କୁମାର ସାମଲ, ରୁଦ୍ର ମହାଦେବ ପଣ୍ଡା, ଜୟଶଙ୍କର ଆଚାର୍ଯ୍ୟ, ଦେବାନନ୍ଦ ମହାପାତ୍ର, ସୌଦାମିନୀ ମିଶ୍ର, ହେମନ୍ତ କୁମାର ସାହୁ ଓ ବୃନ୍ଦାବନ ଦାସ ଆଜାଦ ନିର୍ବାଚନ ଲଢିବା ଏକପ୍ରକାଶ ନିଶ୍ଚିନ୍ତ ହୋଇଛି।

ସେହିପରି କର୍ପୋରେଟର ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ପ୍ରଥମେ ୨୬୯ ଜଣ ପ୍ରାର୍ଥୀ ୨୯୫ ସେଟ୍ ପ୍ରାର୍ଥିପତ୍ର ସିଏମ୍‌ସି ନିକଟରେ ଦାଖଲ କରିଥିଲେ। ଯାଞ୍ଚବେଳେ ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିଲା। ପରେ ୨୬୮ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିଲା। ସେଥିମଧ୍ୟରୁ ସୋମବାର ୧୨ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହାପରେ ୨୫୬ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ ନିଶ୍ଚିତ ହୋଇଛି।





କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନ ପାଇଁ ସୋମବାର ୪୨ ନଂ. ୱାର୍ଡରେ ବିଜେଡି କର୍ପୋରେଟର ପ୍ରାର୍ଥିନୀ ସରୋଜିନୀ ସାହୁ, ୩୪ନଂ. ୱାର୍ଡରେ ଭାଜପା କର୍ପୋରେଟର ପ୍ରାର୍ଥୀ ଦୀପକ କୁମାର ଦାସ ଓ ୨୭ନଂ. ୱାର୍ଡରେ କଂଗ୍ରେସ କର୍ପୋରେଟର ପ୍ରାର୍ଥୀ କେଦାର ପୃଷ୍ଟି ପ୍ରଚାର କରୁଛନ୍ତି।

# ଶୃଙ୍ଖଳିତ, ଅବାଧ ନିର୍ବାଚନକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୪।୩**

ପୌର ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ଓ ଜଟଣୀ ପୌର ପରିଷଦ, ବାଲୁଗାଁ, ବାଣପୁର ଏନ୍‌ଏସିର ଅଧ୍ୟକ୍ଷ ଏବଂ କାଉନସିଲର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଶୃଙ୍ଖଳିତ, ଅବାଧ ମୁକ୍ତ ଲାଗି ସମସ୍ତ ରାଜନୈତିକ ଦଳ ସଦସ୍ୟଙ୍କ ସହ ଏକ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପୌରାଞ୍ଚଳ ଓ ଏନ୍‌ଏସି ପାଇଁ ନିଯୁକ୍ତ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ମନୋଜ କୁମାର ମହାନ୍ତି ଉପସ୍ଥିତ ଥିଲେ। ଜିଲାପାଳ ନିର୍ବାଚନରେ ନିୟୋଜିତ ସମସ୍ତ ପ୍ରଶାସନିକ ଅଧିକାରୀ, ପୋଲିସ ଏବଂ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

ନିର୍ବାଚନ ପର୍ଯ୍ୟବେକ୍ଷକ ମହାନ୍ତି ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଲୋକ୍ଟ୍ରୋନିକ୍ ଭୋଟିଂ ମେଶିନ(ଇଭିଏମ) ଷ୍ଟ୍ରଙ୍ଗରୁମକୁ ସିସିଟିଭି ନଜରରେ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଇଭିଏମ କମିଶନିଂ ସମୟରେ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତି, ମକ୍ ପୋଲିଂ ସମୟରେ ପୋଲିଂ ଏଜେଣ୍ଟ ଉପସ୍ଥିତ ରହିବା ସମ୍ପର୍କରେ ଜିଲାପାଳ ମହାପାତ୍ର କହିଥିଲେ। ଅଧ୍ୟକ୍ଷ ଏବଂ କାଉନସିଲର ଭୋଟ ପାଇଁ ଦୁଇଟି ଅଲଗା ଇଭିଏମ ବ୍ୟବହାର କରାଯିବ। ଖୋର୍ଦ୍ଧା ପୌରାଞ୍ଚଳର ୨୨ୱାର୍ଡ ପାଇଁ ୪୪ଟି ମତଦାନ କେନ୍ଦ୍ରରେ ୧୧୦ଟି ଇଭିଏମ ବ୍ୟବହାର କରାଯିବ। ପ୍ରତି ପୌରାଞ୍ଚଳ ଓ ଏନଏସି ପାଇଁ ଅତିରିକ୍ତ ୨୫ ପ୍ରତିଶତ ଲେଖାଏ ଇଭିଏମ ଜରୁରୀ ସେବା ପାଇଁ ସଂରକ୍ଷିତ ରଖାଯିବ। ଜଟଣୀ ପୌରାଞ୍ଚଳର ୨୩ ୱାର୍ଡରେ ୫୪ଟି ମତଦାନ କେନ୍ଦ୍ରରେ ୧୩୫ ଇଭିଏମ, ବାଲୁଗାଁ ଏନଏସିର ୧୧ ୱାର୍ଡର ୧୬ଟି ବୁଥ ପାଇଁ ୪୦ ଇଭିଏମ ଏବଂ ବାଣପୁର ଏନଏସିର ୧୫ ୱାର୍ଡର ୧୭ଟି ବୁଥ ପାଇଁ ୪୩ଟି ଇଭିଏମ ବ୍ୟବହାର କରାଯିବ। ପୌରାଞ୍ଚଳ ଓ ଏନ୍‌ଏସିରେ ଗୋଟିଏ ପିଙ୍କ ବୁଥ ଏବଂ ମଡେଲ ବୁଥ କେନ୍ଦ୍ର ରହିବ। ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀମାନେ ଆଦର୍ଶ ଆଚରଣ ବିଧି ଅନୁପାଳନ ଲାଗି ଜିଲାପାଳ ମହାପାତ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ୧୫ ଓ ୧୬ ତାରିଖରେ ଉପରୋକ୍ତ ପୌରାଞ୍ଚଳ ଓ ଏନଏସି ନିର୍ବାଚନରେ ନିଯୁକ୍ତ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ୪ଟି ପୌର ନିର୍ବାଚନରେ ୧୬୫ ଯାନ ବ୍ୟବହାର କରାଯିବ। ୧୫୫ଜଣ ପ୍ରିଜାଇଡିଂ ଅଫିସର ନିୟୋଜିତ ହେବେ। ଆସନ୍ତା ୧୬ତାରିଖରେ ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ସହିତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ହେବ। ଭୁବନେଶ୍ୱର ନିମନ୍ତେ ୭୦୫ଟି ବୁଥ କେନ୍ଦ୍ରରେ୧୭୬୩ ଇଭିଏମ, ୩୦୬ଯାନ, ୭୭୪ ପ୍ରିଜାଇଡିଂ ଅଫିସର ନିୟୋଜିତ ହେବେ। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଉପଜିଲାପାଳ ଆଇ.ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ଦାସଙ୍କ ସମେତ ନିର୍ବାଚନରେ ନିୟୋଜିତ ଅନ୍ୟ ପ୍ରଶାସନିକ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟମାନେ।

- ସିସିଟିଭି ନଜରରେ ରହିବ ଇଭିଏମ ଷ୍ଟ୍ରଙ୍ଗରୁମ
- ଆଦର୍ଶ ଆଚରଣ ବିଧି ଅନୁପାଳନ କରିବେ

## ସଂକ୍ଷେପରେ

### ଠାକୁରଙ୍କ ଭୋଗ ଲାଗି ନୀତି ଆରମ୍ଭ

**ଜଟଣୀ,୧୪।୩(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅଧୀନ ଶ୍ରୀହରିବିହାରସ୍ଥିତ ବିଷ୍ଣୁ ମନ୍ଦିର ପକ୍ଷରୁ ଠାକୁରଙ୍କ ଭୋଗ ଲାଗି ନୀତି ଆରମ୍ଭ ହୋଇଛି। ପାପନାଶିନୀ ଏକାଦଶୀଠାରୁ ଦୋଳଗୋବିନ୍ଦ ଓ ଶ୍ରୀଚନ୍ଦନେଶ୍ୱର ଦୋଳବିମାନରେ ବିଜେ କରିବା ପରେ ଭୋଗ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ରୀତିନୀତିରେ ମନ୍ତ୍ର ଉଚ୍ଚାରଣ ସହିତ ଘଣ୍ଟ, ଘଣ୍ଟା, ହରିବୋଲ, ହୁଳହୁଳିରେ ଠାକୁରଙ୍କୁ ବିମାନରେ ବିରାଜିତ କରାଯାଇଥିଲା। ୧୭ ତାରିଖ ପର୍ଯ୍ୟନ୍ତ ଦୈନିକ ସନ୍ଧ୍ୟା ଆଳତି ପରେ ଏହି ନୀତି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୧୪।୩(ଡି.ଏନ୍.ଏ.):** ଜଟଣୀ ବ୍ଲକ ମୁଣ୍ଡଳ ଗ୍ରାମର ମଣିକର୍ଣ୍ଣିକେଶ୍ୱର ଦେବଙ୍କ ପୀଠରେ ତ୍ରୟୋଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆରମ୍ଭ ହୋଇଥିବା ଏହି ମହାଯଜ୍ଞରେ ଶନିବାର ମଧ୍ୟାହ୍ନରେ ମୁଖ୍ୟ ପଣ୍ଡିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଦିକ ରୀତିରେ ପୂଜାର୍ଚ୍ଚନା କରାଯାଇ ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ଆସିଥିଲେ। ପରେ କଳସଗୁଡ଼ିକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମନ୍ଦିର ମୁଖ୍ୟ ପୂଜକ ବଳଭଦ୍ର ପଣ୍ଡା ଏବଂ କୁଳପୁରୋଧା ବାଳକୃଷ୍ଣ ମିଶ୍ରଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ଅଙ୍କୁରାଧିବାସ, ସୂର୍ଯ୍ୟପୂଜା, ଗୋପୂଜା କରାଯାଇଥିଲା। ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପାଲା, ନାମ ସଙ୍କୀର୍ତ୍ତନ, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବରିଷ୍ଠ ମୁରବିଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ।

### ନିର୍ବାଚନ ଫଳାଫଳ ନେଇ ଉତ୍ତେଜନା ଘଟଣା, ଆଉ ଜଣେ ଗିରଫ

ବେଗୁନିଆ,୧୪।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ଫଳାଫଳକୁ ନେଇ ଉତ୍ତେଜନା ଘଟଣାରେ ବେଗୁନିଆ ପୋଲିସ ସୋମବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବେଗୁନିଆ ଗ୍ରାମର ଧନେଶ୍ୱର ବେହେରା। ତେବେ ଗିରଫ ସଂଖ୍ୟା ୩କୁ ଛୁଇଁଛି। ପ୍ରକାଶ ଯେ, ସମିତି ଅଧ୍ୟକ୍ଷ ପଦ ପାଇଁ ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲ୍‌ରେ ମତଦାନ କରାଯାଇଥିଲା। ଫଳାଫଳ ଘୋଷଣା ପରେ ପରାଜିତ ପ୍ରାର୍ଥୀଙ୍କ ସମର୍ଥକମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଥିବା ୩ଟି କାର୍‌କୁ ଭଙ୍ଗାରୁଜା କରିବା ସହ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକଙ୍କୁ ଧମକ ଦେଇଥିଲେ। ସମ୍ପୃକ୍ତଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୬୨/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

### ଗାଁ ବୁଲି ଭୋଗ ଖାଇଲେ କପିଳେଶ୍ୱର ଦେବ

**ନିରାକାରପୁର,୧୪।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତର ବିଜେ ଡିଆ ଠାରେ ଥିବା କପିଳେଶ୍ୱରଦେବ ଓ ନିରାକାରପୁର ପାଣ୍ଡବପାଟଣା ଗ୍ରାମର କପିଳେଶ୍ୱରଦେବ, ନିରାକାରପୁରର ମା'ହରଚଣ୍ଡୀଙ୍କ ସମେତ ଆଖପାଖ ଅଞ୍ଚଳରେ ଥିବା ଦେବଦେବୀମାନେ ସୋମବାର ବିମାନରେ ବସି ଗ୍ରାମ ପରିକ୍ରମା କରି ଦୁଆରେ ଦୁଆରେ ବୁଲି ଭୋଗ ଖାଇଛନ୍ତି। ଏହି କାର୍ଯ୍ୟକ୍ରମ ହୋଲି ପର୍ଯ୍ୟନ୍ତ ଚାଲୁରହିବ ବୋଲି କପିଳେଶ୍ୱର ଦେବଙ୍କ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

## ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ, ୩ ଗୁରୁତର

**ବାଣପୁର,୧୪।୩(ଡି.ଏନ୍.ଏ.)**

ବାଣପୁର ଥାନା ଆୟଉପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କ ଆକ୍ରମଣରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବିଜୟ ସେଠୀ ଓ ତାଙ୍କ ଦୁଇ ପୁଅ ପ୍ରଭାତ ଏବଂ ଶଶିକାନ୍ତ। ଚିକିତ୍ସା ପାଇଁ ଏମାନଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଅକ୍ଷୟ ସେଠିଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବିଜୟ ଏବଂ ଅକ୍ଷୟ ଦୁଇ ପଡୋଶୀ। କୌଣସି କାରଣକୁ ନେଇ ଅକ୍ଷୟ ସର୍ବଦା ବିଜୟଙ୍କ ପରିବାରଲୋକଙ୍କୁ ଗାଳିଗୁଲଜ କରିଆସୁଥିଲେ। ସୋମବାର ଏହାର ସମାଧାନ ପାଇଁ ବିଜୟ ଘରକୁ ଯିବାବେଳେ ହଠାତ୍ ଅକ୍ଷୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ବିଜୟଙ୍କ ଚିତ୍କାର ଶୁଣି ଦୁଇ ପୁଅ ପହଞ୍ଚିଥିଲେ ମଧ୍ୟ ସେମାନେ ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ ଗୁରୁତରଙ୍କୁ ଉଦ୍ଧାର କରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ଅଣ୍ଡର ପାସ୍ ନିର୍ମାଣ ଦାବିରେ ଧାରଣା

**ଝାଁଳା,୧୪।୩(ଡି.ଏନ୍.ଏ.)**

ଝାଁଳା ବଜାରରେ ନିର୍ମାଣାଧୀନ ଓଭରବ୍ରିଜ ଏବଂ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି। ଫଳରେ ସ୍କୁଲ ପିଲାମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ତେବେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ପିଲାମାନେ ସ୍କୁଲ ଯିବା ପାଇଁ ବୁଲିକି ଯିବାକୁ ପଡ଼ିବ। ସ୍କୁଲ ନିକଟରେ ପିଲାଙ୍କ ଯାତାୟାତରେ ସୁବିଧା ପାଇଁ ଏକ ଅଣ୍ଡରପାସ ନିର୍ମାଣ ଦାବି ହୋଇଛି। ଏନେଇ ସୋମବାର ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ସୁରେଶ ପ୍ରଧାନଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଖବରପାଇ ଜୋନ୍-୩ ଏସିପି, ଇନ୍‌ଫୋସିଟି ଥାନା ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଏନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଚିଲିକାରୁ ୩୭୫ ଏକର ଘେରି ଉଚ୍ଛେଦ


ପ୍ରଶାସନ ପକ୍ଷରୁ ଘେରି ଉଚ୍ଛେଦ କରାଯାଉଛି।

**କୃଷ୍ଣପ୍ରସାଦ,୧୪।୩(ଡି.ଏନ୍.ଏ.)**

ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଚିଲିକାରେ ବେଆଇନ ଭାବେ ଗଢ଼ି ଉଠିଥିବା ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ସିପିଆ ନିକଟ ଗୋଠକୁଡ଼ିଆ ଜାଣରୁ ୩୭୫ ଏକର ଘେରି ଉଚ୍ଛେଦ କରାଯାଇଛି। ତହସିଲଦାର ଉଲ୍ଲାସ କୁମାର ସେଠୀ, ଅତିରିକ୍ତ ତହସିଲଦାର ଶଶିଭୂଷଣ ମିଶ୍ର, ଚିଲିକା ଉନ୍ନୟନ ବିଭାଗର ଜଗବନ୍ଧୁ ସାହୁ, ରେଭିନ୍ୟୁ ସୁପରଭାଇଜର ମଧୁସୂଦନ ସ୍ୱାଇଁ, ଆର୍‌ଆଇ ଜ୍ୟୋତିରଞ୍ଜନ ବେହେରା, ସରୋଜ କୁମାର ନାୟକ, କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ୧ ପ୍ଲାଟୁନ ପୋଲିସ ଫୋର୍ସ ଓ ୩୦ଜଣ ଶ୍ରମିକଙ୍କୁ ନେଇ ଏହି ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ତେବେ ଉଚ୍ଛେଦ ବେଳେ ଜବତ ହୋଇଥିବା ଜାଲକୁ ପ୍ରଶାସନ ପକ୍ଷରୁ ପୋଡ଼ିଦିଆଯାଇଛି। ଏହି ଉଚ୍ଛେଦ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ସୂଚନା ମିଳିଛି।

## ୨ରେ ଶ୍ରୀଜଗନ୍ନାଥଙ୍କ ବେଶ ଉତ୍ସବ

**ଖୋର୍ଦ୍ଧା ଅଫିସ,୧୪।୩**

ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୪ ବେଶ ପ୍ରଦର୍ଶନୀ ଉତ୍ସବ ଏପ୍ରିଲ ୨ରେ ଅନୁଷ୍ଠିତ ହେବ। ସ୍ଥାନୀୟ ହାବେଳି ପଡିଆରେ ୫ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବ ୬ ତାରିଖରେ ଉଦ୍‌ଯାପିତ ହେବ। ଏଥିଲାଗି ଏହି ପଡିଆରେ ଭୂମିପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ପହଞ୍ଚିବା ପରେ ଉତ୍ସବ ସ୍ଥାନରେ ପରମ୍ପରା ଅନୁଯାୟୀ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ୫ଦିନ ଧରି ମହାପ୍ରଭୁଙ୍କ ବିଭିନ୍ନ ଆକର୍ଷଣୀୟ ବେଶ ପ୍ରଦର୍ଶନ କରାଯିବ। ବର୍ଷସାରା ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣିରେ ଚତୁର୍ଦ୍ଧା ବିଗ୍ରହ ନାନା ବେଶ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏଥିରେ ଅନେକ ଦେବଦୁର୍ଲ୍ଲଭ ବେଶ ରହିଛି। ଏହି ବେଶଗୁଡିକ ଆୟୋଜନ ଲାଗି ସ୍ଥିର କରାଯାଇଛି। ସେଥିରୁ ମହାପ୍ରଭୁଙ୍କ ବଡ଼ସିଂହାର ବେଶ, ଲକ୍ଷ୍ମୀ ନାରାୟଣ, ବାଙ୍କଚୂଡ଼ା, କୃଷ୍ଣବଳରାମ, ନାଗାର୍ଜ୍ଜୁନ, ରାଜରାଜାଧିଶ୍ୱର ବେଶ, ଦେବଦୁର୍ଲ୍ଲଭ ବେଶ ରହିଛି ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଉତ୍ସବ କମିଟିର ସଭାପତି ଆଇନଜୀବୀ ଅଜିତ୍ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ ପଟ୍ଟନାୟକ, ସୁନୀଲ ପଣ୍ଡା, ବିଜୟ କୁମାର ଦାଶପୁରିଆ, ଶୁଭ୍ରାଂଶୁ ସାମନ୍ତରାୟ ପ୍ରମୁଖ ସଦସ୍ୟ ରହିଛନ୍ତି।

# ରଣାଙ୍ଗନରେ ୩୧ ପ୍ରାର୍ଥୀ

**ବାଲୁଗାଁ,୧୪।୩(ଡି.ଏନ୍.ଏ.)**

**ବାଲୁଗାଁ ବିଜ୍ଞାପିତ ପରିଷଦ**

ପୌର ନିର୍ବାଚନ ପାଇଁ ସୋମବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୧ ୱାର୍ଡ ନିମନ୍ତେ ୨୮ଜଣ କାଉନ୍‌ସିଲର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଅଧ୍ୟକ୍ଷ ପଦ ପାଇଁ ୮ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଅଧ୍ୟକ୍ଷ ପଦରୁ ୨ ଓ କାଉନସିଲର ପ୍ରାର୍ଥୀ ୩ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ନିର୍ବାଚନ ମଇଦାନକୁ ମୋଟ୍ ୩୧ ପ୍ରାର୍ଥୀ ଓହ୍ଲାଇଛନ୍ତି। ଅଧ୍ୟକ୍ଷ ପଦ ପାଇଁ ବିଜେଡିରୁ ସୁକାନ୍ତି ପାଇକରାୟ, ଭାଜପାର ସ୍ୱପ୍ନା ବଡ଼ଜେନା, କଂଗ୍ରେସର କମଳି ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଭାବେ ରମାମଣି ବେହେରା ଓ ଲକ୍ଷ୍ମୀପ୍ରିୟା ଗୁମାନ୍‌ସିଂ ଏବଂ ସିପିଆଇ(ଏମ୍‌ଏଲ୍)ରୁ ରେଣୁ ବେହେରା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଅନ୍ୟପଟେ ୧ନମ୍ବର ୱାର୍ଡ କାଉନ୍‌ସିଲର ପଦ ପାଇଁ ଅଭିମନ୍ୟୁ ସ୍ୱାଇଁ, ଭୋବନା ଦାଶ, ପୁରୁଷୋତ୍ତମ ସ୍ୱାଇଁ, ବିନୋଦ କୁମାର ପଣ୍ଡା ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ୨ନଂ. ୱାର୍ଡ କାଉନସିଲର ପଦ ପାଇଁ ବିକାଶ ବେହେରା, ଲକ୍ଷ୍ମୀଧର ସେଠୀ, ୩ନଂ. ୱାର୍ଡରେ ମମତା ପଣ୍ଡା, ସୁନିତା ମହାରଣା, ୪ନଂ. ୱାର୍ଡ ମିନତି ତରାଇ, ସୁଜାତା ପଣ୍ଡା, ୫ନଂ. ୱାର୍ଡରେ ଅକ୍ଷୟ ରଣସିଂହ, ପ୍ରଶାନ୍ତ ବେହେରା, ରାଜେନ୍ଦ୍ର ବେହେରା, ୬ନଂ. ୱାର୍ଡରେ ମମତା ବେହେରା, ମିନତି ବେହେରା, ୭ନଂ. ୱାର୍ଡରେ ବେଲ ସେଠୀ, ରୁନୁ ବେହେରା, ୮ନଂ. ୱାର୍ଡରେ ମୀରାରାମ ନାଗବଂଶୀମୁଣ୍ଡା, ୯ନଂ. ୱାର୍ଡରେ ବିପ୍ଳବୀ ରବିଶଙ୍କର ସାହ, ବଂଶୀଧର ଜେନା, ସତ୍ୟନାରାୟଣ ସାହୁ, ୧୦ନଂ. ୱାର୍ଡରେ ଅନିତା ସ୍ୱାଇଁ, କାଜଲ ପ୍ରଧାନ, ୧୧ନଂ. ୱାର୍ଡରେ ତନ୍ମୟ କୁମାର ସାହୁ, ଭଗବାନ ପ୍ରଧାନ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ୍ ପାଇଁ ନିବେଦନ କରୁଥିବା ଦେଖିବାକୁ ମିଳିଛି।

## ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ

**ବାଲୁଗାଁ,୧୪।୩(ଡି.ଏନ୍.ଏ.)**

ପୌର ନିର୍ବାଚନ ପାଇଁ ସୋମବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଅପରାହ୍ନରେ ବାଲୁଁଗାରେ ବିଜେଡି ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ପ୍ରମିଳା ମଲ୍ଲିକ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଏବଂ ନାରୀ ସଶକ୍ତୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଏହି ସଭାରେ ସମସ୍ତ କାଉନ୍‌ସିଲର ଓ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ସମେତ ପୂର୍ବତନ ବିଧାୟକ ରଘୁନାଥ ସାହୁ, ପୂର୍ବତନ ମନ୍ତ୍ରୀ ଡା. ଦେବେନ୍ଦ୍ରନାଥ ମାନସିଂହ, ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ଶଙ୍କର ପାଇକରାୟ, ବିଧାୟକଙ୍କ ପ୍ରତିନିଧି ପ୍ରକାଶ କୁମାର ପ୍ରଧାନ, ବାଲୁଗାଁ ବିଜେଡି ସଭାପତି ଜୟନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ବୈଠକରେ ବିଜେଡି ନେତୃବୃନ୍ଦ ଓ ପ୍ରାର୍ଥୀମାନେ।

## ଭାଗ୍ୟ ପରଖିବେ ୩୮ ପ୍ରାର୍ଥୀ

**ବାଣପୁର,୧୪।୩(ଡି.ଏନ୍.ଏ.)**

ବାଣପୁର ବିଜ୍ଞାପିତ ପରିଷଦ ଅଞ୍ଚଳ ପାଇଁ ୪୨ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସୋମବାର ୪ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଅଧ୍ୟକ୍ଷ ପଦ ପାଇଁ ୭ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୧୫ଟି ୱାର୍ଡ ପାଇଁ ମୋଟ୍ ୩୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସୋମବାର ଅଧ୍ୟକ୍ଷ ପଦପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ମୁକେଶ କୁମାର ଜେନାଙ୍କ ସମେତ ୧ନମ୍ବର ୱାର୍ଡର କାଉନସିଲର ପ୍ରାର୍ଥୀ କୃଷ୍ଣ ସ୍ୱରୂପ ବେଦମୁତ୍ତା, ୧୪ନଂ.ୱାର୍ଡର କାଉନସିଲର ପ୍ରାର୍ଥୀ ପ୍ରଭାସିନୀ ଷଡ଼ଙ୍ଗୀ ଏବଂ ୧୫ନଂ. ୱାର୍ଡର ରଶ୍ମିତା ଶତପଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସମେତ ୬ଜଣ ପ୍ରାର୍ଥୀ ଅଧ୍ୟକ୍ଷ ପଦ ପାଇଁ ଆଶାୟୀ ରହିଥିବା ବେଳେ କାଉନସିଲର ପଦ ପାଇଁ ୩୧ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛନ୍ତି। ୧୨ନଂ. ୱାର୍ଡ ପାଇଁ କେବଳ ବିଜେଡି ପ୍ରାର୍ଥୀ ଆଶାଲତା ଜାନୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ଯଦୁପୁରକୁ ହରାଇ ଗୁରୁଜଙ୍ଗ ଚାମ୍ପିୟନ



ଉଦ୍‌ଯାପନୀ ଉତ୍ସବରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୪।୩**

ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଯଦୁପୁର ଟିମ୍‌କୁ ହରାଇ ଗୁରୁଜଙ୍ଗ କ୍ରିକେଟ୍ ଆସୋସିଏଶନ୍ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଗୁରୁଜଙ୍ଗ ଟିମ୍ ୨୦୨ ରନ୍ କରିଥିଲା। ଦଳ ପକ୍ଷରୁ ଅନିଲ ବରାଳଙ୍କ ୧୦୩ ରନ୍ ସଂଗ୍ରହ କରିଥିଲେ। ଜବାବରେ ଯଦୁପୁର ଟିମ୍ ନିର୍ଦ୍ଧାରିତ ଓଭରରେ ୧୭୭ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଜୟ ନାୟକ ୬୫ରନ୍ କରିଥିଲେ। ଅନିଲ୍ ବରାଳ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଏସ୍.କେ.ସଲମାନ୍ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଥିଲେ। ଅସିତ୍ ତ୍ରିପାଠୀ, ସନ୍ଦୀପ ମହାନ୍ତି, ସାନୁଜ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଅତିଥିଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା ଯୋଗଦେଇ ଚାମ୍ପିୟନ ଟିମକୁ ପୁରସ୍କୃତ କରିଥିଲେ। ସାମାଜିକ କର୍ମୀ ଅମିୟ ପ୍ରଧାନ, ରବିନାରାୟଣ ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ୭୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩୭,୫୧୪ ଭୋଟର

**ଖୋର୍ଦ୍ଧା ଅଫିସ,୧୪।୩**

**ଖୋର୍ଦ୍ଧା ପୌର ପରିଷଦ**

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ସୋମବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷ ମହିଳା ପାଇଁ ସଂରକ୍ଷିତ ରହିଛି। ଅଧ୍ୟକ୍ଷା ଦୌଡରେ ୭ଜଣ ପ୍ରାର୍ଥୀ ରହିଥିଲେ। ପୂର୍ବରୁ ସ୍ୱାଧୀନ ପ୍ରାର୍ଥୀ ସବନମ ବିବି ଏବଂ ଶେଷ ଦିବସରେ ସୁଚିତା ମଲିକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ପୌରାଧ୍ୟକ୍ଷା ମଇଦାନରେ ୩ଜଣ ପ୍ରାର୍ଥୀ ରହିଛନ୍ତି। ଶାସକ ଦଳ ବିଜେଡିରୁ କନକଲକ୍ଷ୍ମୀ ମହାନ୍ତି, ଭାଜପାରୁ କୁନିଲତା ସ୍ୱାଇଁ ଏବଂ କଂଗ୍ରେସରୁ ବିନୋଦିନୀ ମହାପାତ୍ର ରହିଛନ୍ତି। ୨୨ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ପୌରାଞ୍ଚଳରେ ୩ପ୍ରମୁଖ ଦଳ ସମେତ ୭୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସୋମବାର ୫ଜଣ ସ୍ୱାଧୀନ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ୬୭ କାଉନସିଲର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ମାର୍ଚ୍ଚ ୨୪ରେ ୩୭ହଜାର ୫୧୪ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

ସୂଚନା ମୁତାବକ, ୧ନଂ. ୱାର୍ଡରେ ବିଜେଡିରୁ ଜିତେନ୍ଦ୍ର ବେହେରା ଓ ଭାଜପାର ସଞ୍ଜିବ ପଟ୍ଟନାୟକଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ସେହିପରି ୨ନଂ. ୱାର୍ଡରେ ବିଜେଡିର ତିଲୋତ୍ତମା ବେହେରା ଓ ଶୁଭଲକ୍ଷ୍ମୀ ମହାରଣାଙ୍କ ମଧ୍ୟରେ ଲଢେଇ ହେବ। ୩ନଂ. ୱାର୍ଡରେ ବିଜେଡିରୁ ଦିଲୀପ ପରିଡା, ଭାଜପାରୁ ମନୋରଞ୍ଜନ ମହାପାତ୍ର ଓ କଂଗ୍ରେସରୁ ଗିରିଜା ଭୂଷଣ ମହାପାତ୍ରଙ୍କ ସମେତ ସ୍ୱାଧୀନ ଭାବେ ସତ୍ୟ ରଞ୍ଜନ ପରିଡା ଓ ନରେନ୍ଦ୍ର କୁମାର ପରିଡା ଲଢୁଛନ୍ତି। ୪ନଂ.ୱାର୍ଡରେ ବିଜେଡିରୁ ପ୍ରଶାନ୍ତ କୁମାର ସେଠୀ ଓ ଭାଜପାରୁ ବିମଳ କୁମାର ଦାସ ରହିଛନ୍ତି। ୫ନଂ. ୱାର୍ଡରେ ବିଜେଡିରୁ ଅମିୟ ମହାନ୍ତି, ଭାଜପାରୁ ନଗର ସଭାପତି ଲୋକନାଥ ପ୍ରଧାନ ଏବଂ ସ୍ୱାଧୀନ ପ୍ରାର୍ଥୀ ଦେବପ୍ରସାଦ ରଥ ନିର୍ବାଚନ ଲଢୁଛନ୍ତି। ୬ନଂ. ୱାର୍ଡରେ ବିଜେଡିରୁ କମଳ ପ୍ରଧାନ, ଭାଜପାରୁ ଦେବବ୍ରତ ଆଚାର୍ଯ୍ୟ, କଂଗ୍ରେସରୁ ବିଷ୍ଣୁଚରଣ ଦାଶ, ସ୍ୱାଧୀନ ଭାବେ ଦୁର୍ଗା ପ୍ରସାଦ ସ୍ୱାଇଁ ରହିଛନ୍ତି। ୭ନଂ. ୱାର୍ଡରେ ବିଜେଡିର ଅଜିତ୍ ପଟ୍ଟନାୟକ ଓ କଂଗ୍ରେସର ଆଶିଷ ନାୟକଙ୍କ ମଧ୍ୟରେ ଟକ୍କର ହେବ। ୮ନଂ. ୱାର୍ଡରେ ବିଜେଡିରୁ ପୂର୍ବତନ କାଉନସିଲର ବିଭୂ ପ୍ରସାଦ ସାହୁ, ଭାଜପାର ଚିନ୍ମୟ ମଲିକ, କଂଗ୍ରେସର ଦେବବ୍ରତ ମିଶ୍ର ଏବଂ ସ୍ୱାଧୀନ ଭାବେ ସୁଶାନ୍ତ ଜେନା ଓ ସନ୍ଧ୍ୟାରାଣୀ ମହାନ୍ତି ମଇଦାନରେ ରହିଛନ୍ତି। ୯ନଂ.ୱାର୍ଡରେ ବିଜେଡିରୁ ସଂଯୁକ୍ତା ଦାସ, ଭାଜପାର ରାନୁ ବେହେରା ଏବଂ ସ୍ୱାଧୀନ ପ୍ରାର୍ଥୀ ରଶ୍ମିତା ବେହେରା ରହିଛନ୍ତି। ୧୦ନଂ. ୱାର୍ଡରେ ବିଜେଡିରୁ ପ୍ରଶାନ୍ତି ନାୟକଙ୍କୁ ଟକ୍କର ଦେଉଛନ୍ତି ସ୍ୱାଧୀନ ପ୍ରାର୍ଥୀ ମୋନାଲିସା ସିଂ। ୧୧ନଂ. ୱାର୍ଡରେ ବିଜେଡିରୁ ରଜନୀ ନାୟକଙ୍କ ସହ ଭାଜପାରୁ ଶ୍ରୀଷ୍ଟି ମାଝିଙ୍କ ମଧ୍ୟରେ ଫାଇଟ ହେବ। ୧୨ନଂ.ୱାର୍ଡରେ ବିଜେଡିରୁ ସୌମ୍ୟରଞ୍ଜନ ମହାନ୍ତି, ଭାଜପାର ପୂର୍ବତନ କାଉନସିଲର ଜାନକୀ ବଲ୍ଲଭ ବେହେରା ଓ ସ୍ୱାଧୀନ ଭାବେ ବ୍ରହ୍ମାନନ୍ଦ ବେହେରା ଲଢୁଛନ୍ତି। ୧୩ ନଂ. ୱାର୍ଡରେ ବିଜେଡିରୁ କାଦମ୍ବିନୀ ରାଉତ, ଭାଜପାରୁ ପ୍ରିୟଦର୍ଶିନୀ ଭୂଜବଳ ରହିଛନ୍ତି। ୧୪ନଂ. ୱାର୍ଡରେ ବିଜେଡିରୁ ସଞ୍ଜୁ ବେହେରା, ଭାଜପାରୁ ମେନେକା ବେହେରା ଏବଂ ନର୍ମଦା ଦାଶ ସ୍ୱାଧୀନ ଭାବେ ଲଢୁଛନ୍ତି। ୧୫ନଂ. ୱାର୍ଡରେ ବିଜେଡିରୁ ପ୍ରବୀଣା ଜଗଦ୍ଦେବରାୟ, ଭାଜପାରୁ ସୁସ୍ମିତା ମହାନ୍ତି, କଂଗ୍ରେସରୁ ଜୟନ୍ତୀ ରାୟ ରହିଛନ୍ତି। ୧୬ନଂ. ୱାର୍ଡରେ ବିଜେଡିରୁ ପ୍ରମୋଦ ବଳିଆରସିଂ, ଭାଜପାରୁ ରବି ନାରାୟଣ ବେହେରା ଓ କଂଗ୍ରେସରୁ ନଗର ସଭାପତି ରଣଜିତ ମହାପାତ୍ର ଲଢୁଛନ୍ତି। ୧୭ନଂ. ୱାର୍ଡରେ ବିଜେଡରୁ ସଞ୍ଜୁକ୍ତା ଜେନା, ଭାଜପାରୁ ଲିନା ସ୍ୱାଇଁ, କଂଗ୍ରେସରୁ ଲକ୍ଷ୍ମୀପ୍ରିୟା ଦାଶ ରହିଛନ୍ତି। ୧୮ନଂ. ୱାର୍ଡରେ ବିଜେଡିରୁ ଚିନ୍ମୟୀ ସାହୁ, ଭାଜପାରୁ ବିଦ୍ୟୁଲତା ସାହୁ ଓ କଂଗ୍ରେସରୁ ପ୍ରିୟଙ୍କା ପାଇକରାୟ ଓ ଜିନା ମହାପାତ୍ର ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ୧୯ନଂ. ୱାର୍ଡରେ ବିଜେଡିରୁ ପଦ୍ମିନୀ ମିଶ୍ର ଓ ଭାଜପାର ସୁଜାତା ସାହୁଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ୨୦ନଂ. ୱାର୍ଡରେ ବିଜେଡିରୁ ଲୋକନାଥ ପରିଡା, ଭାଜପାରୁ କାହ୍ନୁ ପ୍ରସାଦ ସେନାପତି ଏବଂ ସ୍ୱାଧୀନ ଭାବେ ଜ୍ୟୋତି ପ୍ରସାଦ ରାମ ଓ ଅନିଲ କୁମାର ରାମ ଲଢୁଛନ୍ତି। ୨୧ନଂ. ୱାର୍ଡରେ ବିଜେଡିରୁ ଫରହାନା ଆଜମ, କଂଗ୍ରେସରୁ ଗୁଲସନ ବେଗମ ଏବଂ ସ୍ୱାଧୀନ ଭାବେ ଓମେମା ବେଗମ ଓ ଗୁଲଦସ୍ତ ବେଗମ ଲଢୁଛନ୍ତି। ୨୨ନଂ. ୱାର୍ଡ ଅଣସଂରକ୍ଷିତ ରହିଥିବା ବେଳେ ଏଠାରେ ବିଜେଡିରୁ ନାଗଭୂଷଣ ଜେନା, ଭାଜପାର ସ୍ମିତାରାଣୀ ଦାଶ ଓ କଂଗ୍ରେସର ପ୍ରକାଶ ଚନ୍ଦ୍ର ବେହେରାଙ୍କ ମଧ୍ୟରେ କଡା ଟକ୍କର ହେବ।

## ରେଳ ବିଭାଗ ନୋଟିସ୍‌କୁ ବସ୍ତିବାସିନ୍ଦାଙ୍କ ବିରୋଧ

ପୁରୀ ଅଫିସ- ରାମଚଣ୍ଡୀ ବାଲିକୁଦା ସାହିକୁ ଉଚ୍ଛେଦ କରିବା ନିମନ୍ତେ ରେଳ ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସ୍‌କୁ ପ୍ରତ୍ୟାହାର କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାହିବାସିନ୍ଦାଙ୍କୁ ଘର ମିଳି ନ ଥିବା ଅଭିଯୋଗ କରି ସୋମବାର ରାମଚଣ୍ଡୀ ବାଲିକୁଦା ସାହି ବାସିନ୍ଦାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାମଚଣ୍ଡୀ ବାଲିକୁଦା ଜାଗାଟି ରେଲୱେର ହୋଇଥିବାରୁ ଗତ ୭ ତାରିଖରେ ଘର ଭାଙ୍ଗିବାକୁ ରେଲୱେ ନୋଟିସ୍ ଦେଇଥିଲା। ଆସନ୍ତା ୨୨ ତାରିଖ ସୁଦ୍ଧା ଘର ଖାଲି କରିବାକୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କୃଷ୍ଣ ମୋହନ ପ୍ରଧାନ, ହରିହର ଜେନା, ବାବୁ ଦାସ, ସତ୍ୟ ନାରାୟଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୩।୨୦୨୨

| | |
|---|---|
| ୫,୫୬,୬୮୬ ଟଙ୍କା | |
| ସୁନା | ୨୨୦ ମିଲିଗ୍ରାମ |
| ରୁପା | ୧୭୮.୮୦୦ଗ୍ରାମ |

# ଦିବ୍ୟାଙ୍ଗ ନାବାଳିକାଙ୍କୁ ଭାଇ ସାଙ୍ଗଙ୍କ ବଳାତ୍କାର

**ପୁରୀ ଅଫିସ,୧୪।୩:**

ପୁରୀ ସଦର ଥାନା ଅଞ୍ଚଳରେ ଅନୁସୂଚିତ ଜାତିର ଜଣେ ଦିବ୍ୟାଙ୍ଗ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ନିଜ ଘରେ ନାବାଳିକା (୧୫)ଙ୍କୁ ତାଙ୍କ ବଡ଼ଭାଇଙ୍କ ସାଙ୍ଗ ବଳାତ୍କାର କରିଛନ୍ତି। ଏନେଇ ପୀଡ଼ିତାଙ୍କ ପରିବାର ଲୋକେ ସୋମବାର ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ପ୍ରଶାନ୍ତ କୁମାର ବେହେରାଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ କୋର୍ଟ ଚାଲାଣ କରାଯାଇନାହିଁ। ଏହି ଘଟଣା ପୁରୀ ସହରରେ ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ସମ୍ମୁଖରେ ହାଜର କରାଯାଇଥିଲା। ଶିଶୁ କଲ୍ୟାଣ କମିଟି ସଦସ୍ୟ ରମାଶଙ୍କର ପାତ୍ର କହିଛନ୍ତି, ପୀଡ଼ିତାଙ୍କ ସୁରକ୍ଷା ଓ ଆବଶ୍ୟକତାକୁ ଦୃଷ୍ଟି ଦେବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା ନେଇ ପ୍ରକ୍ରିୟା ଆରମ୍ଭ କରିବା ପାଇଁ କୁହାଯାଇଛି। ନାବାଳିକା ଓ ତାଙ୍କ ପରିବାର ଲୋକେ ପୋଲିସ ସହ ଯୋଗାଯୋଗରେ ରହି ସୁରକ୍ଷା ନେଇପାରିବେ। କେହି ଧମକଚମକ ଦେଉଥିଲେ କିମ୍ବା କୌଣସି ପ୍ରକାରରେ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବାର ଅଭିଯୋଗ ହେଲେ ପୋଲିସ ସୁରକ୍ଷା ଦେବ ବୋଲି ସିଡବ୍ଲ୍ୟୁସିକୁ ଜଣାଇଛି।

### ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଲେ ପୀଡ଼ିତାଙ୍କ ପରିବାର

ଏହି ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ଭାଇ କହିଛନ୍ତି, ପ୍ରଶାନ୍ତ ମୋ' ସାଙ୍ଗ। ତେଣୁ ଅଧିକାଂଶ ସମୟରେ ସେ ଆମ ଘରକୁ ଆସିଥାନ୍ତି। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଆମ ଘରେ ପ୍ରଶାନ୍ତ ଥିଲେ। ନାବାଳିକା ଭଉଣୀ ଛାତଘରକୁ ମୋବାଇଲ ଚାର୍ଜର ଆଣିବାକୁ ଯାଇଥିବାବେଳେ ପ୍ରଶାନ୍ତ ତାଙ୍କ ପଛେପଛେ ଯାଇଥିଲେ। ଭଉଣୀକୁ ଏକୁଟିଆ ଦେଖି ସେଠାରେ ବଳାତ୍କାର କରିଥିଲେ। ଏ ବିଷୟରେ ଆମ ପରିବାର ବର୍ଗ ଜାଣିବା ପରେ ଥାନାରେ ମାମଲା ଦେବା ପାଇଁ ପ୍ରସ୍ତୁତ ହୋଇଥିଲୁ। ତେବେ ପ୍ରଶାନ୍ତଙ୍କ ପରିବାର ଲୋକେ ଆମକୁ ଧମକଚମକ ଦେଇଥିଲେ। ଏହାସତ୍ତ୍ୱେ ରବିବାର ସନ୍ଧ୍ୟାରେ ଆମେ ସାହସ ଜୁଟାଇ ପୁରୀ ସଦର ଥାନାକୁ ଯାଇ ଏତଲା ଦେଇଥିଲୁ। କିନ୍ତୁ ପୋଲିସ ମାମଲାକୁ ଗୁରୁତ୍ୱର ସହ ନେଲା ନାହିଁ। ଏପରିକି ଅଭିଯୁକ୍ତଙ୍କୁ ଖୋଜି ପାଉ ନ ଥିବା କହିଥିଲା। ଏହାପରେ ଆମେ ମିଶି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲୁ। ମାତ୍ର ଏପର୍ଯ୍ୟନ୍ତ ପୋଲିସ କୋର୍ଟ ଚାଲାଣ କରୁନାହିଁ। ସେହିପରି ଗ୍ରାମର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଏହି ମାମଲାକୁ ଚାପିଦେବା ପାଇଁ ଧମକ ଦେଉଛନ୍ତି ବୋଲି ପୀଡ଼ିତାଙ୍କ ଭାଇ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ କୋର୍ଟ ଚାଲାଣ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପୁରୀ ସଦର ଥାନା ଆଇଆଇସି ସୁମତି ମହାନ୍ତି କହିଛନ୍ତି, ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା ସରିପାରି ନ ଥିବାରୁ ତାଙ୍କୁ କୋର୍ଟ ଚାଲାଣ କରାଯାଇନାହିଁ। ଏ ନେଇ ଦଫା ୩୭୬(୧) ଏବଂ ପୋକ୍‌ସୋ ଆକ୍ଟରେ ଏକ କେସ୍ (ନଂ. ୭୮/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବଢ଼ୁଛି ବଳାତ୍କାର ଘଟଣା

**ପୁରୀ ଅଫିସ,୧୪।୩:**

ପୁରୀ ସହରରେ ବଳାତ୍କାର ଘଟଣା ବଢ଼ିଚାଲିଛି। ଗତ ଦୁଇମାସ ମଧ୍ୟରେ ୩ଟି ବଳାତ୍କାର ମାମଲା ସାମ୍ନାକୁ ଆସିଛି। ଜାନୁୟାରୀ ୨୪ରେ ପୁରୀ ଟାଉନ ଥାନା ଅଞ୍ଚଳରେ ଜଣେ ୫ବର୍ଷର ଶିଶୁଙ୍କୁ ପଡ଼ୋଶୀ ବଳାତ୍କାର କରିଥିଲେ। ସେହିଭଳି ଜାନୁୟାରୀ ୨୫ ପୁରୀ ପାଇଁ ଲଜ୍ୟାଜନକ ଦିନ ଥିଲା। ଏହି ଦିନ ଦୁଇଟି ନାବାଳିକା ବଳାତ୍କାର ମାମଲା ଅଭିଯୋଗ ହୋଇଥିଲା। ବଳିଆପଣ୍ଡା ଅଞ୍ଚଳରେ ଘରକୁ ଚିକେନ୍ ଖାଇବାକୁ ଡ଼ାକି ଜଣେ ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ସମୁଦ୍ରକୂଳ ଥାନା ଅଞ୍ଚଳରେ ଜଣେ ବାପା ନିଜ ଶିଶୁକନ୍ୟାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏସବୁ ଘଟଣାରେ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଏଭଳି ଘଟଣା ରୋକାଯାଇପାରୁନାହିଁ।

## ସଂକ୍ଷେପରେ

### କବିତା ପୁସ୍ତକ 'ଅନେକ ଖୋଜିଲା ପରେ' ଲୋକାର୍ପିତ

ପୁରୀ ଅଫିସ, ୧୪।୩: ଶ୍ରୀପର୍ଣ୍ଣା ପ୍ରକାଶନୀ ପୁରୀ ଆନୁକୂଲ୍ୟରେ କବି ପତିତପାବନ ରାଉତଙ୍କ ରଚିତ କବିତା ପୁସ୍ତକ 'ଅନେକ ଖୋଜିଲା ପରେ' ଲୋକାର୍ପିତ ଉତ୍ସବ ସୋମବାର ନାରୀସେବା ସଦନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶକ୍ତି ବିଭାଗ ସଚିବ କବି ଧନଞ୍ଜୟ ସ୍ୱାଇଁ ଯୋଗଦେଇ କବିତା ସହଜ, ସରଳ ଓ ବୋଧଗମ୍ୟ ହେଲେ ତାହାକୁ ଭଲ କବିତା କୁହାଯାଇପାରିବ ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ସମାଲୋଚକ ମୁରଲିଧର ସାମଲ ଯୋଗଦେଇ କବିତା ସବୁବେଳେ ଅର୍ନ୍ତମୁଖୀ ହେବା ଜରୁରୀ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କବି ରକ୍ଷକ ନାୟକ, ସମ୍ମାନିତ ବକ୍ତା ଭାବେ କବି ବାସନ୍ତୀ ଦେବୀ ଓ ମଞ୍ଜୁଶ୍ରୀ ମିଶ୍ର ମଞ୍ଚାସୀନ ଥିଲେ। କବି ସୁଜାତା ସିହ୍ନା ପ୍ରକାଶିତ କବିତା ଗ୍ରନ୍ଥରୁ କିଛି ନିର୍ବାଚିତ କବିତା ପାଠର ସଂଯୋଜନା କରିଥିଲେ। କବି ସୁରେଶ ପଟ୍ଟନାୟକ, ଭାରତୀ ଭୂଷଣ ଦାସ, ଚିତ୍ତ ରଞ୍ଜନ ବିଶ୍ୱାଳ, ପ୍ରିୟ ପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ଦାସ, ହେମାଙ୍ଗିନୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌରାଙ୍ଗ ଚରଣ ଦାସ ମଞ୍ଚାସୀନ ଅତିଥିମାନଙ୍କୁ ଉପହାର ପ୍ରଦାନ କରିଥିଲେ। ଶ୍ରୀପର୍ଣ୍ଣା ପ୍ରକାଶନୀର ମୁଖ୍ୟ ଉମାକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୨୯ ଶିକ୍ଷକଙ୍କୁ ମିଳିଲା ନିୟମିତ ଶିକ୍ଷକ ମାନ୍ୟତା

ନିମାପଡ଼ା,୧୪।୩(ଡି.ଏନ୍.ଏ.)- ନିମାପଡ଼ା ବ୍ଲକର ୨୯ଜଣ କନିଷ୍ଠ ଶିକ୍ଷକଙ୍କୁ ଦୀର୍ଘ ୬ବର୍ଷର ବ୍ୟବଧାନ ପରେ ନିୟମିତ ଶିକ୍ଷକର ମାନ୍ୟତା ମିଳିଛି। ଏହି ୨୯ଜଣ ଶିକ୍ଷକଙ୍କୁ ନିମାପଡ଼ା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଏକ ସମାରୋହରେ ପୁରୀ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ, ବିଇଓ ଦ୍ୱୀତିକାନ୍ତ ପ୍ରଧାନ ଯୋଗଦେଇ ନିୟମିତ ଆଦେଶପତ୍ର ପ୍ରଦାନ କରିଥିଲେ। ପରେ ନିମାପଡ଼ା ପୂର୍ଣ୍ଣେଶ୍ୱରୀ ମନ୍ଦିର ପରିସରରେ ନିମାପଡ଼ା ଶାଖା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଂଘ ସଭାପତି ସୁକାନ୍ତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ନିହାଲ ଅଖତର୍, କାର୍ଯ୍ୟକାରୀ ସଭାପତି ଭାରତୀ ସେନାପତି, ଉପସଭାପତି ଭଗବାନ ସେଠୀ, ସହ ସମ୍ପାଦକ ଶଶୀଭୂଷଣ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଓ ଶିକ୍ଷକ ବନ୍ଧୁମାନେ ଯୋଗଦେଇ ନୂତନ ଭାବେ ନିୟମିତ ହୋଇଥିବା ୨୯ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନିମାପଡ଼ା ବ୍ଲକ ଶିକ୍ଷକ ସଂଘ ଓ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବାକୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏକଜୁଟ ହୋଇ ସହଯୋଗର ହାତ ବଢ଼ାଇବାକୁ ଆୟୋଜିତ ସମାରୋହରେ କର୍ମକର୍ତ୍ତାମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।




ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ପୁରୀ ରାଣୀସତୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

# ଶ୍ରୀରାଧାଙ୍କ ପରି ସମର୍ପଣ ଭାବରେ କୃଷ୍ଣ ପ୍ରାପ୍ତି ସମ୍ଭବ

**ପୁରୀ ଅଫିସ,୧୪।୩:**

ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ରାଣୀସତୀ ଭବନରେ 'ରାଧାଚେତନାର ଦ୍ୱିବିଧ ଧାରା ଓ ଗୋପୀନାଥ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଟ୍ରଷ୍ଟର ଉପଦେଷ୍ଟା ପୁଷ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପଣ୍ଡା ଯୋଗଦେଇ କହିଥିଲେ, ଫାଲ୍‌ଗୁନ ମାସରେ ରାଧାରାଣୀ ଓ ଭଗବାନ ଶ୍ରୀକୃଷ୍ଣଙ୍କ ଗୋପଲୀଳା ରାସ ଅନୁଷ୍ଠିତ ହୋଇଥାଏ। ରାଧା ଚେତନାର ଭାବାବେଗ ଗୋପୀମାନଙ୍କୁ ଉଦ୍‌ବୁଦ୍ଧ କରିଥାଏ। ଏହା ହେଉଛି ଭାରତର ଆଧାତ୍ମିକ ପରମ୍ପରା। ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ଡ. ପ୍ରମୋଦ କୁମାର ଦଳାଇ ଯୋଗଦେଇ ଶ୍ରୀରାଧା ତତ୍ତ୍ୱର ଉତ୍ପତ୍ତି ଉତ୍ସ ଭାବମୟ ଚେତନା ଏବଂ ରାସତତ୍ତ୍ୱର ମହତ୍ତ୍ୱ ସମ୍ପର୍କରେ ଅବତାରଣା କରି କହିଥିଲେ, ଶ୍ରୀରାଧାଙ୍କ ପରି ସମର୍ପଣ ଭାବରେ ହିଁ କୃଷ୍ଣ ପ୍ରାପ୍ତି ସମ୍ଭବ ହୋଇପାରିବ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ହରପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ୧୧୯୮ ମସିହାରେ ରାଜା ଯଯାତିକେଶରୀଙ୍କ ରାଜତ୍ୱ ସମୟରେ ଶ୍ରୀକ୍ଷେତ୍ରେ ଲକ୍ଷ୍ମୀ ପୁରୁଷୋତ୍ତମ ଉପାସନା ପରେ ପରେ ରାଜା ତୃତୀୟ ଅନଙ୍ଗଭୀମ ଦେବ ଏବଂ ଚୋଡ଼ଗଙ୍ଗଦେବଙ୍କ ସମୟରେ ନୂତନ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ଯେବେ ଚୈତନ୍ୟ ପୁରୀ ଆଗମନ କରିଥିଲେ ସେବେଠାରୁ ଶ୍ରୀକ୍ଷେତ୍ରରେ ରାଧାକୃଷ୍ଣ ଉପାସନା ଆରମ୍ଭ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ଡ. ବଳରାମ ଦାଶ, ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ର, ପ୍ରତିଭା ତ୍ରିପାଠୀ, ଶିବ ସୁନ୍ଦର ମିଶ୍ର , କ୍ରିଷ୍ଣା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଭବାନୀ ପ୍ରସାଦ ବଳିଆରସିଂହ ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଲେଖକ ତୀର୍ଥେଶ ଚନ୍ଦ୍ର ରାୟ, ପ୍ରତିଭା ତ୍ରିପାଠୀ ଏବଂ କ୍ରିଷ୍ଣା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଗବତ ପଟ୍ଟନାୟକ, ତପନ କୁମାର ସେଠୀ ଓ ବିଚିତ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩ୟ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

**କୋଣାର୍କ,୧୪।୩(ଡି.ଏନ୍.ଏ.)**

କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ ନାଟ୍ୟଦୀପ ଆନୁକୂଲ୍ୟରେ ସୋମବାର ୩ୟ ଲୋକକଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ନିହିତାର ସମ୍ପାଦକ ଭକ୍ତବିହାରୀ ମିଶ୍ର, କୋଣାର୍କ ଜଗନ୍ନାଥ ମନ୍ଦିର ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକ, ସାମାଜିକ କର୍ମୀ ତଥା ଶିକ୍ଷାବିତ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଲୁପ୍ତ ଲୋକକଳାକୁ ପ୍ରଚାର ପ୍ରସାର କରି ସମାଜରେ ପ୍ରାଚୀନ ଲୋକନୃତ୍ୟ ଓ କଳାକୃତି ପୁନଃ ଜୀବିତ କରିବା ଦିଗରେ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ଉଦ୍ୟମ ପ୍ରଶଂସନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶୀ ନୃତ୍ୟ, ଭଜନ ଓ ସଂସ୍କୃତି ସଚେତନ ଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସହ ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା, ସୌଭାଗ୍ୟ କୁମାର ସ୍ୱାଇଁ, ଅଜିତ କୁମାର ସ୍ୱାଇଁ, କାଳନ୍ଦୀଚରଣ ସ୍ୱାଇଁଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।




ଲୋକକଳା ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# ଥାନା ପରିସରରେ ଗାଡ଼ି ରଖିବାରୁ ମାଡ଼

**ପୁରୀ ଅଫିସ,୧୪।୩:**

ଥାନା ପରିସରରେ ଗାଡ଼ି ରଖିବାରୁ ପୋଲିସ ଜଣେ ଆଇନଜୀବୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଘୂରିବୁଲୁଛି। ଘଟଣାକୁ ୨୪ଘଣ୍ଟା ପୂରିଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ଆଇନଜୀବୀ ଚିନ୍ମୟ କୁମାର ଦାଶ। ସେ କହିଛନ୍ତି, ରବିବାର ରାତି ୯ଟାରେ ଜଣେ ସମ୍ପର୍କୀୟଙ୍କୁ ସେ ଭେଟିବାକୁ ଚନ୍ଦନପୁର ଥାନାକୁ ଯାଇଥିଲେ। ଏହି ସମୟରେ ସେ ଥାନା ପରିସରରେ ନିଜ ଗାଡ଼ି ପାର୍କିଂ କରିଥିଲେ। ତେବେ ଥାନା ଅଧିକାରୀ ପ୍ରକାଶ ମହାନ୍ତି ଗାଡ଼ି ପାର୍କିଂକୁ ନେଇ ତାଙ୍କୁ ଗାଳିଗୁଲଜ କରିଥିଲେ। ସେ ପାଲଟା ପ୍ରଶ୍ନ କରିବାରୁ ତାଙ୍କୁ ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀମାନେ ଆକ୍ରମଣ କରିଥିଲେ ବୋଲି ଚିନ୍ମୟ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ପୁରୀ ଓକିଲ ସଂଘର ଏକ ଟିମ୍ ସୋମବାର ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେବା ସହ ସଂପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଓକିଲ ସଂଘ ଧାରଣା ଦେବ ବୋଲି ଏସ୍‌ପିଙ୍କୁ ଜଣାଇଛି। ଅନ୍ୟପକ୍ଷରେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଅଭିଯୋଗ ଆଣିଲେ ଆଇନଜୀବୀ

## ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ୪ ପୌରାଧ୍ୟକ୍ଷା, ୩ କାଉନସିଲର

**କୋଣାର୍କ,୧୪।୩(ଡି.ଏନ୍.ଏ.)**

ପୌର ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସରେ ବିଜେଡିର ୩ ବିଦ୍ରୋହୀ, ଭାଜପାର ଜଣେ ବିଦ୍ରୋହୀ ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ସମେତ ୩ଜଣ କାଉନସିଲର ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ପ୍ରକାଶ ଯେ, କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡ ନିମନ୍ତେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ସୋମବାର ଥିଲା ଶେଷଦିନ। ବିଜେଡିର ପୌରାଧ୍ୟକ୍ଷା ପ୍ରାର୍ଥିନୀ ସଂଯୁକ୍ତା ତ୍ରିପାଠୀ, କଂଗ୍ରେସରୁ ରୂପାଲିନୀ ସ୍ୱାଇଁ, ଭାଜପାରୁ ଚନ୍ଦ୍ରିକା ରାଉତରାୟ, ବିଏସ୍‌ପିର କବିତା ଓଝା, ସ୍ୱାଧୀନରୁ ରଞ୍ଜୁଲତା ଭୋଳ ଓ ଆଶାଲତା ରାଉତରାୟଙ୍କ ସମେତ ୬ଜଣ ପୌରାଧ୍ୟକ୍ଷା ପ୍ରାର୍ଥିନୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ୧୩ଟି ୱାର୍ଡ ନିମନ୍ତେ ୪୯ଜଣ ଦଳୀୟ ଓ ସ୍ୱାଧୀନ କାଉନସିଲର ପ୍ରାର୍ଥୀମାନେ ନିର୍ବାଚନ ମଇଦାନରେ ଓହ୍ଲାଇଛନ୍ତି। ଚଳିତ ପୌର ନିର୍ବାଚନରେ କୋଣାର୍କ ଏନ୍‌ଏସିରେ ମୁଖ୍ୟତଃ ତ୍ରିମୁଖୀ ପୌରାଧ୍ୟକ୍ଷା ଲଢ଼େଇ ହେବା ଚିତ୍ର ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ସ୍ପଷ୍ଟ ହୋଇଛି। ଏହି ଏନ୍‌ଏସିର ୱାର୍ଡ ସଂଖ୍ୟା ୧୩ ଓ ମତଦାତା ସଂଖ୍ୟା ୧୨,୧୬୧ଜଣ।

# ପ୍ରାର୍ଥୀଙ୍କ ପାଇଁ ନେତାଙ୍କ ଜୋରଦାର ପ୍ରଚାର

**ନିମାପଡ଼ା,୧୪।୩(ଡି.ଏନ୍.ଏ.)**

ନିମାପଡ଼ା ଏନ୍‌ଏସିରେ ପୌର ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଚାର ମଇଦାନରେ ଭାଜପାର ହେଭିୱେଟ ନେତା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା ଓ ବରିଷ୍ଠ ନେତା ଦିଲୀପ ନାୟକ ଓହ୍ଲାଇଛନ୍ତି। ଏହି ନେତାଦ୍ୱୟ ପ୍ରଚାରର ମଙ୍ଗଧରି ଗାଁକୁ ଗାଁ, ଘରକୁ ଘର ବୁଲି ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ସୋମବାର ଭାଜପାର ଅଧ୍ୟକ୍ଷା ପ୍ରାର୍ଥୀ ବିଲୁପ୍ତାପ୍ରିୟଦର୍ଶିନୀ ମହାନ୍ତି, ୬ନଂ. ୱାର୍ଡର କାଉନସିଲର ପ୍ରାର୍ଥୀ ଶକୁନ୍ତଳା ବେହେରା ଓ ୭ନଂ.ୱାର୍ଡର କାଉନସିଲର ପ୍ରାର୍ଥୀ ସତ୍ୟାଶିଷ ଦାସଙ୍କ ଗହଣରେ ନେତା ପ୍ରଭାତି ପରିଡ଼ା, ଦିଲୀପ ନାୟକ, ବିମଳେନ୍ଦୁ ସ୍ୱାଇଁ, ଦିଲୀପ ପାତ୍ର, ମିନଲତା ମହାନ୍ତି, ସସ୍ମିତା ସାମନ୍ତରାୟ, ମିନାକ୍ଷୀ ଦାଶ ପ୍ରମୁଖ ୬ନଂ. ୱାର୍ଡ ଓ ୭ନଂ. ୱାର୍ଡର ବିଭିନ୍ନ ଅଞ୍ଚଳକୁ ଶୋଭାଯାତ୍ରା କରି ଗାଁ ଗାଁ ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୁଖୀ ଯୋଜନାକୁ ପ୍ରତ୍ୟେକ ଗାଁରେ ପହଞ୍ଚାଇବା ଓ ରାଜ୍ୟରେ ଚାଲିଥିବା ଭ୍ରଷ୍ଟାଚାରୀ ଶାସନକୁ ପରିବର୍ତ୍ତନ କରିବାକୁ ହେଲେ ଭାଜପା ପ୍ରାର୍ଥୀମାନଙ୍କୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନେତାମାନେ ନିବେଦନ କରିଥିଲେ। ଏହି ପଥପ୍ରାନ୍ତ ସଭା ଓ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଓ ଯୁବ କର୍ମୀମାନେ ସାମିଲ ଥିଲେ।

## ପୋଲ ମରାମତି ପରେ ସ୍ୱାଭାବିକ ହେଲା ଯାତାୟାତ

**ପୁରୀ ଅଫିସ, ୧୪।୩:**

ଚନ୍ଦନପୁର ନିକଟ କାଞ୍ଚିନାଳ ବ୍ରିଜ ନିକଟ ରାସ୍ତା ମରାମତି ପରେ ସୋମବାର ସେଠାକାର ଟ୍ରାଫିକ ଅବରୋଧକୁ ପ୍ରଶାସନ ପକ୍ଷରୁ ହଟାଇ ଦିଆଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ କରିବା ସହ ଯାତାୟାତ ସ୍ୱାଭାବିକ ହୋଇଛି। ସୂଚନାଯୋଗ୍ୟ ଏହି ପୋଲ ମରାମତି ନିମନ୍ତେ ଦୀର୍ଘଦିନ ଧରି ଜାତୀୟ ରାଜପଥର ଉକ୍ତ ସ୍ଥାନଟି ବନ୍ଦ ରହିଥିଲା। ଏହି ରାସ୍ତା ପୁରୀ-ଭୁବନେଶ୍ୱରକୁ ସଂଯୋଗ କରୁଥିବା ଜାତୀୟ ରାଜପଥର ଅଂଶବିଶେଷ। ୨୦୧୮ରେ ପୋଲର ବେସ୍ ବେରିଂ ଦବିଯାଇଥିବା ଜଣାପଡ଼ିଥିଲା। ପୋଲଟି ବିପଦଜ୍ଜନକ ଅବସ୍ଥାରେ ଏକ ପଟକୁ ଢଳି ରହିଥିଲା। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାରେ ଯାତାୟତ ବନ୍ଦ କରାଯାଇଥିଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ସ୍ଥାନ ପରିଦର୍ଶନ କରି ମରାମତି ପାଇଁ ପରାମର୍ଶ ଦେଇଥିଲେ। ଏହାପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କାର୍ଯ୍ୟର ଗତି ଧୀମା ନେଇ ଅଭିଯୋଗ ହୋଇଥିଲା। ମରାମତି କାର୍ଯ୍ୟ ମାର୍ଚ୍ଚ ୧୫ ସୁଦ୍ଧା ସାରିବା ପାଇଁ ଜିଲା ପ୍ରଶାସନକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ଧାର୍ଯ୍ୟ ତାରିଖର ଦିନକ ପୂର୍ବରୁ ମରାମତି କାର୍ଯ୍ୟ ସରିଛି। ଏଥିସହ ଯାତାୟାତ ସ୍ୱାଭାବିକ ହୋଇପାରିଥିବାରୁ ସାଧାରଣରେ ଖୁସି ପ୍ରକାଶ ପାଇଛି।

# ମଠ, ମନ୍ଦିରର ସୁରକ୍ଷା ପାଇଁ ବୈଠକ

**କଣାସ,୧୪।୩(ସ୍ୱ.ପ୍ର.):**

ପୁରୀ ଜିଲାରେ ଗତ କିଛିଦିନ ହେବ ବିଭିନ୍ନ ଗ୍ରାମର ମନ୍ଦିରଗୁଡ଼ିକରୁ ମୂର୍ତ୍ତି ସବୁ ଚୋରି କରାଯାଉଥିବାରୁ ପୋଲିସ ବିଭାଗ ପାଇଁ ଚିନ୍ତା ବଢ଼ିଯାଇଛି। କଣାସ ବ୍ଲକରେ ଦୁଇ ମାସ ତଳେ ବାବା ବୈଦ୍ୟନାଥଙ୍କ ମନ୍ଦିରରୁ ମୂର୍ତ୍ତି ଓ ପ୍ରଭା ଚୋରି ହୋଇଥିବା ବେଳେ ଚାରିଦିନ ତଳେ ଈଶାନେଶ୍ୱର ମନ୍ଦିରରୁ ଶିବ ପାର୍ବତୀ ଓ ରାଧାକୃଷ୍ଣ ମୂର୍ତ୍ତି ଚୋରି ହୋଇଯାଇଛି। କଣାସ ଥାନା ଅଧିକାରୀ ସୁଜିତ ଦାସ ରବିବାର କଣାସ ଥାନା ଇଲାକାରେ ଥିବା ସମସ୍ତ ମଠ ମନ୍ଦିରର ସେବାୟତମାନଙ୍କୁ ଡାକି କିପରି ମନ୍ଦିରର ସୁରକ୍ଷା ହେବ ସେଥିପାଇଁ ଏକ ବୈଠକ ଥାନା ପରିସରରେ କରିଥିଲେ। ଏହି ବୈଠକରେ କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ମହାରାଜ, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ, ସିରେଇ ଗଡିଶ୍ୱରଦେବଙ୍କ ସେବକ ସୁଧାକର ପଣ୍ଡା, ତ୍ରିଲୋଚନୋପୁର ଗ୍ରାମ ସଭାପତି ନାରାୟଣ ଆଚାର୍ଯ୍ୟ, ମାଣ୍ଡିଆକେରା, କଖାରୁବସ୍ତ, ବଡ଼ାସ, ଦେଓିଆପଡା, ସବଳଙ୍ଗ, ଇଚ୍ଛାପୁର, ଜଙ୍କିଆ, ଗଡ଼ବଳଭଦ୍ରପୁର ପ୍ରଭୃତି ବିଭିନ୍ନ ଗ୍ରାମରେ ଥିବା ମନ୍ଦିରର ସେବାୟତମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ମନ୍ଦିରରେ ସିସିଟିଭି ଲଗାଇବା ସହିତ ଲୁହାର ଗ୍ରୀଲ ଲାଗିଥିବାରୁ ଆଇରନ ଲଗାଇବା ପାଇଁ ଥାନା ଅଧିକାରୀ ସମସ୍ତଙ୍କୁ ଅନୁରୋଧ କରିବା ସହିତ ଯଦି କୌଣସି ଅଚିହ୍ନା ବ୍ୟକ୍ତି ଗ୍ରାମରେ ବୁଲନ୍ତି, ତେବେ ତୁରନ୍ତ ଥାନାକୁ ଜଣାଇବା ପାଇଁ ସେବାୟତମାନଙ୍କୁ ପରାମର୍ଶ ଦେଇଥିଲେ।

# ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ଭାଜପାର ସତ୍ୟାଗ୍ରହ

**ନିମାପଡ଼ା,୧୪।୩(ଡି.ଏନ୍.ଏ.)**

ନିମାପଡ଼ା ଭାଜପା ମଣ୍ଡଳ ପକ୍ଷରୁ ବିଭିନ୍ନ ଦାବି ନେଇ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପାଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶତାଧିକ ଭାଜପା ନେତା ଓ କର୍ମୀ ୧ ଘଣ୍ଟା ଧରି ସତ୍ୟାଗ୍ରହ କରିବା ସହ ବିଭିନ୍ନ ନାରାବାଜି ଦେଇଥିଲେ। ବିଜେଡି ନେତା ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବାଣପୁରଠାରେ ନିରୀହ ଜନତାଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିବା ପ୍ରତିବାଦରେ ଓ ଏଭଳି ଅମାନୁଷିକ କାର୍ଯ୍ୟ ଘଟାଇଥିବା ବିଧାୟକ ଜଗଦ୍ଦେବଙ୍କୁ ରାଜ୍ୟ ସରକାର ତୁରନ୍ତ ଗିରଫ କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ବିଧାୟକଙ୍କ ଗୁଣ୍ଡାରାଜ, ଅମାନବୀୟ କାର୍ଯ୍ୟକୁ ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା, ମିନଲତା ମହାନ୍ତ, ଦିଲୀପ ପାତ୍ର, ମାନସ ପ୍ରଧାନ, ବିଜୟ ପଣ୍ଡା, ଭାଜପାର ଅଧ୍ୟକ୍ଷା ପ୍ରାର୍ଥୀ ବିଲୁପ୍ତା ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏହି ସତ୍ୟାଗ୍ରହରେ ନିମାପଡ଼ା ଏନ୍‌ଏସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବହୁ ଭାଜପା କାଉନସିଲର ପ୍ରାର୍ଥୀ ସାମିଲ ହୋଇଥିଲେ।

### ଚିଲିକା ବିଧାୟକଙ୍କୁ ଗିରଫ ଦାବି




ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଭାଜପା କର୍ମୀମାନେ ସତ୍ୟାଗ୍ରହ କରିଛନ୍ତି ।

# ଦକ୍ଷତା ବିକାଶ ପାଇଁ ଶିଳ୍ପ ପ୍ରତିଷ୍ଠାନର ସହଯୋଗ ଆବଶ୍ୟକ

**ପୁରୀ ଅଫିସ, ୧୪।୩:**

ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ନୂଆଦିଲ୍ଲୀ ଆନୁକୂଲ୍ୟରେ ପୁରୀ ବାଲିଗୁଆଳି ସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ପରିସରରେ ଗତ ଦୁଇଦିନ ଧରି ଚାଲିଥିବା 'ଦକ୍ଷତାର ବିକାଶ ପାଇଁ ଶିଳ୍ପ ପ୍ରତିଷ୍ଠାନର ପାରସ୍ପରିକ କ୍ରିୟା ଓ ସହଯୋଗ' ଶୀର୍ଷକ ଜାତୀୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ତଥା ଫାର୍ମାସ୍ୟୁଟିକାଲ ଟେକନୋଲୋଜି ବ୍ରେନ୍‌ୱେର ବିଶ୍ୱବିଦ୍ୟାଳୟ କୋଲକାତାର ପୂର୍ବତନ ମୁଖ୍ୟ ଡ. ବିଶ୍ୱଜିତ୍ ମୁଖାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଔଷଧ ତିଆରି କ୍ଷେତ୍ରରେ ନାନୋ ଟେକ୍ନୋଲୋଜିର ବ୍ୟବହାର କରି ଔଷଧକୁ କିପରି ପାର୍ଶ୍ୱ ପ୍ରତିକ୍ରିୟା ବିହୀନ କରିହେବ ତା'ଉପରେ ମୁଖାର୍ଜୀ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ଔଷଧ ତିଆରି କମ୍ପାନୀ ଓ ଫାର୍ମାସୀ ଅନୁଷ୍ଠାନ ମଧ୍ୟରେ କିପରି ଦକ୍ଷତା ଆଦାନ ପ୍ରଦାନ କରିହେବ ସେନେଇ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ବୈଜ୍ଞାନିକ ଡ. ସୁଶାନ୍ତ କୁମାର ରାଉତ ଏବଂ ହାଇଦ୍ରାବାଦସ୍ଥିତ ବି.ଏଫ୍.ଇ ଫାର୍ମାର ବୈଷୟିକ ପରିଚାଳକ ଡ. ସୌମ୍ୟ ରଞ୍ଜନ ଶତପଥି ଯୋଗଦେଇ ଛାତ୍ରୀଛାତ୍ରମାନେ ଫାର୍ମାସୀ କ୍ଷେତ୍ରରେ ନିଜ ଦକ୍ଷତା ବିକାଶ ଦ୍ୱାରା ସମାଜର ମଙ୍ଗଳ କରିପାରିବେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଫାର୍ମାସୀ ବିଭାଗର ମୁଖ୍ୟ ପ୍ରଫେସର ଏସ୍.କେ. ମହାପାତ୍ର କହିଲେ ଯେ, ଫାର୍ମାସୀ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହେଲେ ଶିକ୍ଷାନୁଷ୍ଠାନର ଉପକାର ହେବା ସହ ଏହି ପାଠ ପ୍ରତି ନୂତନ ପିଢ଼ିଙ୍କ ଆଗ୍ରହ ପ୍ରକାଶ ପାଇବ। ସେହିପରି ବ୍ରେନୱେର ବିଶ୍ୱବିଦ୍ୟାଳୟର ଫାର୍ମାସ୍ୟୁଟିକାଲ ଟେକ୍ନୋଲୋଜି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ଭକ୍ତି ଭୂଷଣ ବାରିକ ଯୋଗଦେଇ ଔଷଧ ଶିଳ୍ପ ଏବଂ ଫାର୍ମାସୀ ଅନୁଷ୍ଠାନ ମଧ୍ୟରେ ପାରସ୍ପରିକ କ୍ରିୟା ବିନିମୟ ଓ ସହଯୋଗ ରହିଲେ ଛାତ୍ରୀଛାତ୍ରଙ୍କ ଦକ୍ଷତାର ବିକାଶ ଘଟିପାରିବ ବୋଲି କହିଥିଲେ। ଜାତୀୟ ସମ୍ମିଳନୀର ସଂଯୋଜକ ତଥା ଆସୋସିଏଟ୍ ପ୍ରଫେସର ଡ. ଚିନ୍ମୟ କେଶରୀ ସାହୁ ଏବଂ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ଅଭିଭାଷଣ ଦେଇଥିଲେ। ଅଧ୍ୟାପକ ସିଦ୍ଧେଶ୍ୱର ପ୍ରସାଦ ପାଟଯୋଶୀ ଏହି ସଭାକୁ ପରିଚାଳନା କରିଥିଲେ। ଡ. ସଞ୍ଜୟ ନାୟକ, ଡ. ବିନୟ କେଶରୀ ସାହୁ, ଡ. ନିକୁଞ୍ଜ ବିହାରୀ ମିଶ୍ର, ସୁନିତା ମିଶ୍ର, ବସନ୍ତ କୁମାର ବେହେରା, ଭକ୍ତବନ୍ଧୁ ଜେନା, ଜଶ ରାୟ, ଅସିତ୍ କୁମାର ଷଡଙ୍ଗୀ, ଅମରେଶ ପୃଷ୍ଟି ଓ ରାଜଶ୍ରୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଜାତୀୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ